


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୭ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 07 AUGUST 2020
Vol.No. 30 ■ No. 199 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj




2nd Admission is going on
SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
*For better development of students are taught by highly and well experienced faculties.*
Contact No:
9437294587, 9438232419, 9437443950, 9937557158,9438317887
S d- P.C Bindhani
Chairman


## ପାକିସ୍ତାନକୁ ଭାରତର ଦୃଢ ଜବାବ: ଆତଙ୍କବାଦର ପ୍ରୋତ୍ସାହନକାରୀ ଦେଶ ଆମ ମାମଲାରେ ଚୁପ ରହୁ

ନୂଆଦିଲ୍ଲୀ,୬।୮ (ନି.ପ୍ର): ଅଯୋଧ୍ୟାରେ ରାମ ଜନ୍ମଭୂମିରେ ମନ୍ଦିର ନିର୍ମାଣ ନେଇ ପାକିସ୍ତାନ ଦେଇଥିବା ବକ୍ତବ୍ୟ ଉପରେ କଡା ପ୍ରତିକ୍ରିୟା ଦେଇଛି ଭାରତ । ଭାରତ କହିଛି ଯେ ଆତଙ୍କବାଦୀ ମାନଙ୍କୁ ପାଳି ପୋଷି ପ୍ରୋତ୍ସାହନ ଦେଉଥିବା ଓ ନିଜ ଦେଶରେ ସଂଖ୍ୟା ଲଘୁ ମାନଙ୍କୁ ଅଧିକାରରୁ ବଂଚିତ କରୁଥିବା ଦେଶ ଠାରୁ କଣ ବା ଆଶା କରା ଯାଇ ପାରେ । ଏଭଳି ଦେଶକୁ ଭାରତର ଆଭ୍ୟନ୍ତରୀଣ ମାମଲା ଉପରେ ଟିପ୍ପଣୀ କରିବା ଉଚିତ ନୁହେଁ । ଏଭଳି ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜକ ବୋଲି ଭାରତ ପକ୍ଷରୁ କୁହା ଯାଇଛି ।

# ରାଜ୍ୟରେ ଆଉ ୧୦ ମୁଣ୍ଡ ନେଲା କରୋନା : ମୃତ୍ୟୁ ସଂଖ୍ୟା ୨୩୫ ହେଲା




ଭୁବନେଶ୍ୱର,୬।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୨୩୫ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ତିନି ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ୨ ଜଣ ସୁନ୍ଦରଗଡ ଜିଲ୍ଲାର ତଥା ନୟାଗଡ,ଭଦ୍ରକ, କନ୍ଧମାଳ, ନବରଙ୍ଗପୁର, କେନ୍ଦୁଝର ଜିଲ୍ଲାରୁ ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ୫୨ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ସେହିପରି ନବରଙ୍ଗପୁର ଜିଲ୍ଲାର ଜଣେ ୪୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୨୮ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ଭାବେ ଗଂଜାମ ଜିଲ୍ଲାର ଜଣେ ୪୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ନୟାଗଡ ଜିଲ୍ଲାର ଜଣେ ୩୯ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାର ଜଣେ ୫୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଅନିୟନ୍ତ୍ରିତ ମଧୁମେହ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଅନ୍ୟ ଜଣେ ୫୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଭଦ୍ରକ ଜିଲ୍ଲାର ଜଣେ ୫୩ ବର୍ଷ ବୟସ୍କା କରୋନା ଆକ୍ରାନ୍ତ ମହିଳା ମୃତ୍ୟୁ ବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । କନ୍ଧମାଳ ଜିଲ୍ଲାର ଜଣେ ୬୧ ବର୍ଷ ବୟସ୍କ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । କେନ୍ଦୁଝର ଜିଲ୍ଲାର ଜଣେ ୫୨ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ, ଉଚ୍ଚ ରକ୍ତଚାପ ଓ କ୍ରନିକ କିଡନି ରୋଗରେ ପୀଡିତ ଥିଲେ ।

## ମନୋଜ ସିହ୍ନା କେନ୍ଦ୍ର ଶାସିତ ପ୍ରଦେଶ ଜାମ୍ମୁ କାଶ୍ମୀରର ନୂତନ ଉପ ରାଜ୍ୟପାଳ ନିଯୁକ୍ତ




ନୂଆଦିଲ୍ଲୀ,୬।୮ (ନି.ପ୍ର): ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗୁରୁବାର ଦିନ କେନ୍ଦ୍ର ଶାସିତ ପ୍ରଦେଶ ଜାମ୍ମୁ କାଶ୍ମୀରର ଉପ ରାଜ୍ୟପାଳ ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଇସ୍ତଫା ସ୍ୱୀକାର କରିଛନ୍ତି । ସେହିପରି ତାଙ୍କର ସ୍ଥାନରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ମନୋଜ ସିହ୍ନାଙ୍କୁ ନୂତନ ଉପ ରାଜ୍ୟପାଳ ଭାବେ ନିଯୁକ୍ତି ଦେଇଛନ୍ତି । ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରୀ କରା ଯାଇଛି । ଏହି ବିଜ୍ଞପ୍ତିରେ କୁହା ଯାଇଛି ଯେ ଉପ ରାଜ୍ୟପାଳ ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଇସ୍ତଫା ସ୍ୱୀକାର କରା ଯିବା ସହ ତାଙ୍କ ସ୍ଥାନରେ ମନୋଜ ସିହ୍ନାଙ୍କୁ ନୂତନ ଉପ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆ ଯାଇଛି । ଉଲ୍ଲେଖନୀୟ ଯେ ଗତ ୯ ମାସ ଧର ଶ୍ରୀ ମୁର୍ମୁ ଜାମ୍ମୁ କାଶ୍ମୀରର ଉପ ରାଜ୍ୟପାଳ ଭାବେ ଦାୟିତ୍ୱ ସମ୍ଭାଳିବା ପରେ ବୁଧବାର ରାତ୍ରୀରେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ । ୧୯୮୫ ବ୍ୟାଚର ଆଇଏଏସ ଅଧିକାର ଶ୍ରୀ ମୁର୍ମୁ ନରେନ୍ଦ୍ର ମୋଦିଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ତାଙ୍କର ପ୍ରିନସିପାଲ ସେକ୍ରେଟାରୀ ଭାବେ କାମ କରିଥିଲେ ।

## ଗୁଜରାତ ହସପିଟାଲରେ ଅଗ୍ନିକାଣ୍ଡ ଘଟଣାରେ ଦୁଃଖ ବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,,୬।୮ (ନି.ପ୍ର): ଅହମଦାବାଦର ଏକ କୋବିଡ ହସପିଟାଲରେ ଅଗ୍ନିକାଣ୍ଡ ଯୋଗୁ ଲୋକ ମାନେ ପ୍ରାଣ ହରାଇବା ମାମଲାରେ ଦୁଃଖ ବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।
ସେ ଟ୍ୱିଟ କରି କହିଛନ୍ତି ଯେ ଅହମଦାବାଦର ହସପିଟାଲରେ ନିଆଁ ଲାଗିବା ଘଟଣା ସମ୍ପର୍କରେ ସୂଚନା ପାଇ ମୁଁ ଦୁଃଖିତ । ଶୋକ ସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା। ଆହତ ମାନେ ଶୀଘ୍ର ସୁସ୍ଥ ହେବେ ବୋଲି ମୋର ଆଶା। ମୁଁ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀ ଏ ମେୟର ବିଜୟ ପଟେଲଙ୍କ ସହ କଥାବାର୍ତ୍ତା ହେଲି । ପ୍ରଶାସନ ପ୍ରଭାବିତ ମାନଙ୍କ ପାଇଁ ଯଥା ସମ୍ଭବ ସହାୟତା କରୁଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡରୁ ପ୍ରତ୍ୟେକ ମୃତକଙ୍କ ପରିବାର ଲୋକଙ୍କୁ ୨-୨ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦେବାକୁ ଘୋଷଣା କରିଛନ୍ତି । ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରା ଯାଇଛି।

## ପ୍ରବାସୀ ଶ୍ରମିକଙ୍କୁ ଚାକିରୀ ଦେବା ପ୍ରତିଶ୍ରୁତି ପୂରଣ କରନ୍ତୁ ରାଜ୍ୟ ସରକାର : ବିଜେପି




ଭୁବନେଶ୍ୱର,୬।୮ (ନି.ପ୍ର): କରୋନା ସଙ୍କଟ ସମୟରେ ପ୍ରବାସୀ ଶ୍ରମିକମାନେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି । ରାଜ୍ୟ ବାହାରେ ପାଖାପାଖି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଓଡିଆ ଶ୍ରମିକ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ରହିଥିଲେ । କରୋନା ମହାମାରୀ ସମୟରେ ବିଭିନ୍ନ ସଂସ୍ଥା ବନ୍ଦ ହୋଇଥିବାରୁ ପ୍ରବାସୀ ଶ୍ରମିକମାନେ ଏବେ ନିଜ ନିଜ ଗାଁରେ ଅଛନ୍ତି । କାମଧନ୍ଦା ଓ ରୋଜଗାର ନମିଳିବାରୁ ଅନେକ ଶ୍ରମିକ ପଲାୟନ କରୁଛନ୍ତି । ଏହା ସତ୍ତ୍ୱେ ବି ରାଜ୍ୟସରକାର ସେମାନଙ୍କୁ ନା ଚିହ୍ନଟ କରୁଛନ୍ତି ନା ସେମାନଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ କରୁଛନ୍ତି । ମାନ୍ୟବର ସୁପ୍ରିମକୋର୍ଟ ପ୍ରବାସୀ ମାନଙ୍କର ଦକ୍ଷତା ମ୍ୟାପିଂ କରିବା ପାଇଁ ସମସ୍ତ ରାଜ୍ୟସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟସରକାର ଏପର୍ଯ୍ୟନ୍ତ ଏହାକୁ ଲାଗୁ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି । କରୋନା ସମୟରେ କେଉଁ ଜିଲ୍ଲାରେ କେତେ ଶ୍ରମିକ ବାହାର ରାଜ୍ୟରୁ ଆସିଛନ୍ତି ଆଉ ଏବେ କେତେ ଜଣ କାମଧନ୍ଦା ପାଇଁ ପୁଣି ରାଜ୍ୟ ବାହାରକୁ ଗଲେଣି, ତାହାର ତାଲିକା ରାଜ୍ୟ ସରକାରଙ୍କ ପାଖରେ ନାହିଁ । ଆମେ ଚାକିରୀ ଦେବୁ କହି କେବଳ ମିଥ୍ୟା ପ୍ରଚାର କରି ଚାଲିଛନ୍ତି ରାଜ୍ୟସରକାର । ଯଦି ରାଜ୍ୟସରକାର ବାସ୍ତବରେ ପ୍ରବାସୀ ଶ୍ରମିକ ▶▶ପୃଷ୍ଠା ୭

## କୋଭିଡ୍ ହସ୍ପିଟାଲ୍‌ରେ ଅଗ୍ନିକାଣ୍ଡ ଘଟଣାରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୬।୮ (ନି.ପ୍ର): ଅହମଦାବାଦ୍ ସ୍ଥିତ ଏକ କୋଭିଡ୍ ହସପିଟାଲ୍ ରେ ଅଗ୍ନିକାଣ୍ଡଜନିତ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକମାନଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଦୁଃଖକୁ ସହନ କରିବା ନିମନ୍ତେ ଶକ୍ତି ମିଳୁ ବୋଲି ସେ କହିବା ସହିତ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଖୋର୍ଦ୍ଧା ଏସପିଙ୍କୁ କରୋନା

ଭୁବନେଶ୍ୱର,୬।୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଜୟ ପ୍ରତାପ ସ୍ୱାଇଁ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ନିଜର କରୋନା ସ୍ୱାବ ରିପୋର୍ଟ ପଜିଟିଭ ଆସିଥିବା ନେଇ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ପୋଲିସ ମୁଖ୍ୟାଳୟର ଜଣେ କର୍ମଚାରୀ ସଂକ୍ରମିତ ହୋଇଥିଲେ । ସଂପୃକ୍ତ କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିବାରୁ ଅନ୍ୟମାନଙ୍କର ସ୍ୱାବ୍ ନିଆଯାଇଥିଲା । ସ୍ୱାବ୍ ଟେଷ୍ଟରେ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ଅଜୟ ପ୍ରତାପ ସ୍ୱାଇଁଙ୍କର ରିପୋର୍ଟ ପଜିଟିଭ ଆସିଥିବା ଜଣାପଡ଼ିଥିଲା । ତାଙ୍କୁ ଡାକ୍ତର ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦେଇଥିବା ଜଣାଯାଇଛି ।

## ଆଜି ବାତିଲ୍ ରହିବ କୋଣାର୍କ ସ୍ୱତନ୍ତ୍ର ଏକ୍ସପ୍ରେସ



ଭୁବନେଶ୍ୱର,୬।୮ (ନି.ପ୍ର): ଆସନ୍ତା କାଲି (ଶୁକ୍ରବାର) ଦିନ ଭୁବନେଶ୍ୱରରୁ ଛାଡିବାକୁ ଥିବା ୦୧୦୨୦ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ସ୍ୱତନ୍ତ୍ର ଟ୍ରେନ ଭୁବନେଶ୍ୱର ଠାରୁ ବାତିଲ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି । ମାତ୍ରାଧିକ ବର୍ଷା ଦ୍ୱାରା ମୁମ୍ବାଇରେ ରେଳଧାରଣା ଉପରେ ପାଣି ଜମିରହିଥିବା ଯୋଗୁଁ ଗତକାଲି (ବୁଧବାର) ମୁମ୍ବାଇରୁ ଛାଡିବାକୁ ଥିବା ୦୧୦୧୯ ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ସ୍ୱତନ୍ତ୍ର ଟ୍ରେନ କୁ ବାତିଲ ରହିଥିଲା । ତେଣୁ ସଂଯୋଗକାରୀ ଟ୍ରେନ ନଆସିବା ଯୋଗୁଁ ଶୁକ୍ରବାର ଦିନ ଭୁବନେଶ୍ୱରରୁ ଛାଡିବାକୁ କୋଣାର୍କ ସ୍ୱତନ୍ତ୍ର ଟ୍ରେନ ବାତିଲ ରହିବ ।

## ଦେଶର ଶ୍ରେଷ୍ଠ ୧୦୦ ପ୍ରତିଷ୍ଠାନ ତାଲିକାରେ ଓଡିଶାରୁ ୧୧

ଭୁବନେଶ୍ୱର,୬।୮ (ନି.ପ୍ର): ଓଡ଼ିଶାର ୭ଟି ସରକାରୀ ଓ ୪ଟି ବେସରକାରୀ ଶିକ୍ଷ ପ୍ରତିଷ୍ଠାନ (ଆଇଟିଆଇ) ଦେଶର ଶ୍ରେଷ୍ଠ ୧୦୦ଟି ପ୍ରତିଷ୍ଠାନ ତାଲିକାରେ ଅନ୍ତର୍ଭୁକ୍ତ ହେବାର ଗୌରବ ଅର୍ଜନ କରିଛନ୍ତି । ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନସ୍ଥ ତାଲିମ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ଦେଶରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷ ତାଲିମ ପ୍ରତିଷ୍ଠାନଗୁଡ଼ିକରେ ଗୁଣାତ୍ମକ ଉତ୍କର୍ଷ ଅର୍ଜନ ▶▶ପୃଷ୍ଠା ୭

## କରୋନା ଆର୍ଥିକ ପ୍ୟାକେଜର ଦ୍ୱିତୀୟ କିସ୍ତିରେ କେନ୍ଦ୍ରର ୮୯୦.୩୨ କୋଟି ଜାରୀ

### ପ୍ରଧାନମନ୍ତ୍ରୀ ,କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୬।୮ (ନି.ପ୍ର): କରୋନା ଜରୁରୀକାଳୀନ ପ୍ରଶମନ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରସ୍ତୁତି ପ୍ୟାକେଜର ଦ୍ୱିତୀୟ କିସ୍ତିରେ ଓଡ଼ିଶା ସମେତ ଦେଶର ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୮୯୦.୩୨ କୋଟି ଟଙ୍କା ଜାରି କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅର୍ଥ ସାମ୍ପ୍ରତିକ ସମୟରେ କରୋନା ମହାମାରୀର ମୁକାବିଲା କାର୍ଯ୍ୟକୁ ଅଧିକ ମଜବୁତ୍ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେ କହିଛନ୍ତି ଏହି ପ୍ୟାକେଜ ଅଧୀନରେ ଚଳିତବର୍ଷ ଏପ୍ରିଲ ମାସରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଂଚଳ ପାଇଁ ୩ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ଜାରୀ କରାଯାଇଛି । ମେଡିକାଲ ଭିତିଭୂମିକୁ ସୁଦୃଢ କରିବା ସହ କରୋନା ଟେଷ୍ଟି ସୁବିଧାରେ ବୃଦ୍ଧି ଏବଂ ଭେଂଟିଲେଟର, ଆଇସୋଲେସନ ବେଡ୍, ଔଷଧ ଏବଂ ଆବଶ୍ୟକୀୟ ଆନୁଷାଙ୍ଗିକ ବ୍ୟବସ୍ଥା ପାଇଁ ଏହି ଅର୍ଥ ସହାୟକ ହୋଇପାରିଛି ।ଲୋକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ମୋଦି ସରକାରଙ୍କ ପ୍ରାଥମିକତାରେ ରହିଛି । ସଠିକ୍ ସମୟରେ କେନ୍ଦ୍ର ସରକାରଙ୍କ ଏହି ଆର୍ଥିକ ସହାୟତା ଏବଂ ସମସ୍ତଙ୍କ ଉଦ୍ୟମ ବଳରେ ଦେଶରେ ଖୁବ ଶୀଘ୍ର ଫଳପ୍ରଦ ଖବର ଆସିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

## ସୁଶାନ୍ତ ରାଜପୁତଙ୍କ ହାଉସ ମ୍ୟାନେଜରକୁ ପଚରା ଉଚୁରା କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

ନୂଆଦିଲ୍ଲୀ,୬।୮ (ନି.ପ୍ର): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଦିନ ସୁଶାନ୍ତ ସିଂହ ରାଜପୁତଙ୍କ ହାଉସ ମ୍ୟାନେଜର ସାମୁଏଲ ମିରାଣ୍ଡାଙ୍କୁ ପୁଣି ଥରେ ପଚାରା ଉଚୁରା କରିଛି। କୋଟି କୋଟି ଟଙ୍କା ଦେଣ ନେଣ ମାମଲାରେ ଇଡି ଏହି ପଚାରା ଉଚୁରା କରିଛି । ଉଲ୍ଲେଖନୀୟ ଯେ ଏହା ପୂର୍ବରୁ ଇଡି ରିୟା ଚକ୍ରବର୍ତ୍ତୀଙ୍କ ଚାଟାର୍ଡ ଆକାଉଂଟାଂଟ ରିତେଶ ଶାହଙ୍କୁ ଦୀର୍ଘ ସମୟ ଧରି ପଚାରା ଉଚୁରା କରିଥିଲା । ସୋମବାର ଦିନ ସୁଶାନ୍ତଙ୍କ ସିଏ ସନ୍ଦୀପ ଶ୍ରୀଧରଙ୍କୁ ଇଡି ପଚରା ଉଚୁରା କରିଥିଲା ।

## କରୋନା ମୁକାବିଲା ପାଇଁ ଦ୍ୱିତୀୟ କିସ୍ତି ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ



ନୂଆଦିଲ୍ଲୀ, ୦୬ ଅଗଷ୍ଟ (ହି.ସ.) । କରୋନା ମୁକାବିଲା ପାଇଁ ବିଭିନ୍ନ ରାଜ୍ୟକୁ ଦ୍ୱିତୀୟ କିସ୍ତି ଆର୍ଥିକ ସହାୟତା ପ୍ରଦାନ ପରେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ କେନ୍ଦ୍ର ସରକାର କରୋନା ମହାମାରୀର ଜରୁରୀକାଳୀନ ଦୃଢ ମୁକାବିଲା ପାଇଁ ଓଡ଼ିଶା ସମେତ ୨୨ଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳକୁ ୮୯୦.୩୨କୋଟିର ଦ୍ୱିତୀୟ କିସ୍ତିର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହି ଆର୍ଥିକ ସହାୟତା ଜରୁରୀକାଳୀନ ପରିସ୍ଥିତିର ଦୃଢ ▶▶ପୃଷ୍ଠା ୭

## ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଟ୍ରଷ୍ଟକୁ ଦାନରେ ମିଳି ସାରିଲାଣି ୪୧ କୋଟି ଟଙ୍କା

ଅଯୋଧ୍ୟା, ୦୬ ଅଗଷ୍ଟ (ହି.ସ.) - ଶ୍ରୀରାମ ଜନ୍ମଭୂମି ଠାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭୂମି ପୂଜନ କରା ଯାଇଛି । ଅନ୍ୟ ପକ୍ଷରେ ମନ୍ଦିର ନିର୍ମାଣ ପାଇଁ ଦେଶ ବିଦେଶରୁ ରାମ ଭକ୍ତ ମାନେ ଟ୍ରଷ୍ଟକୁ ସହଯୋଗ ଦାନ ପଠାଇବାରେ ଲାଗିଛନ୍ତି । ଏହି ସହଯୋଗ ରାଶି ପାଇଁ ଅଯୋଧ୍ୟା ସ୍ଥିତ ଏସବିଆଇର ସେଭିଂସ ଓ କରେଂଟ ବ୍ୟାଙ୍କ ଆକାଉଂଟ ଟ୍ରଷ୍ଟ ଦ୍ୱାରା ଖୋଲା ଯାଇଛି । ଏଥିରେ ବର୍ତ୍ତମାନ ସୁଦ୍ଧା ୪୧ କୋଟି ଟଙ୍କା ଦାନ ମିଳି ସାରିଲାଣି । ସନ୍ଥ ତଥା ଏହି ଟ୍ରଷ୍ଟର କୋଷାଧ୍ୟକ୍ଷ ସ୍ୱାମୀ ଗୋବିନ୍ଦଗିରି ମହାରାଜ ହିନ୍ଦୁସ୍ଥାନ ସମାଚାରକୁ କହିଛନ୍ତି ଯେ ଭୂମି ପୂଜନର ଦିନକ ପୂର୍ବରୁ ବ୍ୟାଙ୍କ ଖାତାରେ ▶▶ପୃଷ୍ଠା ୭

## କଂଟେନର ସହ ୨୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୭ ଗିରଫ

ଜୟପୁର,୦୬।୮ (ନି.ପ୍ର): କୋରାପୁଟ ଜିଲା ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ କରି କଂଟେନର ସହ ୨୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିଛି । ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଛି । ଗଞ୍ଜେଇ ଚାଲାଣ ସମ୍ପର୍କରେ ଖବର ପାଇ ଜୟପୁର ସଦର ଥାନା ଅଧିକାରି ଆଦିତ୍ୟ ମହାକୁରଙ୍କ ନେତୃତ୍ୱରେ ଏକ ଟିମ୍ ସତିନଦୀ ବ୍ରିଜ ନିକଟରେ ଚଢ଼ଉ କରିଥିଲେ । ଗୋଟିଏ କଂଟେନର ଆର.ଜେ. ୧୪-ଜିକେ-୫୬୭୧ ରେ ଗଞ୍ଜେଇ ବୋଝେଇ ହୋଇ ଆସୁଥିବା ବେଳେ ସତି ନଦୀ ବ୍ରିଜ ନିକଟରେ ଚଢ଼ଉ କରିଥିଲା ପୋଲିସ । ଏହି ମାମଲାରେ ପୋଲିସ ୭ ଜଣ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ କୋରାପୁଟର ମଧୁ ପାଙ୍ଗି (୨୬), ଜୟରାମ ଖଡା (୨୪), ପ୍ରମୋଦ କିର୍ସାନି (୨୩), ହରିୟାନାର ମହମ୍ମଦ ସାଲିମ (୨୦), ମହମ୍ମଦ ମଜିଲିସ (୨୬), ମହମ୍ମଦ ସାହିବ (୨୨) ଏବଂ ରାଜସ୍ଥାନର ପରଭେଜ (୧୯) । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ କ୍ରେତା ବିକ୍ରେତା, ଚାଲାଣକାରି ଗିରଫ ହୋଇଛନ୍ତି । ୯୩ଟି ପ୍ୟାକେଟରେ ଥିବା ୪୮୬.୧୦୦ କେଜି ଗଞ୍ଜେଇ ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୨୫ ଲକ୍ଷ ହେବ । ଏହା ସହ ୫ଟି ମୋବାଇଲ, ୪୮୫୦ ଟଙ୍କା, ଗୋଟିଏ ନମ୍ବର ବିହନ ସୁଜିକ ଆସେସେ ୧୨୫ ଗାଡି ଜବତ ହୋଇଛି । କଂଟେନର ସହ କପାଶ ମଞ୍ଜି ଥିବା ୧୩୦ ପ୍ୟାକେଟ ମଧ ଜବତ କରିଥିବା ସଦର ପୋଲିସ ସୂଚନା ଦେଇଛି ।

# ଖରିଫ୍ ଚାଷର ଅଗ୍ରଗତି ନେଇ ସମୀକ୍ଷା ବୈଠକ

- ଚାଷୀମାନଙ୍କୁ ସାର ଓ ଅନ୍ୟାନ୍ୟ କୃଷି ସାମଗ୍ରୀ ଠିକଣା ସମୟରେ ଓ ଧାର୍ଯ୍ୟ ଦରରେ ଯୋଗାଇବା ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ
- ଯାଂଚ ବ୍ୟବସ୍ଥା କଡ଼ାକଡ଼ା କରିବାକୁ ନିର୍ଦ୍ଦେଶ
- ଅଧିକ ସାର ଯୋଗାଇଦେବା ପାଇଁ କେନ୍ଦ୍ରକୁ ଅନୁରୋଧ କରାଯାଇଛି - ମନ୍ତ୍ରୀ ଡ. ସାହୁ

ଭୁବନେଶ୍ୱର,୦୬।୮ (ନି.ପ୍ର): କୋଭିଡ଼-୧୯ ସ୍ଥିତିରେ ଚଳିତ ଖରିଫ୍ ଚାଷ ନିମନ୍ତେ ଚାଷୀମାନେ ଯେପରି ସାର ଓ ଅନ୍ୟାନ୍ୟ କୃଷି ସାମଗ୍ରୀ ଠିକଣା ସମୟରେ ଓ ଧାର୍ଯ୍ୟ ଦରରେ ପାଇପାରିବେ ସେଥି ନିମନ୍ତେ ପ୍ରତ୍ୟେକ ସ୍ତରରେ ତଦାରଖ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି ଓ ରାଜ୍ୟକୁ ଅଧିକ ପରିମାଣର ସାର ଯୋଗାଇଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ସାର ଯେପରି ଧାର୍ଯ୍ୟ ଦରରେ ବିକ୍ରି ହୁଏ ଓ ଏହାର ସୁଷମ ବଂଟନ ନିମନ୍ତେ ଯାଂଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ମନ୍ତ୍ରୀ ଡ. ସାହୁଚ ଅଧିକାରୀମାନେଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଧିକ ଦରରେ ସାର ବିକ୍ରୟ ଅଭିଯୋଗ ଆସିଲେ, ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଡ. ସାହୁ କହିଛନ୍ତି । ଆଜି ଆୟୋଜିତ ଏକ ଭର୍ଚୁଆଲ ବୈଠକରେ ଅଧକ୍ଷତା କରି ରାଜ୍ୟରେ ଖରିଫ୍ ଚାଷ ସମେତ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଡ. ସାହୁ କହିଲେ କୋଭିଡ଼-୧୯ ପରି ଏକ ଜଟିଳ ସ୍ଥିତିରେ ଚାଷ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପ୍ରତି କ୍ଷେତ୍ର ଅଧିକାରୀମାନେ ଅଧିକ କ୍ରିୟାଶୀଳ ହେବା ଆବଶ୍ୟକ । ଚାଷ କାର୍ଯ୍ୟ ନିମନ୍ତେ ସାରର ଯେପରି କୌଣସି ଅଭାବ ନରୁହେ, ସେଥିପ୍ରତି ସମର୍ବା ବିଭାଗ ସିହିତ ସମନ୍ୱୟ ରକ୍ଷା କରି ସାରର ସୁଷମ ବଂଟନ ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଯେପରି କୌଣସି ଜଣେ ଚାଷୀଙ୍କୁ ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ସାର କିଣିବାକୁ ନ ପଡ଼େ ସେଥିପ୍ରତି ଅଧିକାରୀମାନେ ସତର୍କ ଦୃଷ୍ଟି ଦେବା ପାଇଁ ମନ୍ତ୍ରୀ କହିଥିଲେ । ଅଧିକାରୀମାନେ ସଦର ମହକୁମାରେ ଉପସ୍ଥିତ ରହି ଚାଷକାର୍ଯ୍ୟକୁ ଆଗେଇ ନେବା ପାଇଁ ମନ୍ତ୍ରୀ ଡ. ସାହୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା କୃଷି ସାମଗ୍ରୀର ଗୁଣାତ୍ମକ ମାନ ଓ ପରିମାଣରେ କୌଣସି ପ୍ରକାରର ସାଲିସ କରାଯିବ ନାହିଁ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ବୈଠକରେ ବିଭିନ୍ନ ସ୍ଥାନରେ ବର୍ଷାର ସ୍ଥିତି ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା । ବିଭାଗ ପକ୍ଷରୁ ବୃଷ୍ଟିପାତର ପରିମାଣ ସମ୍ପର୍କରେ ନିୟମିତ ତର୍ଜମା କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ଏଦ୍ ସହିତ ମୃତିକା ସଂରକ୍ଷଣ ଓ ଜଳଛାୟା ଉନ୍ନୟନ ପକ୍ଷରୁ ମୋ ପୋଖରୀ ଏବଂ ବୃକ୍ଷ ରୋପଣ କର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । କୋଭିଡ଼-୧୯ ସ୍ଥିତିରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନରେ ବୃକ୍ଷ ରୋପଣ ଓ ମୋ ପୋଖରୀ ଯୋଜନା କାର୍ଯ୍ୟକାରୀ କରି ଅଧିକ ଶ୍ରମ ଦିବସ ଓ ଭିତିଭୂମି ନିର୍ମାଣ ଉପରେ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱାରୋପ କରିଥିଲେ । ବୃକ୍ଷ ରୋପଣ କରାଯାଉଥିବା ସ୍ଥାନ ଗୁଡ଼ିକର ଫଟୋଚିତ୍ର ଉତୋଳନ ସହିତ ଭିଡ଼ିଓଗ୍ରାଫି କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ଜିଲ୍ଲା ଗସ୍ତ ସମୟରେ ନିୟମିତ ବୃକ୍ଷରୋପଣ ସ୍ଥାନ ଗୁଡ଼ିକର ପରିଦର୍ଶନ କରିବା ପାଇଁ ମନ୍ତ୍ରୀ କହିଥିଲେ । କୋଭିଡ୍-୧୯ ସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ ନିମନ୍ତେ ହିତାଧିକାରୀ ଚୟନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା- ଆତ୍ମା ଆଦି ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା । ବୈଠକରେ କୃଷି ଓ କୃଷକ ସଶକ୍ତିକରର ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍.ମୁଥୁ କୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମୃର୍ତିକା ସଂରକ୍ଷଣ ଓ ଜଳଛାୟା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ ନୋଡ଼ାଲ ଅଧିକାରୀମାନେ

## ବିଧାନସଭା ପରିସରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୦୬।୮ (ନି.ପ୍ର): ବିଧାନସଭା ପରିସରରେ ଓଡ଼ିଶାର ପୂର୍ବତନ ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ବିଧାନସଭା ପ୍ରାଙ୍ଗଣରେ ରାଜନେତା, ସମାଜ ସଂସ୍କାରକ, କବି, ପ୍ରବନ୍ଧିକ ତଥା ସାମ୍ବାଦିକ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଉପବାଚସ୍ପତି ଶ୍ରୀ ରଜନୀ କାନ୍ତ ସିଂହ, ସରକାରୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, ବିଧାୟକ ଶ୍ରୀ ସନ୍ତୋଷ ସିଂ ସାଲୁଜା ଓ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ ପ୍ରମୁଖ ମଧ ଜନନାୟକ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ହାତୀ ଭାଙ୍ଗିଲା ଘର, କାନ୍ଥ ପଡ଼ି ମହିଳା ମୃତ

ଝାରସୁଗୁଡ଼ା,୦୬।୮ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ବାଗଡ଼ିହି ରେଞ୍ଜ୍ ଅନ୍ତର୍ଗତ ଭଅଁରା ଗ୍ରାମରେ ଘରେ ପଶି ଖାଦ୍ୟ ଶସ୍ୟ ଖାଇବା ଆଶାରେ ଦୁଇଟି ବଣୁଆ ହାତୀ ଗତକାଲି ରାତି ପ୍ରାୟ ସାଢ଼େ ୩ଟା ସମୟରେ ଗ୍ରାମର ୬୫ ବର୍ଷିୟା ବିଧବା ମହିଳା ଯମୁନା ବେହେରାଙ୍କ ଘରେ ପଶିବାକୁ ଉଦ୍ୟମ କରିଥିଲେ । ହାତୀ ଦୁଇଟି ଘରର ମାଟି କାନ୍ଥ ଭାଙ୍ଗି ଦେଇଥିଲେ । ଫଳରେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ଏହା ତଳେ ଚାପି ହୋଇ ଘରେ ଶୋଇଥିବା ଅବସ୍ଥାରେ ସମ୍ପୃକ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ଘଟଣାସ୍ଥଳରୁ ହାତୀ ଦୁଇଟି ଚାଲିଯିବା ପରେ ଗ୍ରାମବାସୀ ମହିଳାଙ୍କ ମୃତଦେହ ଉଦ୍ଧାର କରିବା ସହ ଏ ସମ୍ପର୍କରେ ବାଗଡ଼ିହି ଫାଣ୍ଡି ପୋଲିସ ଓ ବାଗଡ଼ିହି ଫରେଷ୍ଟ ରେଞ୍ଜ୍ କୁ ଖବର ଦେଇଥିଲେ । ଖବର ପାଇ ବନ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ମୃତ ମହିଳାଙ୍କ ଶବ ଜବତ କରିଛନ୍ତି । ଏହାକୁ ବ୍ୟବଚ୍ଛେଦ ନିମନ୍ତେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ବିଭାଗ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି । ଏହି ହାତୀ ଦୁଇଟି ସ୍ଥାନୀୟ ଅଂଚଳରେ ଗତ କିଛି ଦିନ ହେଲା ବ୍ୟାପକ କ୍ଷୟକ୍ଷତି ଘଟାଇ ଚାଲିଥିବା ସୂଚନା ମିଳିଛି ।

## ପୂର୍ବତନ ପୋଲିସ ମହାନିର୍ଦ୍ଦେଶକଙ୍କ ପରଲୋକ

ନୂଆପଡା,୦୬।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ମାଟିର ବରପୁତ୍ର ଆଜି ନିଜ ଭୁବନେଶ୍ୱର ସ୍ଥିତ ବାସଭବନରେ ଇହଧାମ ତ୍ୟାଗ କରିଛନ୍ତି । ଓଡିଶାର ପୂର୍ବତନ ପୋଲିସ ମହା ନିର୍ଦ୍ଦେଶକ ସ୍ୱର୍ଗତ ଶ୍ୟାମ ନାରାୟଣ ତିୱାରୀଙ୍କର ୮୦ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି । ନୂଆପଡା ଜିଲ୍ଲାର ଖଡିଆଳ ଠାରେ ୧୯୩୯ ମସିହା ଅଗଷ୍ଟ ୧୦ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ । ଖଡିଆଳ ଠାରେ ପ୍ରାଥମିକ ଶିକ୍ଷା ସହ ରାଜା ଆର୍ତତ୍ରାଣ ହାଇସ୍କୁଲରେ ଶିକ୍ଷା ଗ୍ରହଣ କରିଥିଲେ । ରାଜା ଆର୍ତତ୍ରାଣ ହାଇସ୍କୁଲର ପ୍ଲାଟିନମ ଜୁବଲିରେ ପ୍ରାକ୍ତନ ଛାତ୍ର ଭାବରେ ଯୋଗଦେଇ ନିଜ ଅତିତର ଅଭୂଲା ସ୍ମୃତିକୁ ବଖାଣିଥିଲେ । ସବୁବେଳେ ଖଡିଆଳ ପ୍ରତି ତାଙ୍କର ଦୁର୍ବଳତା ରହିଥିଲା । ନିଜ କର୍ମ ଜୀବନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ନିଷ୍ଠାବାନ ସହ କାର୍ଯ୍ୟ ସମ୍ପାଦନ କରି ପ୍ରଶଂସିତ ହୋଇଥିଲେ । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହରାଓଙ୍କ ସମୟରେ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସୁରକ୍ଷା ନିର୍ଦ୍ଦେଶକ, ବିଏସଏଫ ନିର୍ଦ୍ଦେଶକ ସହ ଅନେକ ଉଚ୍ଚ ପଦବୀରେ କାର୍ଯ୍ୟ ତୁଲାଇଥିଲେ । ୧୯୯୭ ମସିହାରେ ଓଡିଶା ପୋଲିସ ମହାନିର୍ଦ୍ଦେଶକ ପଦବୀରୁ ଅବସର ଗ୍ରହଣ କରିଥିଲେ । ଅବସର ଗ୍ରହଣ ପରେ ବିଭିନ୍ନ ସମୟରେ ସରକାରଙ୍କ ପରାମର୍ଶଦାତା ଭାବରେ ସହଯୋଗ କରିଥିଲେ । ପଶ୍ଚିମ ଓଡିଶା ଫୋରମର ଆବାହକ ରୂପେ ଅ ଳର ବିଭିନ୍ନ ସମସ୍ୟା ସମାଧାନ ପାଇଁ ମଧ୍ୟ ଆଗେଇ ଆସିଥିଲେ । ତାଙ୍କ ବିୟୋଗରେ ତାଙ୍କର ସାଙ୍ଗସାଥି ସହ ଚିହ୍ନା, ସମ୍ପର୍କୀୟ ମଧ୍ୟରେ ଶୋକ ପ୍ରକାଶ ପାଇଛି ।

## ପିକଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ : ଜଣେ ମୃତ, ୩ ଗୁରୁତର

ଖୋର୍ଦ୍ଧା/ଟାଙ୍ଗି,୦୬।୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ୧୬ ନଂ ଜାତୀୟ ରାଜପଥର ବାଣପୁର-ବାଲୁଗାଁ ବାଇପାସ୍ ନିକଟ ପାରିକଂସାରି ଛକରେ ଆଜି ଭୋରରୁ ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏଥିରେ ଜଣକର ମୃତ୍ୟୁ ଘଟିଥିବା ବେଳେ ତିନି ଜଣ ଗୁରୁତର ହୋଇଛନ୍ତି । ଗୁରୁତର ମାନଙ୍କୁ ବାଣପୁର ମେଡ଼ିକାଲରେ ଭର୍ତି କରାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଆଜି ଭୋର୍ ପ୍ରାୟ ୫ଟା ସମୟରେ ବିଶାଖାପାଟଣାରୁ ୮ ଜଣ ଯାତ୍ରୀଙ୍କୁ ନେଇ ଏକ ଟାଟା ପିକଅପ୍ ଭ୍ୟାନ୍ ନଂ ଏପି୩୯ଟି ଏଲ-୮୦୦୩ ପୁରୀ ପେଣ୍ଠକଟା ଅଂଚଳ ଅଭିମୁଖେ ଯାଉଥିବା ବେଳେ ବାଣପୁର-ବାଲୁଗାଁ ବାଇପାସର ପାରିକଂସାରି ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଗାଡିଟି ଡ଼ିଭାଇଡର ଡେଇଁ ବିପରିତ ଦିଗରେ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା । ଫଳରେ ଭ୍ୟାନ୍ ପଛ ପାର୍ଶ୍ୱରେ ଡାଲାରେ ବସିଥିବା ଏମ୍. ତାତା ନାମକ ଜଣେ ବୃଦ୍ଧ ବ୍ୟକ୍ତି ଛିଟିକି ପଡି ଗାଡି ସାମ୍ନାରେ ପଡି ଯାଇଥିଲେ । ଗାଡ଼ିଟି ତାଙ୍କ ଉପରେ ଚଢ଼ିଯିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଡାଲାରେ ଥିବା ଅନ୍ୟ ଜଣେ ବ୍ୟକ୍ତି ଜି. ନକରାଜୁ ନାମକ ବ୍ୟକ୍ତିଙ୍କ ବାମ ଗୋଡ଼ ଉପରେ ମଧ ଗାଡିଟି ଚଢ଼ି ଯାଇଥିଲା । ଯାହା ଫଳରେ ତାଙ୍କ ବାମ ଗୋଡ ସମ୍ପୂର୍ଣ୍ଣ କଟିଯାଇଛି । ଜି. କୋଣ୍ଡବା ନାମକ ଅନ୍ୟ ଜଣେ ମହିଳାଙ୍କ ଗୋଡ଼ରେ ମଧ ଗଭୀର ଆଘାତ ଲାଗିଛି ଏବଂ ପଶୁଲୁ ବଳରାମ ନାମକ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି । ଖବର ପାଇ ବାଲୁଗାଁ ଥାନା ଅଧିକାରୀ ରମାକାନ୍ତ ମହାଳିକ, ନାଭାଲ୍ ଫାଣ୍ଡି ଅଧିକାରୀ ଗୋବିନ୍ଦ ଗୌଡ଼, ବାଲୁଗାଁ ଥାନା ଏଏସଆଇ ଦିଲ୍ଲୀପ ବିଶ୍ୱାଳ ଏବଂ ବାଲୁଗାଁ ଅଗ୍ନିଶମ ଅଧିକାରୀ ନିତ୍ୟାନନ୍ଦ ଜେନା ସଦଳବଳେ ଘଟଣାସ୍ଥଳରେ ପହଂଚି ଆହତ ମାନଙ୍କୁ ଉଦ୍ଧାର କରି ବାଣପୁର ମେଡ଼ିକାଲରେ ଭର୍ତି କରିଥିବା ବେଳେ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି । ଦୁର୍ଘଟଣା ପରେ ଗାଡ଼ି ଚାଳକ ସେଠାରୁ ଫେରାର୍ ହୋଇଯାଇଛି । ବାଲୁଗାଁ ପୋଲିସ ଦୁର୍ଘଟଣାଗ୍ରସ୍ତ ପିକଅପ୍ ଭ୍ୟାନଟିକୁ ଜବତ କରିଛି । ମୃତାହତଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଖବର ଦିଆଯିବା ସହ ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

## ବାଲି ମାଫିଆଙ୍କ କବଳରେ ବିଜୁ ପାର୍କ, ମାଫିଆ ରାଜର ଅନ୍ତ କେବେ ? ପଡୁନି ପ୍ରଶାସନର ନଜର

ଧର୍ମଶାଳା,୦୬।୮ (ନି.ପ୍ର): ଯାଜପୁର ଜିଲାରେ ସରକାରୀ ଉତ୍ସକୁ ନେଇ ସବୁ ବେଳେ ଚର୍ଚ୍ଚାରେ ରହିଆସୁଛି ଧର୍ମଶାଳା ତହସିଲ । ଏହି ତହସିଲ ଅନ୍ତର୍ଗତ ତରଞ୍ଜିଆ ପଂଚାୟତର ଷୋଳେଇ ମୌଜାରେ ବେଧଡକ ମୋରମ ଚାଲଣ,ଡଙ୍କାରୀ ଓ ଆରୁହା ଆଦି ଅଂଚଳରୁ ବେଆଇନ କଳାପଥର କାରବାର ବେଧଡକ ଚାଲିଛି । ଏହି ସବୁ ଚାଲାଣ ଦିନ ଦ୍ୱିପ୍ରହରରେ ଚାଲୁଥିବା ବେଳେ କେବଳ ବ୍ଲକ ପ୍ରଶାସନ ଲୋକ ଦେଖାଣିଆଭାବେ ଚଡାଉ କରି ଆତ ଗଣତି କିଛି ଟଙ୍କା ଜରିମାନା ଆକାରରେ ଆଦାୟ କରୁଛି । ଜରିମାନା ଦେବାରେ ଏହି ବେପାର ଆହୁରି ଜୋରଦାର ହେଉଥିବା ଅଭିଯୋଗ ହେଉଛି । ଏବଂ ଏହି ତହସିଲ ଅଧିନରେ ବିଭିନ୍ନ ମୌଜାରୁ କେଲୁଅ ଓ ବ୍ରାହ୍ମଣୀ ନଦୀରୁ ଶହଶହ ଟ୍ରିପ ଜିଲା ତଥା ବାହାରକୁ ଚାଲାଣ କରାଯାଉଛି । ଯାହାକୁ ନେଇ ଧର୍ମଶାଳା ତହସିଲ ଚର୍ଚ୍ଚାରେ ରହି ଆସୁଛି । ଦିନରେ ବ୍ଲକ ପ୍ରଶାସନର ଚଢାଉ ଭୟରେ ବାଲି ମାଫିଆମାନେ ରାତି ତମାମ ବାଲି ଉତୋଳନ କରୁଛନ୍ତି । ଏପରିକି ରାତିରେ ବାଲି ଆଣି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମହଜୁଦ ରଖି ହାଇଓ୍ୱା ଯୋଗେ ଜିଲା ବାହାରକୁ ଚାଲାଣ କରୁଛନ୍ତି । ଏବେ ମାଫିଆମାନେ ଜନସାରଣ, ଅନାବାଦି ଓ ଗୋଚର ଜମିରେ ବାଲି ମହଜୁଦ ରଖୁଛନ୍ତି । ଏହି ତହସିଲ ଅନ୍ତର୍ଗତ ଦେଓଦା ପଂଚାୟତ ବିଜୁ ପାର୍କ ଏବେ ମାଫିଆ ହାତକୁ ଚାଲି ଯାଇଛି । ଧର୍ମଶାଳାର ପୂର୍ବତନ ବିଧାୟକ କଳ୍ପତରୁ ଦାସଙ୍କ ସମୟରେ ଏହି ପଂଚାୟତସ୍ଥ ନିରଙ୍ଗହାଟ(ଶନି ଘାଟ) ନିକଟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତି ସ୍ଥାପନ କରାଯାଇଥିଲା । ଏବଂ ଏହାର ଚତୃପାର୍ଶ୍ୱକୁ ସବୁଜି କରଣ କରାଯିବା ଲାଗି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା । ହେଲେ ଏବେ ବିଜୁ ପାର୍କ ଅବସ୍ଥା ନକହିବା ଭଲ । ଏବେ ଏହି ପାର୍କ ଲୋକଙ୍କ କାମରେ ନଲାଗି ମାଫିଆଙ୍କ ହାତକୁ ଚାଲିଯାଇଛି । ମାଫିଆମାନେ କେଲୁଅ ଓ ବ୍ରାହ୍ମଣୀ ନଦୀରୁ ରାତିରେ ଟ୍ରାକ୍ଟର ଓ ଜେସିବି ଲାଗି ବାଲି ଆଣି ଏଠାରେ ମହଜୁଦ ରଖୁଛନ୍ତି । ଏହି ଘଟଣାକୁ ପ୍ରତିବାଦ କଲେ ନାନା ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି । ଏନେଇ ଦଳୀୟ କର୍ମୀମାନେ ମଧ୍ୟ ମୁହଁ ଖୋଲି ପାରୁ ନାହାନ୍ତି । ଅନ୍ୟ ପକ୍ଷେ ଜିଲା ପ୍ରଶାସନ ଅଧିକାରୀମାନେ ଏହି ରାସ୍ତା ଦେଇ ଯାତାୟତ କରୁଥିଲେ ମଧ୍ୟ ସେମାନଙ୍କ ନଜର ଏଥିପ୍ରତି ପଡୁ ନହିଁ । ନିକଟ ଭବିଷ୍ୟତରେ ଏଜ ଜନ ଆନ୍ଦୋଳନ କରାଯିବ ବୋଲି ଜଣାପଡିଛି । ବିଜୁ ପାର୍କ କାହା ସ୍ୱାର୍ଥରେ ନେଇ ପଂଚାୟତରେ ଏବେ ଚର୍ଚ୍ଚା ଜୋର ଧରିଛି ।

## ବିଧାନସଭା କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୦୬।୮ (ନି.ପ୍ର): ବିଧାନସଭାରେ କାର୍ଯ୍ୟରତ ବରିଷ୍ଠ ରକ୍ଷୀ ପ୍ରହରୀ ସୋଲେ ଲେଙ୍କାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବୁଧବାର ପୂର୍ବାହ୍ନରେ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଶ୍ରୀ ଲେଙ୍କାଙ୍କୁ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ବିଧାନସଭା ତରଫରୁ ପୁଷ୍ପଗୁଚ୍ଛ ଓ ଉପଢୌକପ)ନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଏହି ଅବସରରେ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସମେତ ବିଧାନସଭାର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## କୋବିଡ଼୍ ଯୋଦ୍ଧଙ୍କ ବଳିଦାନ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ଓ ଶପଥ ପାଠ

ଭଦ୍ରକ, ୬/୮ (ହି.ସ.) - ବର୍ତମାନ ବିଶ୍ୱ ଏକ ସଂକଟମୟ ପରିସ୍ଥିତିରେ ଗତି କରୁଛି । କରୋନା ମହାମାରୀରେ ବିଶ୍ୱ କବଳିତ ହୋଇଛି । ଓଡ଼ିଶାରେ ମଧ ଏହାର ପ୍ରଭାବ ଯଥେଷ୍ଟ ରହିଛି । ଏହି କରୋନାକୁ ମୁକାବିଲା କରିବାରେ ଗତ ୫ ମାସ ଧରି ଓଡ଼ିଶାର ଜନସାଧାରଣ ଲଢେଇ କରିଚାଲିଛନ୍ତି । ତେବେ ଏହି ଲଢେଇ ମଧରେ କିଛି ଜୀବନ ମଧ ଯାଇଛି । ଯାହାକି ମାତ୍ର ୦.୫୭ ପ୍ରତିଶତ । ଏହି ମହାମାରୀରୁ ବହୁ ଆକ୍ରାନ୍ତ ମଧ ସୁସ୍ଥ ହୋଇଛନ୍ତି । ଯାହା ଅଂନ୍ୟ ରାଜ୍ୟ ମାନଙ୍କ ଠାରୁ ଯଥେଷ୍ଟ ଭଲ ସ୍ଥିତି । ଆଜି ରାଜ୍ୟର ସୁସ୍ଥତା ୨୫ ହଜାର ଅତିକ୍ରମ କରିଛି । ଏହି ସଫଳତା ହାସଲ ପାଇଁ କୋବିଡ଼୍ ଯୋଦ୍ଧାଙ୍କ ଅବଦାନ ଅବର୍ଣ୍ଣନୀୟ । ସେହି ଯୋଦ୍ଧାଙ୍କ ମନୋବଳ ବୃଦ୍ଧି କରିବା ଏବଂ ସେମାନଙ୍କ ସମ୍ମାନାର୍ଥେ, ଯେଉଁମାନେ ପ୍ରାଣ ହାରିଛନ୍ତି ସେମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମୁଖ୍ୟମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକ ନିବେଦନ କରିବା ପରେ ଆଜି ସନ୍ଧ୍ୟା ୬ଟାରେ ସମଗ୍ର ରାଜ୍ୟରେ ନିରବ ପ୍ରାର୍ଥନା ଓ ଶପଥପାଠ କରାଯାଇଥିଲା । ଭଦ୍ରକ ଜିଲ୍ଲା ପ୍ରଶାସନ, ଭଦ୍ରକର ନିର୍ବାଚିତ ନେତୃମଣ୍ଡଳୀ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଧ ନିରବ ପ୍ରାର୍ଥନା କରିବା ସହ କୋବିଡ଼୍ ନିୟମାବଳୀ ପାଳନ କରିବା, କରୋନା ବିରୁଦ୍ଧରେ ଲଢିବାର ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡ ଅଧକ୍ଷ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଏସ୍‌ପି ରାଜେଶ ପଣ୍ଡିତ, ଏଡିଏମ୍ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ପିଡି ମଧୁସୂଦନ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ ପାତ୍ର ପ୍ରମୁଖଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ ଯୋଗ ଦେଇଥିଲେ ।

## ଉତ୍କଳ ସମ୍ମିଳନୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭୁବନେଶ୍ୱର,୦୬।୮ (ନି.ପ୍ର): ଆଜି ପୂର୍ବାହ୍ନ ଘ.୯.୦୦ ମି. ସମ୍ରରେ ଉତ୍କମଳ ସମ୍ମିଳନୀ ପକ୍ଷରୁ ଓଡ଼ିଶା ବିଧାନସକାର ପୂର୍ବତନ ବାଚସ୍ପତି ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜନ୍ମ ଦିବସ ଅବସରରେ ପି.ଏମ.ଜି. ଛକସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଛି । ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ସମ୍ପାଦିକା ବାସନ୍ତୀ ତ୍ରିପାଠୀ, ପରିଷଦ ସଦସ୍ୟ ମହେଶ୍ୱର ବିଶ୍ୱାଳ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଅକ୍ଷୟ ଜେଠୀ, ଲିଙ୍ଗରାଜ ସାହୁ ଓ ମନୋଜ କୁମାର ବଳିଆରସିଂ ପ୍ରମୁଖ ଭାଗନେଇ ପ୍ରତିମୂର୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ପରିବେଶରେ ବନ୍ଦେ-ଉତ୍କଳ ଜନନୀ, ପଣ୍ଡିତ ନୀଳକଣ୍ଠ ଦାସ - ଅମର ରୁହ, ଓଡ଼ିଆ ଆମର - ମାତୃଭାଷା, ଓଡ଼ିଆ ଆମର - ପରିଚୟ ଭଳି ସ୍ଲୋଗାନ ପରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

## କରୋନାରୁ ସୁସ୍ଥ ହୋଇଥିବା ପୋଲିସ କୋଭିଡ଼-୧୯ ଯୋଦ୍ଧାଙ୍କ ସହ ଡି.ଜି.ପିଙ୍କ ଭିଡ଼ିଓ କନଫରେନ୍ସ

ଭୁବନେଶ୍ୱର,୦୬।୮ (ନି.ପ୍ର): ଆଜି ଅପରାହ୍ନରେ ରାଜ୍ୟ ଆରକ୍ଷୀ ମହନିର୍ଦ୍ଦେଶକ ଶ୍ରୀ ଅଭୟ କରୋନାରୁ ସୁସ୍ଥ ହୋଇଥିବା ପୋଲିସ କୋଭିଡ଼ ଯୋଦ୍ଧା ମାନଙ୍କ ସହ କଟକରୁ ଭିଡ଼ିଓ କନଫରେନ୍ସ ମାଧମରେ ବାର୍ତାଳାପ କରିଥିଲେ । ଏହି ବାର୍ତାଳାପ କାର୍ଯ୍ୟକ୍ରମରେ ୧୪ଟି ଜିଲ୍ଲାର ପୋଲିସ କୋଭିଡ଼ ଯୋଦ୍ଧାମାନେ ଅଂଶ ଗ୍ରହଣ କରିଥିଲେ । ଆରକ୍ଷୀ ମହାନିର୍ଦ୍ଦେଶକ ଏହି ଅବସରରେ କୋଭିଡ଼ ଯୋଦ୍ଧା ମାନଙ୍କୁ ଧନ୍ୟବାଦ ଜଣାଇବା ସହ ଲୋକସେବା ପ୍ରତି ସେମାନଙ୍କ ପ୍ରତିବଦ୍ଧତା ଓ ସମର୍ପଣ ମନୋଭାବ ପାଇଁ ପ୍ରଶଂସା କରିଥିଲେ । ଅନେକ କୋଭିଡ଼ ଯୋଦ୍ଧା ମଧ୍ୟ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିବା ସହ ଭବିଷ୍ୟତରେସେମାନେ ପୂର୍ଣ୍ଣ ଦୃଢ଼ତା ଓ ସମର୍ପଣ ମନୋଭାବ ସହ କାର୍ଯ୍ୟ ସମ୍ପାଦନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବାର୍ତାଳାପ ହୋଇଥିବା ଜିଲ୍ଲା ମାନଙ୍କ ମଧ୍ୟରେ ଥିବଲେ ସହରାଂଚଳ ପୋଲିସ ଜିଲ୍ଲା ଭୁବନେଶ୍ୱର, ସହରାଂଚଳ ପୋଲିସ ଜିଲ୍ଲା କଟକ, ଅନୁଗୁଳ, ବ୍ରହ୍ମପୁର, ବଲାଙ୍ଗୀର, କଟକ, ଗଜପତି, ଗଂଜାମ, କୋରାପୁଟ, ମୟୁରଭଂଜ, ମାଲକାନଗିରି, ନୟାଗଡ଼, ପୁରୀ ଏବଂରାଉରକେଲା ପୋଲିସ ଜିଲ୍ଲା ।

## ପ୍ରହସନ ପାଲଟିଛି ଅନଲାଇନ ଶିକ୍ଷା ପ୍ରଦାନ ବ୍ୟବସ୍ଥା: ନେଟଓ୍ୱାର୍କ ନଥିବାରୁ ହନ୍ତସନ୍ତ ହେଉଛନ୍ତି ଶିକ୍ଷକ ଶିକ୍ଷୟତ୍ରୀ

କେନ୍ଦୁଝର,୦୬।୮ (ନି.ପ୍ର): ବର୍ତମାନ ଦେଶରେ କରୋନା ମହାମାରୀକୁ ନେଇ ସମସ୍ତେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଦୀର୍ଘ ମାସ ଧରି ସ୍କୁଲ କଲେଜ ବନ୍ଦ ରହିଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କ ପାଠପଢା ମଧ ଏକ ପ୍ରକାର ଠପ୍ ହୋଇପଡିଛି । ଇତିମଧ୍ୟରେ ସରକାରଙ୍କ ପକ୍ଷରୁ ତଥା ଶିକ୍ଷା ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ ଅନ୍ ଲାଇନ୍ ମାଧମରେ ଶିକ୍ଷାଦାନ କରିବାକୁ ନିଷ୍ପତି ନିଆଯାଇ ନିର୍ଦ୍ଦେଶନାମା ଜାରି କରାଗଲା । କିନ୍ତୁ, ରାଜ୍ୟରେ ଛାତ୍ର ଛାତ୍ରୀ ମାନଙ୍କୁ ଅନ୍ ଲାଇନରେ ଶିକ୍ଷାଦାନ ଲାଗି ପ୍ରାଥମିକ ଭାବେ ଆବଶ୍ୟକ ରହିଥିବା ଭିତିଭୂମିକୁ ସଜଡା ଗଲାନାହିଁ । ରାଜ୍ୟର ଅଧିକାଂଶ ଜିଲ୍ଲା ତଥା ଅଂଚଳରେ ଭିତିଭୂମି ବ୍ୟବସ୍ଥା ନଥିବା ବେଳେ ଏଥିପାଇଁ ଆବଶ୍ୟକ ସର୍ବ ପ୍ରଥମ ବ୍ୟବସ୍ଥା ସ୍ମାର୍ଟ ମୋବାଇଲ ଫୋନ ମଧ ସମସ୍ତ ଛାତ୍ର ଛାତ୍ରୀଙ୍କ ନିକଟରେ ନାହିଁ । ଏପରିକି ତାହା ଉପଲବ୍ଧ ହେବା ଅଧିକଂାଶ ଛାତ୍ରଛାତ୍ରୀଙ୍କ ପକ୍ଷରେ ଏକ ପ୍ରକାର ଅସମ୍ଭବ ଅଟେ । ଏଭଳି ସ୍ଥିତିରେ ସମସ୍ତ ଛାତ୍ରଛାତ୍ରୀ ତଥା ବିଶେଷ ଭାବେ ଗରୀବ ବର୍ଗର ଛାତ୍ର ଛାତ୍ରୀ ମାନେ ଅନ୍ ଲାଇନରେ ପାଠ ପଢିବା ଦିବା ସ୍ୱପ୍ନ ସହ ସମାନ । ଅନୁରୂପ ଭାବେ ଏବେ ଅନ୍ ଲାଇନରେ ପାଠ ପଢାଇବାର ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ନେବା ନିମନ୍ତେ ନିର୍ବାଚିତ ଶିକ୍ଷକ ମାନଙ୍କୁ ନେଟଓ୍ୱାର୍କ ପାଇଁ ଅନେକ ହନ୍ତସନ୍ତ ହେବାକୁ ପଡୁଛି । ଏଭଳି ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ତେଲକୋଇ ବ୍ଲକ ଅଂଚଳରେ । ତେଲକୋଇ ବ୍ଲକର ଉପାନ୍ତ ଅଂଚଳରେ ନେଟଓ୍ୱାର୍କ ନଥିବାରୁ ସରକାରଙ୍କ ନିର୍ଦ୍ଦେଶରେ ଅନ୍ ଲାଇନରେ ପ୍ରଶିକ୍ଷଣ ନେବାକୁ ପ୍ରସ୍ତୁତ ଶିକ୍ଷକ ଶିୟୟତ୍ରୀ ମାନଙ୍କୁ ବାର ଦୁଆର ଶୁଣ୍ଢି ପିଣ୍ଢା ହେବାକୁ ପଡୁଛି । ଅନ୍ ଲାଇନରେ ଶିକ୍ଷା ଗ୍ରହଣ ପାଇଁ ଛାତ୍ର ଛାତ୍ରୀ ମାନେ ଯେଭଳି କେତେବେଳେ ଦୂର ପାହାଡ ଉପରେ ତ କେତେବେଳେ ଉଚ୍ଚ ଉଚ୍ଚ ଗଛ ଉପରେ ନେଟ୍‌ଓ୍ୱାର୍କ ଖୋଜୁଛନ୍ତି । ଠିକ୍ ସେହିଭଳି ଶିକ୍ଷକ ମାନେ ପ୍ରଶିକ୍ଷଣ ନେବାକୁ ଇଂଟରନେଟ ନେଟଓ୍ୱାର୍କ ଖୋଜୁଥିବା ଦେଖିବାକୁ ମିଳୁଛି । ତେଲକୋଇ ବ୍ଲକର କାଳିଆହତା ଅଂଚଳରେ । ନେଟଓ୍ୱାର୍କ ନଥିବାରୁ ଶିକ୍ଷକ ମାନଙ୍କୁ ସେଠାରୁ ପ୍ରାୟ ୪୦ କି.ମି. ଦୂରରେ ଥିବା ଖୁଂଟାପଡା ଗ୍ରାମ ପାଂଚଗୋଛିଆ ପାହାଡ଼ ଉପରେ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ବସି ପ୍ରଶିକ୍ଷଣ ନେବାକୁ ପଡୁଛି । ଏଭଳି ଚିତ୍ର ସାମନାକୁ ଆସିବା ପରେ ଜିଲ୍ଲାରେ ସରକାରଙ୍କର ଅନ୍ ଲାଇନ୍ ଶିକ୍ଷା ବ୍ୟବସ୍ଥାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ଅଗଷ୍ଟ ମାସ ୧ ତାରିଖ ଠାରୁ ଓପେପା ପକ୍ଷରୁ କେନ୍ଦୁଝର, କଳାହାଣ୍ଡି , କନ୍ଧମାଳ, ଝାରସୁଗୁଡା, କେନ୍ଦ୍ରାପଡା ଓ ଖୋର୍ଦ୍ଧା ଆଦି ଜିଲ୍ଲାର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଅନ୍ ଲାଇନ ପ୍ରଶିକ୍ଷଣ ଦେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଅଛି । ଆପ୍ ମାଧମରେ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ଏହି ଉପାନ୍ତ ଅଂଚଳରେ ନେଟଓ୍ୱାର୍କ ନଥିବାରୁ ଶିକ୍ଷକ ମାନଙ୍କୁ ନାକେଦମ ହେବାକୁ ପଡୁଛି । ଦେଶ ସ୍ୱାଧୀନ ହେବାର ପ୍ରାୟ ୭୨ ବର୍ଷ ପରେ ମଧ କେନ୍ଦୁଝର ଭଳି ଏକ ଧନୀ ଜିଲ୍ଲାର ଅନେକ ଅଂଚଳରେ ଅଦ୍ୟାବଧି ମୋବାଇଲ ନେଟଓ୍ୱାର୍କ ଉପଲବ୍ଧ ନ ହେବା ଭଳି ଘଟଣା ଜିଲ୍ଲାବାସୀଙ୍କ ପାଇଁ ଲଜ୍ୟାଜନକ ନୁହେଁ ତ ଆଉ କ'ଣ । ରାଜନୈତିକ ବଡପଣ୍ଡାମାନେ ଏହି ଘଟଣାରେ ପରସ୍ପର ଉପରକୁ ଦୋଷ ଠେଲା ଠେଲି ନ ହୋଇ ଜିଲ୍ଲାର ବିକାଶକୁ ଗୁରୁତ୍ୱ ଦେବାର ଆବଶ୍ୟକ ରହିଥିବା ନେଇ ମତ ପ୍ରକାଶ ପାଉଛି । ଅନୁରୂପ ଭାବେ ଜିଲ୍ଲା ପ୍ରଶାସନ ମଧ ଜିଲ୍ଲାର ହିତ ଦୃଷ୍ଟିରୁ ଏଭଳି ଲଜ୍ୟାଜନକ ଘଟଣାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକ ରହିଛି ।

# ଧନୀ ରାଜବଂଶ

**ଆମ ଦେଶ ଭାରତରେ ବହୁ ରାଜପରିବାର ଅଛନ୍ତି । ଏବେ ମଧ୍ୟ ସେମାନଙ୍କ ପାଖରେ ଅମାପ ଧନସମ୍ପତ୍ତି ରହିଛି । ତେବେ ମେୱାର, ଓ୍ୱାଦିୟାର, ନବାବ ପଟୌଦୀ, ଜୟପୁର ରାଜପରିବାର ଏବଂ ଗାଏକ୍‌ୱାଡ୍ ପରିବାର ପାଖରେ ସବୁଠୁ ଅଧିକ ସମ୍ପତ୍ତି ଥିବାର କୁହାଯାଏ ।**

## ମେୱାର ରାଜବଂଶ:

ଭାରତର ରାଜପରିବାରମାନଙ୍କ ମଧ୍ୟରେ ମେୱାର ବଂଶ ସବୁଠୁ ଅଧିକ ଧନୀ । ମହାରାଣା ପ୍ରତାପ ଏହି ବଂଶର । ରାଜସ୍ଥାନର ଉଦୟପୁରରେ ରହୁଥିବା ରାଣା ପ୍ରତାପ ଏହି ବଂଶର । ରାଜସ୍ଥାନର ଉଦୟପୁରରେ ରହୁଥିବା ରାଣା ଶ୍ରୀଜୀ ଅରବିନ୍ଦ ସିଂହ ମେୱାର ହେଉଛନ୍ତି ଏହି ବଂଶର ୭୬ ତମ ଉତ୍ତରାଧିକାରୀ । ତାଙ୍କ ଏଚ୍‌ଆର୍‌ଏଚ୍ ଗ୍ରୁପ୍ ଅଫ୍ ହୋଟେଲ୍ ରହିଛି ଯାହାର ମୂଲ୍ୟ ୫୦ କୋଟି ଟଙ୍କାରୁ ଅଧିକ ହେବ । ଉଦୟପୁରରେ ଥିବା ଏହି ରାଜାଙ୍କ ଉଆସକୁ ପର୍ଯ୍ୟଟକମାନେ



ଦେଖିବାକୁ ଯାଇଥାନ୍ତି । ଉଦୟପୁର ସହରରେ ପିଛୋଲା ହ୍ରଦ ନିକଟରେ ଏମାନଙ୍କର ଅନ୍ୟ ଏକ ସୁରମ୍ୟ ପ୍ୟାଲେସ୍ ରହିଛି ଯାହାର ନାଁ ଜଗ୍ ମନ୍ଦିର ଆଇଲ୍ୟାଣ୍ଡ୍ ପ୍ୟାଲେସ୍ । ଏହି ପରିବାର ମାଲିକାନାରେ ଥିବା ୧୦ରୁ ଉର୍ଦ୍ଧ୍ୱ ହୋଟେଲ୍, ରିସର୍ଟ ଏବଂ ଅନ୍ୟ ପ୍ରତିଷ୍ଠାନଗୁଡ଼ିକରେ ୧୨ ଶହରୁ ଅଧିକ କର୍ମଚାରୀ କାମ କରୁଛନ୍ତି । ଏହି ପରିବାରର ୧୦୦୦ କୋଟି ମୂଲ୍ୟର ସମ୍ପତ୍ତିକୁ ନେଇ ଅରବିନ୍ଦ ସିଂହ ଏବଂ ତାଙ୍କ ଭଉଣୀ ଯୋଗେଶ୍ୱରୀଙ୍କ ମଧ୍ୟରେ ବିବାଦ ରହିଛି । ତେବେ ଏମାନଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ହଜାର ହଜାର କୋଟି ଟଙ୍କା ।

## ଓ୍ୱାଡିୟାର୍ ରାଜବଂଶ:



ମହୀଶୂର ରାଜବଂଶର ଶ୍ରୀକାନ୍ତଦତ୍ତ ନରସିଂହରାଜା ଓ୍ୱାଡିୟାର୍‌ଙ୍କ ମୃତ୍ୟୁ ପରେ ଆଉ କେହି ଉତ୍ତରାଧିକାରୀ ନ ଥିଲେ । ତେଣୁ ଯଦୁବୀର ଗୋପାଳ ରାଜଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଥିଲା । ୨୦୧୫ରେ ତାଙ୍କର ରାଜ୍ୟାଭିଷେକ ହୋଇଥିଲା । ମହୀଶୂର ପ୍ୟାଲେସ୍ ରେଶମ କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧ । ଏହି ରାଜବଂଶର ମୋଟ ସମ୍ପତ୍ତିର ମୂଲ୍ୟ ୧୦ ହଜାର କୋଟି ଟଙ୍କାରୁ ଅଧିକ ।

## ନବାବ ପଟୌଦୀ:

ନବାବ ପଟୌଦୀ ଦେଶର ଏକ ଜଣାଶୁଣା ରାଜବଂଶ । ଏମାନେ ଦୀର୍ଘ ସମୟ ଧରି ଦେଶକୁ ଶାସନ କରିଥିଲେ । ବଂଶର ଶେଷ ଶାସକ ମନସୁର ଅଲୀ ଖାନ୍ ପଟୌଦୀ ଶର୍ମିଳା ଟାଗୋରଙ୍କୁ ବିବାହ କରିଥିଲେ । ସେମାନଙ୍କ ତିନି ସନ୍ତାନ ମଧ୍ୟରୁ ଜଣେ ହେଉଛନ୍ତି ଶୈଫ ଅଲୀ ଖାନ୍ । ଶୈଫ୍ ଏବଂ ପଟୌଦୀ ପ୍ୟାଲେସ୍‌ର ମୂଲ୍ୟ ଆଠ ଶହ କୋଟି ଟଙ୍କା । ଶୈଫ୍‌ଙ୍କ ବ୍ୟକ୍ତିଗତ ସମ୍ପତ୍ତି ପ୍ରାୟ ୨୮୩ କୋଟି ଏବଂ ପରିବାରର ଅନ୍ୟ ଜମିବାଡ଼ିର ମୂଲ୍ୟ ୭୫୦ କୋଟି ଟଙ୍କା ।



## ଜୟପୁର ରାଜବଂଶ:



ଦେଶର ଅନ୍ୟତମ ଧନୀ ରାଜବଂଶ ହେଉଛନ୍ତି ଜୟପୁରର ରାଜପରିବାର । ଏହି ପରିବାରର ଶେଷ ରାଜା ଥିଲେ ଭବାନୀ ସିଂହ । ତାଙ୍କର କୌଣସି ପୁତ୍ର ସନ୍ତାନ ନଥିବାରୁ ଝିଅର ପୁଅ ପଦ୍ମନାଭ ସିଂହଙ୍କୁ ଉତ୍ତରାଧିକାରୀ ଘୋଷଣା କରିଥିଲେ । ସେତେବେଳେ ୨୩ ବର୍ଷ ବୟସ୍କ ପଦ୍ମନାଭ ଜାତୀୟ ସ୍ତରର ପୋଲୋ ଖେଳାଳି ଭାବେ ଖ୍ୟାତି ଲାଭ କରିଥିଲେ । ଏହି ପରିବାରର ରାମ୍‌ବାଗ୍ ପ୍ୟାଲେସ୍ ଏବେ ତାଜ୍ ହୋଟେଲ୍ ଦ୍ୱାରା ପରିଚାଳିତ ହେଉଛି । ଜୟପୁର ସିଟି ପ୍ୟାଲେସର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ଏହି ପରିବାରର ମୋଟ୍ ସମ୍ପତ୍ତି ୨୦ ହଜାର କୋଟି ବୋଲି ଆକଳନ କରାଯାଉଛି ।

## ଗାଏକ୍‌ୱାଡ୍ ରାଜବଂଶ:



ଗାଏକ୍‌ୱାଡ୍ ପରିବାର ପୁନେରୁ ଯାଇ ବରୋଦାରେ ରାଜୁତି କରିବା ସହିତ ଲକ୍ଷ୍ମୀ ନିବାସ ପ୍ୟାଲେସ୍ ଅଧିକାର କରିଥିଲେ । ଏହି ବିରାଟ ପ୍ରାସାଦ ପାଞ୍ଚ ଶହ ଏକର ଜମିରେ ଅବସ୍ଥିତ ଏବଂ ବକିଂହାମ୍ ପ୍ୟାଲେସ୍‌ର ଚାରିଗୁଣ ହେବ ବୋଲି କୁହାଯାଏ । ଏହି ପ୍ରାସାଦ ଭିତରେ ଗଲ୍‌ଫ ପଡ଼ିଆ ରହିଛି । ଗାଏକ୍‌ୱାଡ୍ ବଂଶର ସମରଜିତ୍ ସିଂହ ରାଜା ରବି ବର୍ମାଙ୍କ ଅନେକ ଚିତ୍ର ଉତ୍ତରାଧିକାର ସୂତ୍ରରେ ପାଇଥିଲେ । ଗାଏକ୍‌ୱାଡ୍ ବଂଶର ମୋଟ ସମ୍ପତ୍ତି ୨୦ ହଜାର କୋଟି ।

# ମୋହନଥାଲ୍



ଗୁଜରାଟର ଏକ ଲୋକପ୍ରିୟ ରେସିପି ମୋହନଥାଲ । ବେସନ, ଗୁଆଘିଅ, ଚିନି ଏବଂ ବାଦାମରେ ତିଆରି ହୋଇଥାଏ ଏହି ମିଠେଇ । ଏହା ଦେଖିବାକୁ ବରଫି ଭଳି । କେହି କେହି ଏହାକୁ ବେସନ ବରଫି ବୋଲି କହିଥାଆନ୍ତି । ତେବେ ସ୍ୱାଦ ଏବଂ ଆକାର ବରଫିଠାରୁ ଭିନ୍ନ । ରାଜସ୍ଥାନର କେତେକ ଅଞ୍ଚଳରେ ମଧ ମୋହନ ଥାଲ ଏକ ଲୋକପ୍ରିୟ ସ୍ୱିଟ୍ ଡେଜର୍ଟ । ଭୋଜିଭାତ ଅବସରରେ ଏହି ମିଠା ପରିବେଷଣ କରାଯାଇଥାଏ । ଏଥିରେ କ୍ଷୀର ଅଧିକ ମିଶୁଥିବାରୁ ଏହାର ଅଧିକ ଦିନ ପର୍ଯ୍ୟନ୍ତ ତାଜା ଥାଏ । ଖାଇବାକୁ ମଧ ନରମ । ପର୍ବପର୍ବାଣୀ ଅବସରରେ ଏହାକୁ ପ୍ରସ୍ତୁତ



କରାଯାଇଥାଏ । ତେବେ ଦୀପାବଳୀରେ ଘରେ ଘରେ ତିଆରି ହୋଇଥାଏ ମୋହନଥାଲ । ରାଜାରାଜୁଡ଼ା ଅମଳରୁ ଏହି ମିଠା ଗୁଜରାଟ ସମେତ ରାଜସ୍ଥାନର ଘରେ ଘରେ ପରିଚିତ । ବେସନ ଏବଂ ଡ୍ରାଏଫ୍ରୁଟ୍‌ରେ ପ୍ରସ୍ତୁତ ହେଉଥିବା ଏହି ପାରମ୍ପାରିକ ମିଠାରୁ ସ୍ୱାଦ ମଧ ଖୁବ୍ ବଢ଼ିଆ । କୁହାଯାଏ ଭଗବାନ ଶ୍ରୀକୃଷ୍ଣଙ୍କର ଖୁବ୍ ପ୍ରିୟ ଥିଲା ଏହି ମିଠା । ଜନ୍ମାଷ୍ଟମୀ ଅବସରରେ ଏହାକୁ ଭୋଗ ଲଗା ଯାଉଥିବାରୁ ଏହାକୁ ମୋହନଥାଲ କୁହାଯାଏ ବୋଲି ବୟସ୍କମାନେ କୁହନ୍ତି । ଏହାକୁ ତିଆରି କରିବାର ବିଧି ସେତେ ଜଟିଳ ନୁହେଁ । ଇଚ୍ଛା ଓ ଆଗ୍ରହ ଥିଲେ ଏହାକୁ ବଡ଼ ସହଜରେ ଘରେ ତିଆରି କରିପାରିବେ । ତେବେ ଆସନ୍ତୁ ଜାଣିବା ମୋହନଥାଲ ତିଆରି କରିବା ବିଧି ।

**ପ୍ରସ୍ତୁତି :**

ମୋହନଥାଲ ପ୍ରସ୍ତୁତ କରିବା ପାଇଁ ଅତି ବେଶିରେ ୪୦ରୁ ୪୫ ମିନିଟ ସମୟ ଲାଗିବ । ଯଦି ଆପଣର ୪ ଜଣକ ପାଇଁ ମୋହନଥାଲ ପ୍ରସ୍ତୁତ କରିବାକୁ ଚାହାନ୍ତି ତେବେ ନିମ୍ନଲିଖିତ ଭାଗମାପ ଉପରେ ଦୃଷ୍ଟି ଦିଅନ୍ତୁ । ଅଧିକ କି କମ୍ ହେଲେ ସେହି ଅନୁସାରେ ଭାଗଭାପ କମ୍ ବେଶି କରିପାରିବେ । ଟିକେ ଦାନାଦାର ବେସନ (ଅତ୍ୟଧିକ ମସୃଣ ହୋଇନଥିବ) ଘିଅ ୩/୪ କପ୍ (ଅଲଗା କରି ଆଉ ଏକ ବଡ଼ ଚାମଚ ମଧ ନେବେ), କ୍ଷୀର ୩ ବଡ଼ ଚାମଚ, ଗୁଜରାତି ଗୁଣ୍ଡ ସାମାନ୍ୟ, ଜାଇଫଳ ଗୁଣ୍ଡ ଚିମୁଟାଏ, ଚିି ଦେଢ଼ କପ୍, କେଶନ ଚିମୁଟାଏ, ଆଲମଣ୍ଡ ୧୦ଟା, ପେସ୍ତା ୧୦ଟା । ପ୍ରଥମ ଆଲମଣ୍ଡ ଓ ପେସାକୁ ଗରମ ପାଣିରେ ପକାଇ ଚୋପା ବାହାର କରି ପତଳା ପତଳା ସ୍ଲାଇସରେ କାଟି ଅଲଗା ରଖନ୍ତୁ । ଏହାପରେ ଏକ ନନଷ୍ଟିକ ପ୍ୟାନରେ ୨ ବଡ଼ ଚାମଚ କ୍ଷୀର ଗରମ କରି ସେଥିରେ ଦେଢ଼ ବଡ଼ ଚାମଚ ଘିଅ ମିଶାଇ ଗରମ କରନ୍ତୁ । ଏଥର ଏକ ବୋଲ୍‌ରେ ବେସନ ନେଇ ସେଥିରେ କ୍ଷୀର ଏବଂ ଘିଅର ଏହି ମିଶ୍ରଣ ପକାଇ ହାତରେ ଭଲ କରି ମିଶାନ୍ତୁ । ଯେମିତି ହାତକୁ ଚିକ୍କଣ ଲାଗିବ । ଏହାପରେ ଏହି ମିଶ୍ରଣକୁ ଏକ ଚାଲୁଣି ସାହାଯ୍ୟରେ ହାତରେ ଘଷି ଘଷି ଚଲାଇ ନିଅନ୍ତୁ ଯେମିତି କେଉଁଠି ଗେଟା ରହିବ ନାହିଁ । ଏହାପରେ ଅଧ କପ ପାଣିରେ ଦେଢ଼ କପ ଚିନି ମିଶାଇ ସିରା ପ୍ରସ୍ତୁତ କରନ୍ତୁ । ଏହାପରେ ଏକ ନନଷ୍ଟିକ୍ ପ୍ୟାନରେ ୩/୪ କପ୍ ଘିଅ ଗରମ କରି ସେଥିରେ ଆଗରୁ ଛାଣି ରଖିଥିବା ବେସନ ପକାଇ ଭଲ କରି ମିଶାନ୍ତୁ । ମଧମ ଆଞ୍ଚରେ ବେସନକୁ ଭାଜନ୍ତୁ । ସୁଗନ୍ଧ ଆସିଲେ ଆଞ୍ଚ ପୂରା ଧିମା କରିଦିଅନ୍ତୁ । ଏପଟେ ଦେଖନ୍ତୁ ସିରା ପ୍ରସ୍ତୁତ ହେଲାଣି କି ନାହିଁ । ଅଧିକ ପତଳା କି ଅଧିକ ଗାଢ଼ ସିରା ପ୍ରସ୍ତୁତ କରିବେ ନାହିଁ । ଏଥର ବେସନରେ ଜାଇଫଳ, ଗୁଜୁରାତି ଗୁଣ୍ଡ ଭଲ କରି ମିଶାଇଲା ପରେ ଥଣ୍ଡା ହେବାକୁ ଦିଅନ୍ତୁ । ଚିନି ସିରାରେ ୨ ବଡ଼ ଚାମଚ କ୍ଷୀର ମିଶାନ୍ତୁ । ଏଥର ସେହି ସିରାକୁ ବେସନ ମିଶ୍ରଣରେ ଧୀରେ ଧୀରେ କରି ପକାଇ ଗୋଳାନ୍ତୁ । ଏହାପରେ ଏକ ଆଲୁମିନିୟମ ଟ୍ରେରେ ଟିକେ ଘିଅ କି ରିଫାଇନ ତେଲ ଲଗାଇ ମିଶ୍ରଣଟିକୁ ଢାଳନ୍ତୁ । ଏହା ଉପରେ ଆଗରୁ କାଟି ରଖିଥିବା ବାଦାମ ଏ କେଶର ସଜାନ୍ତୁ ପୂରା ଥଣ୍ଡା ହେଇଗଲା ପରେ କାଟନ୍ତୁ । ଆଉ ପରିବେଷଣ କରନ୍ତୁ ମୋହନଥାଲ ।

## ସ୍ୱାସ୍ଥ୍ୟ ମନ୍ତ୍ର

ଅନ୍ଧକାର ଉପରେ ଅଧିକ ସମୟ ଉଜ୍ଜ୍ୱଳ ଆଲୋକରେ ରହିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏହା ଦ୍ୱାରା ନିଦ୍ରା ବାଧାପ୍ରାପ୍ତ ହୁଏ । ଶରୀରର ପ୍ରାକୃତିକ ଘଣ୍ଟା କାର୍ଯ୍ୟଦକ୍ଷତା ହରାଏ । ରାତିରେ ଉଜ୍ଜ୍ୱଳ ଆଲୋକରେ ଅଧିକ ସମୟ ଜାଗ୍ରତ ରହିବା କର୍କଟ, ମଧୁମେହ, ମେଦବହୁଳତା ଓ ହୃଦ୍‌ରୋଗର କାରଣ ହୋଇପାରେ । ସବୁ ରଙ୍ଗର ଆଲୋକର କ୍ଷତିକାରୀ ପ୍ରଭାବ ଭିନ୍ନ ଭିନ୍ନ । ଦିନରେ ନୀଳ ଆଲୋକ (ବ୍ଲୁ ୱେଭ୍‌ଲେନ୍‌ଥ) ଶରୀର ପାଇଁ ହିତକାରୀ । ହେଲେ, ରାତିରେ ଅହିତକାରୀ । ସୂର୍ଯ୍ୟାସ୍ତ ପରେ ନୀଳ ଆଲୋକଠାରୁ ନିରାଦପ ଦୂରତାରେ ରହନ୍ତୁ । ରାତିରେ ଅଧିକ ଟେଲିଭିଜନ୍ ଦେଖୁଥିଲେ କି କଂପ୍ୟୁଟରରେ କାମ କରୁଥିଲେ, ନୀଳ ଆଲୋକ ପ୍ରତିରୋଧୀ ଚଷମା ପିନ୍ଧନ୍ତୁ କିମ୍ବା କଂପ୍ୟୁଟର ପରଦାକୁ ଏହି ଆଲୋକ ପ୍ରତିରୋଧୀ ଫିଲ୍‌ଟର୍ ଦ୍ୱାରା ଢାଙ୍କନ୍ତୁ । ଶୋଇବା ଘରେ ନୀଳ ରଙ୍ଗର ଜିରୋ ପାୱାର୍ ବଲ୍‌ବ ବଦଳରେ ନାଲି ରଙ୍ଗର ବଲ୍‌ବ ଲଗାନ୍ତୁ ।

## ନାନ୍ ମାଡୋଲ୍



ମାଇକ୍ରୋନେସିଆନ୍ ଦ୍ୱୀପ 'ନାନ୍ ମାଡୋଲ୍'କୁ ୨୦୧୬ରେ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ କରାଯାଇଥିଲା । ମୁଖ୍ୟ ଦ୍ୱୀପଟି ଶତାଧିକ ଛୋଟ ଛୋଟ କୃତ୍ରିମ ଦ୍ୱୀପ ସହ କେନାଲ୍ ବ୍ୟବସ୍ଥା ଦ୍ୱାରା ସଂଯୁକ୍ତ । ତେଣୁ, ଏହାକୁ 'ପ୍ରଶାନ୍ତ ମହାସାଗରୀୟ ଭେନିସ୍' କୁହାଯାଏ । ଦ୍ୱିତୀୟ ଶତାବ୍ଦୀରୁ ଏହା ମଣିଷଙ୍କ ବାସସ୍ଥାନ ରହିଆସିଲାଣି । ଏହାର କୌଣସି ଲିଖିତ ବା ସାଂକେତିକ ପ୍ରାଚୀନ ଇତିହାସ ନାହିଁ । ଅଷ୍ଟମ-ନବମ ଶତାବ୍ଦୀରେ ଏହି କୃତ୍ରିମ ଦ୍ୱୀପଗୁଡ଼ିକ ନିର୍ମିତ । ତେବେ ନିର୍ଦ୍ଦିଷ୍ଟ ଭାବେ କେଉଁମାନଙ୍କ ଦ୍ୱାରା ସୃଷ୍ଟ ଅଜଣା । ସ୍ଥାନୀୟ କିଂବଦନ୍ତି ଅନୁଯାୟୀ ଓଲିସିପା ଏବଂ ଓଲୋସୋହ୍‌ପା ନାମକ ଦୁଇଜଣ ତାନ୍ତ୍ରିକ ଭ୍ରାତା ସେଗୁଡ଼ିକର ସ୍ରଷ୍ଟା । ସେମାନେ ଉଡ଼ନ୍ତା ଡ୍ରାଗନ୍ ସାହାଯ୍ୟରେ ବିରାଟ ବିରାଟ ପଥର ଆଣି ଦ୍ୱୀପଗୁଡ଼ିକ ଗଢ଼ିଥିଲେ । କୃତ୍ରିମ ଦ୍ୱୀପଗୁଡ଼ିକ ପ୍ରକୃତରେ ବିସ୍ମୟକର । ସପ୍ତଦଶ ଶତାବ୍ଦୀରେ ଏହାର ଜନସଂଖ୍ୟା ହ୍ରାସ ପାଇଥିଲା । ଖାଦ୍ୟ ଓ ପାନୀୟ ଜଳର ଅଭାବ ମୁଖ୍ୟ କାରଣ । 'ନାନ୍ ମାଡୋଲ୍'କୁ ନେଇ ଗୁଡ଼ିଏ ରହସ୍ୟ ଉପନ୍ୟାସ ଲେଖାଯାଇଥିବା ଜଣାଯାଏ ।

# ଜଳବାୟୁ ପରିବର୍ତ୍ତନ ସଂକଟ ବଢ଼ିବ

ବିଜ୍ଞାନ ଐତିହାସିକ ରୋହିତ ଗୁପ୍ତାଙ୍କ କହିବାନୁଯାୟୀ ଜଳବାୟୁ ପରିବର୍ତ୍ତନ ବଢ଼ିବା ଯୋଗୁଁ ପ୍ରତିକ୍ରିୟାଶୀଳ ହୋଇଉଠିଛି । ମଣିଷକୁ ସତର୍କ କରାଇ ଏହା କରୋନା ଭଳି ମହାମାରୀ ସୃଷ୍ଟି କରିଛି । କୋଭିଡ-୧୯ ପ୍ରଥମ ଲହରି ବିବେଚନା କରାଯାଇପାରେ । ଏହାପରେ ଆହୁରି ବଡ଼ ଲହରି କିମ୍ବା ନୂଆ ଭୂତାଣୁ ଜନ୍ମନେବା ଅସମ୍ଭବ ନୁହେଁ । ଭାରତରେ କେହି ସମ୍ଭାବ୍ୟ ବଡ଼ ସମସ୍ୟାକୁ ନେଇ ଚିନ୍ତିତ ନାହାନ୍ତି । ତାହା ହେଉଛି ଜଳବାୟୁ ପରିବର୍ତ୍ତନ । ଜଳବାୟୁକୁ ଶୃଙ୍ଖଳିତ ରଖିବା ପାଇଁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ନିର୍ଗମନ ମାତ୍ରା ହ୍ରାସ ପାଇବା ନିହାତି ଆବଶ୍ୟକ । କୋଭିଡ-୧୯ ଲକ୍‌ଡାଉନ୍ ବେଳେ ବାୟୁମଣ୍ଡଳ କିଭଳି ସ୍ୱଚ୍ଛ ରହିଥିଲା ଏବଂ ନଦୀ ତଥା ସମୁଦ୍ର ଜଳ କିଭଳି ପରିଷ୍କାର ଥିଲା, ତାହା ବିଶ୍ୱବାସୀ ଦେଖିସାରିଛନ୍ତି । ତେଣୁ କରୋନାରୁ ସମସ୍ତଙ୍କୁ ଉଚିତ ଶିକ୍ଷା ମିଳିଛି ବୋଲି କୁହାଯାଇ ପାରିବ । ଆଗକୁ କରୋନାଠାରୁ ଆହୁରି ବଡ଼ ମହାମାରୀକୁ ଏଡ଼ାଇବା ପାଇଁ ପରିବେଶକୁ ସ୍ୱଚ୍ଛ ରଖିବା ଦିଗରେ କାମ କରିବାକୁ ହେବ । ଆଗକୁ କରୋନାଠାରୁ ଆହୁରି ବଡ଼ ମହାମାରୀକୁ ଏଡ଼ାଇବା ପାଇଁ ପରିବେଶକୁ ସ୍ୱଚ୍ଛ ରଖିବା ଦିଗରେ କାମ କରିବାକୁ ହେବ । ଗୁପ୍ତା ଆହୁରି କହିଛନ୍ତି, ପୃଥିବୀ କହିଲେ କେବଳ ମଣିଷ ସମାଜକୁ ବୁଝାଏ ନାହିଁ । ଅନେକ ସ୍ତରରେ



ଏହା ନିର୍ମାଣ ହୋଇଛି । କୀଟପତଙ୍ଗ ମଧ ପୃଥିବୀ ପାଇଁ ଅନେକ ଗୁରୁତ୍ୱ ରଖନ୍ତି । ସେମାନେ ଉଦ୍ଭିଦକୁ ତିଷ୍ଠିରହିବାରେ ସହାୟକ ହୁଅନ୍ତି, ଫଳରେ ମଣିଷ ଜାତି ଉଦ୍ଭିଦଠାରୁ ଖାଦ୍ୟ ଓ ଅମ୍ଳଜାନ ପାରିପାରିଥାନ୍ତି । ସେହିଭଳି ମାଇକ୍ରୋବ୍ ବା ସୂକ୍ଷ୍ମଜୀବର ମଧ ଯଥେଷ୍ଟ ଗୁରୁତ୍ୱ ରହିଛି । କୋଟି କୋଟି ବର୍ଷ ଧରି ସେମାନେ ପୃଥିବୀକୁ ସାହାଯ୍ୟ କରୁଛନ୍ତି । ପୃଥିବୀରେ କୌଣସି ପ୍ରକାର ବଡ଼ ପରିବର୍ତ୍ତନ ଘଟିଲେ, ସେମାନେ ମଣିଷଠାରୁ ଆଗୁଆ ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି । ଫଳରେ ମଣିଷ ଆଗୁଆ ସତର୍କ ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ରାଜନୀତି...

ରାଜନୀତି ପାଇଁ ଯେ କୌଣସି ପ୍ରସଙ୍ଗ ବି ଖୋରାକ ଯୋଗାଇ ପାରେ । ତେଣୁ ଭାଷାକୁ ନେଇ ରାଜନୀତି କରାଯିବାରେ କିଛି ବିଚିତ୍ରତା ନାହିଁ । ଭାଷା ଭିତ୍ତିରେ ତ ଅନେକ ରାଜ୍ୟ ଗଢ଼ା ହୋଇଛି ଭାରତରେ । ଆଉ ତାମିଲନାଡୁରେ ଭାଷାକୁ ନେଇ ରାଜନୀତି କରାଯିବା ଢେର୍ ପୁରୁଣା । ତେଣୁ ଏବେ ଯେତେବେଳେ ଜାତୀୟ ଶିକ୍ଷା ନୀତି (ଏନ୍ଇପି), ୨୦୨୦ରେ ତ୍ରି-ଭାଷା ସୂତ୍ର ଅର୍ଥାତ୍ ମାତୃଭାଷା, ହିନ୍ଦୀ ଏବଂ ଇଂରାଜୀକୁ ସ୍କୁଲ ଶିକ୍ଷାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ସୁପାରିସ କରାଯାଇଛି, ତାମିଲନାଡୁରେ ହିନ୍ଦୀ ଭାଷାକୁ ନେଇ ରହିଥିବା ବିରୋଧ ଭାବ ରୂପକ ନିଆଁରେ ତାହା ଘିଅ ଢାଳିବା ସଦୃଶ କାମ କରିଛି, ଯଦିଓ ଅଧୁନା ଶିକ୍ଷା ମନ୍ତ୍ରଣାଳୟ ନାମରେ ପୁନର୍ବାର ପରିଚିତ ହେବାକୁ ଯାଉଥିବା ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ 'ଅଧିକ ନମନୀୟତାର ସହିତ' ସ୍ପଷ୍ଟ କରିଛନ୍ତି ଯେ 'କୌଣସି ଭାଷାକୁ କୌଣସି ରାଜ୍ୟ ଉପରେ ଜୋର ଜବରଦସ୍ତ ଲଦି ଦିଆଯିବ ନାହିଁ ।' ତେବେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏଡାପାଡି କେ ପାଲାନିସ୍ୱାମୀ ଏଥିରେ, ବିଶେଷକରି ହିନ୍ଦୀ ଭାଷାକୁ ନେଇ ଆଦୌ ସନ୍ତୁଷ୍ଟ ନୁହନ୍ତି, କାରଣ ସେ ଉତ୍ତମ ରୂପେ ଜାଣନ୍ତି ଯେ ତାଙ୍କ ରାଜ୍ୟରେ ହିନ୍ଦୀ ଭାଷା ଏକ ଭାବପ୍ରବଣ ଏବଂ ରାଜନୀତିକ ପ୍ରସଙ୍ଗ । ତେଣୁ ସୋମବାର ଦିନ ସେ ନୂତନ ଶିକ୍ଷା ନୀତିକୁ 'ନିରାଶାଜନକ' କହିବା ହସିତ ନିଜ ଦଳର ଦ୍ରାବିଡ଼ ସଂସ୍କୃତି ପ୍ରତି ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ଯାହା ଦ୍ୱିଭାଷୀ ସୂତ୍ର ଉପରେ ଆଧାରିତ ଏବଂ ଯହିଁରେ ହିନ୍ଦୀର କ୍ୱଚିତ୍ ସ୍ଥାନ ରହିଛି, ଆଉ ଏକଥାକୁ ସେ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି । ତାଙ୍କର ଏପରି ବିରୋଧ ଭାବକୁ ଜଣେ ସ୍ପଷ୍ଟ ଭାବରେ ବୁଝିବାକୁ ହେଲେ ତାମିଲନାଡୁରେ ଭାଷା ଓ ଶିକ୍ଷା କିପରି ପରସ୍ପର ସହିତ ଓତଃପ୍ରୋତ ଭାବେ ସଂଯୁକ୍ତ, ତାହା ଜାଣିବା ଆବଶ୍ୟକତା ରହିଛି । ଏହି ରାଜ୍ୟରେ ପ୍ରଚଳିତ ସ୍ୱତନ୍ତ୍ର ଦ୍ୱିଭାଷୀ ନୀତି ଅର୍ଥାତ୍ ସ୍କୁଲ ସ୍ତରରେ କେବଳ ଇଂରାଜୀ ଏବଂ ତାମିଲ ଭାଷାରେ ଶିକ୍ଷାଦାନ କରାଯିବା ନିମନ୍ତେ ତାମିଲନାଡୁର ପ୍ରଥମ ମୁଖ୍ୟମନ୍ତ୍ରୀ ସିଏନ୍ ଆନ୍ନାଦୁରାଇଙ୍କ ଶାସନ କାଳରେ ୨୩ ଜାନୁଆରୀ, ୧୯୬୮ରେ ବିଧାନସଭାରେ ଏକ ସଂକଳ୍ପ ପତ୍ର ଗୃହୀତ ହୋଇଥିଲା ଯାହା ଉପରେ କାଏମ୍ ରହିବାକୁ ପୁଣିଥରେ ଏମ୍ଜି ରାମଚନ୍ଦ୍ରନ୍ଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ୧୯୮୬ ନଭେମ୍ବର ୧୩ ତାରିଖରେ ବିଧାନସଭାରେ ସଂକଳ୍ପ ନିଆଯାଇଥିଲା । ବସ୍ତୁତଃ ଏହି ରାଜ୍ୟରେ ପ୍ରତ୍ୟେକ ଶିକ୍ଷା ନୀତିକୁ ରାଜନୀତି ହିଁ ରୂପ ଦେଇଛି ଯାହା ସାମୂହିକ ଭାବରେ ଉଚ୍ଚଶିକ୍ଷା କ୍ଷେତ୍ରରେ ୪୯.୩ ପ୍ରତିଶତ ନାମଲେଖା ହାସଲ କରିବାରେ ରାଜ୍ୟକୁ ସକ୍ଷମ କରାଇଛି । ଉଚ୍ଚଶିକ୍ଷା ଲାଭ କ୍ଷେତ୍ରରେ ଏହି ରାଜ୍ୟରେ ଯେଉଁସବୁ ପ୍ରଥା ପରମ୍ପରା ପ୍ରତିବନ୍ଧକ ସାଜୁଥିଲା ଏବଂ ସମାଜର ଦଳିତ ନିଷ୍ପେଷିତ ବର୍ଗର ଲୋକଙ୍କୁ ଯାହା ଶିକ୍ଷାଲାଭର ସୁଯୋଗରୁ ବଞ୍ଚିତ କରୁଥିଲା, ସେସବୁକୁ ରାଜନୀତିକ କାର୍ଯ୍ୟାନୁଷ୍ଠାନ ବଳରେ ଦୂର କରାଯାଇ ପାରିଛି । ଉଦାହରଣ ସ୍ୱରୂପ, ୧୯୫୩ରେ ସି ରାଜଗୋପାଳାଚାରୀଙ୍କୁ 'ବଂଶାନୁକ୍ରମିକ ଶିକ୍ଷା ନୀତି' ପ୍ରଚଳନ କରିବାର ଉଦ୍ୟମ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନ କରିବାକୁ ବାଧ କରିଥିଲା ବେଳେ ତାଙ୍କର ଉତ୍ତରାଧୀକାରୀ କେ କାମରାଜଙ୍କୁ ରାଜ୍ୟରେ ଅଧିକ ସ୍କୁଲ ଖୋଲି ଶିକ୍ଷାର ପ୍ରସାର କରାଇବାର ଉଦ୍ୟମ 'କଲ୍ୱି ଥାନ୍ଥାଇ' (ଶିକ୍ଷାର ଜନକ)ର ଖ୍ୟାତି ଆଣି ଦେଇଥିଲା । କେବଳ ଏତିକି ନୁହେଁ, ଏସବୁର ବହୁ ପୂର୍ବରୁ ମଧ ରାଜଗୋପାଳାଚାରୀଙ୍କୁ ଆଉଥରେ କେବଳ ରାଜ୍ୟରେ ହିନ୍ଦୀ ଭାଷା ପ୍ରଚଳନ କରିବାରେ ଉଦ୍ୟମ ଯୋଗୁଁ ଅପଦସ୍ତ ହେବାକୁ ପଡ଼ିଥିଲା । ତାହା ଥିଲା ୧୯୩୭ ମସିହାର କଥା ଏବଂ ଏହି ଉଦ୍ୟମ ହିଁ ରାଜ୍ୟରେ ଜନ୍ମ ଦେଇଥିଲା ହିନ୍ଦୀ-ବିରୋଧୀ ଆନ୍ଦୋଳନକୁ । ତେଣୁ ତାମିଲନାଡୁ ରାଜ୍ୟବାସୀଙ୍କର ଶିକ୍ଷା ସମ୍ବନ୍ଧୀୟ ସଚେତନତା, ଶିକ୍ଷା ପାଇଁ ସେମାନଙ୍କର ରାଜନେତାମାନଙ୍କଠାରୁ ପ୍ରତ୍ୟାଶା ଏବଂ ହିନ୍ଦୀ ଭାଷା ପ୍ରତି ମନୋଭାବ ଏ ସବୁଥିରୁ ସହଜରେ ଅନୁମେୟ । ଆଉ ରାଜନେତାମାନେ ଯେ କେବେ ନିଜର ରାଜନୀତିକ କ୍ୟାରିୟରକୁ ଏକ ଭାଷା ପାଇଁ ବଳି ପକାଇବେ, ତାହା ସେମାନଙ୍କଠାରୁ ଆଶା କରାଯାଇ ନପାରେ । ପୁନଶ୍ଚ, ସେମାନେ ଯେଉଁ ଯୁକ୍ତି ଦର୍ଶାନ୍ତି ଯେ ହିନ୍ଦୀ ନ ଶିଖି ଆଜି କୌଣସି କ୍ଷେତ୍ରରେ ସେମାନେ ପଛରେ ନାହାନ୍ତି, ତାହା ମଧ ପ୍ରଣିଧାନଯୋଗ୍ୟ । ତାମିଲନାଡୁରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏବେଠୁ ଏଠାରେ ରାଜନୀତି ଆରମ୍ଭ ହୋଇ ସାରିଛି, କାରଣ ମହାମାରୀ କରୋନା କ୍ୱଚିତ୍ ଦେଶର ରାଜନୀତିକ ପାଣିପାଗକୁ ବଦଳାଇବାରେ ସମର୍ଥ ହୋଇଛି । ଏଭଳି ପରିସ୍ଥିତିରେ ବିଜେପି ସହିତ ମେଣ୍ଟ ଥିଲେ ସୁଦ୍ଧା ପାଲାନିସ୍ୱାମୀ ହିନ୍ଦୀ ଭାଷାକୁ ନେଇ ରାଜ୍ୟବାସୀଙ୍କ ଭାବାବେଗ ସହିତ ଯେ ଖେଳ ଖେଳିବାର ସାହସ କରିବେ, ତାହା ଆଶା କରିବା ବୃଥା- ସେଥିପାଇଁ ଜାତୀୟ ଏକତା, ସଂହତି ଇତ୍ୟାଦି ବଳିଷ୍ଠ ହେବା ସପକ୍ଷରେ ଯେତେ ଯୁକ୍ତ କରାଯାଉ ନା କାହିଁକି । ସର୍ବୋପରି, କିଛି ଲୋକ ମଧ ବିଶ୍ୱାସ କରନ୍ତି ଯେ ନବଘୋଷିତ ଜାତୀୟ ଶିକ୍ଷା ନୀତି ୨୦୩୫ ସୁଦ୍ଧା ଜିଇଆର୍ ୫୦ ପ୍ରତିଶତ ହେବା ନେଇ ଆଶା ପୋଷଣ କରୁଥିବା ବେଳେ ତାମିଲନାଡୁ ବର୍ତ୍ତମାନ ଏହାଠାରୁ ବିନା ହିନ୍ଦୀରେ ମାତ୍ର ୦.୭ ପ୍ରତିଶତ ପଛରେ ଅଛି । ତେଣୁ ଉପରୋକ୍ତ ବର୍ଷ ସୁଦ୍ଧା ଏହା ଯେ ଧାର୍ଯ୍ୟ ହାର ହାସଲ ନକରି ପାରିବ, ତାହା ଭାବିବାର କୌଣସି ଯଥାର୍ଥତା ଅଛି କି ? ପୁଣି ଏମିତି ନୁହେଁ ଯେ ତାମିଲନାଡୁରେ ଆଦୌ ହିନ୍ଦୀ ଭାଷା ଶିକ୍ଷା ଦିଆଯାଉ ନାହିଁ ବା ଲୋକମାନେ ହିନ୍ଦୀ ଶିଖି ନାହାନ୍ତି । ଏଠାକାର ସିବିଏସ୍ଇ ସ୍କୁଲଗୁଡ଼ିକରେ ହିନ୍ଦୀ ଶିକ୍ଷା ଉପରେ କଟକଣା ଜାରି କରାଯାଇ ନାହିଁ । ସେହିପରି ଚେନ୍ନାଇସ୍ଥିତ ୧୦୨ ବର୍ଷର ଅନୁଷ୍ଠାନ ଦକ୍ଷିଣ ଭାରତ ହିନ୍ଦୀ ପ୍ରଚାର ସଭାକୁ ମଧ ପୃଷ୍ଠପୋଷକତା ମିଳିବାରେ ଉଣା ହୋଇନାହିଁ । କେତେକ କ୍ଷେତ୍ରରେ, ଯେପରି ବିଭିନ୍ନ କଳକାରଖାନା ଇତ୍ୟାଦିରେ କାମ କରୁଥିବା ଲୋକମାନଙ୍କର ପରସ୍ପର ଭିତରେ ଭାବ ବିନିମୟ ନିମନ୍ତେ ବାଧ୍ୟବାଧକତାରେ ହେଲେ ସୁଦ୍ଧା ହିନ୍ଦୀରେ କଥାବାର୍ତ୍ତା ପାଇଁ ସେମାନେ ହିନ୍ଦୀ ଶିଖୁଛନ୍ତି । ତେଣୁ ତାମିଲନାଡୁ ହେଉ ବା ଅନ୍ୟ ଯେ କୌଣସି ରାଜ୍ୟ, ହିନ୍ଦୀ ଭାଷା ଶିକ୍ଷାକୁ ଲୋକମାନଙ୍କ ଉପରେ ଜୋର ଜବରଦସ୍ତ ଲଦିଦେବା ଅପେକ୍ଷା ରାଷ୍ଟ୍ରଭାଷା ଭାବରେ ପରସ୍ପର ଭାବ ବିନିମର୍ଯ୍ୟ ଭାଷା ହିସାବରେ ଗ୍ରହଣ କରି ଏହାକୁ ଶିକ୍ଷା କରିବାକୁ ଲୋକମାନଙ୍କୁ ଅନୁପ୍ରେରିତ କରିବା ଅଧିକ ସ୍ପୃହଣୀୟ ମନେହୁଏ ।




## ଅଗଷ୍ଟ ମହକ....

ଶରତ କୁମାର ଦାସ

ଅଗଷ୍ଟ ମହକ ଅଫୁରନ୍ତ ସୁଖ
ନୀଳ ଉର୍ମିମାଳା ନାଚେ,
ହସେ ସସାଗରା ହସେ ଚନ୍ଦ୍ର ସୂର୍ଯ୍ୟ
ପାର୍ବଣର ନୀଡ଼ ରଚେ ॥

ତ୍ରିରଙ୍ଗା ପତାକା ଗାଏ ଜୈତ୍ର ଗୀତି
ଶାନ୍ତିର ମୂର୍ଚ୍ଛନା ତୋଳି,
ପ୍ରେମର ମହ୍ଲାର ଝରିପଡ଼େ କେତେ
ଏକତାର ରଂଗ ବୋଳି ॥

ସ୍ୱାଧୀନ ଭାରତ ସ୍ୱର୍ଦ୍ଧିତ ବିଶ୍ୱାସ
ଉଲ୍ଲାସରେ ଭଳା ମନ
ଚତୁର୍ଦ୍ଦିଗ ଆଜି ମହମହ ବାସ
ପାପୁଲିରେ ଖେଳେ ଜହ୍ନ ॥

ଇତିହାସ କହେ ସଂଗ୍ରାମର ଗାଥା
କେତେ ଭୟ ପରାଜୟ,
ତ୍ୟାଗ ବଳିଦାନ କେତେ ଯେ କଷଣ
ଆକୁମାରୀ ହିମାଳୟ ॥

ସ୍ୱାଧୀନ ଆକାଶେ ବିହଙ୍ଗ କାକଳି
ଯାଇଛି ପଂଜୁରି ଭାଙ୍ଗି,
ଫୁଙ୍ଗୁଳା ସ୍ୱପ୍ନର ଚିତ୍ରିତ ମହଲ
ମନରେ ଉଠିଛି ଜାଗି ।

ସ୍ୱାଧୀନ କିରଣ ସ୍ୱାଗତ ବରଣ
ମାଟିରେ ଚନ୍ଦନ ବର୍ଷେ,
ଗରବ ଗୌରବ ଧୈର୍ଯ୍ୟର ପ୍ରତୀକ
ଭିନ୍ନତାରେ ଏକ ଆସେ ॥

ଦୂର ଚକ୍ରବାଳେ ଶୁଭେ ବ୍ରହ୍ମ ନାଦ
ଆଲ୍ଲା ଡାକ ମନ ମୋହେ
ବୁଦ୍ଧ, ଯୀଶୁଙ୍କର ବାଣୀର ଝଙ୍କାର
ଅମୃତର ମନ୍ତ୍ର ଗାଏ ॥

ବିଜ୍ଞାନ ବଳରେ ମାଟି ବଳୀୟାନ
ଗରିମାରେ ଗରୀୟାନ,
ସଭ୍ୟତା ସଂସ୍କୃତି ଭାଷା ପରମ୍ପରା
ଲାଗେ ଯାହା ଆୟୁଷ୍ମାନ ॥

ଚନ୍ଦନ ଚର୍ଚ୍ଚିତା ମାଟି ମା' ମୋର
ନୀରବେ ଢାଳୁଛି ଲୁହ,
ବେଦନା ବିଧୁର ଅଶାନ୍ତ ହୃଦୟେ
ଅସରନ୍ତି ଯାହା କୋହ ॥

ଜାତୀୟ ପତାକା ଜାତୀୟ ସଂଗୀତ
ଜାତୀୟ ଗୌରବରାଜି,
ଦିବ୍ୟ ଚେତନାର ମଧୁର ମହକ
ବାସ୍ନାୟିତ ହେଉ ଆଜି


+ ଅଧ୍ୟାପକ, ବଡ଼ବିଲ ମହାବିଦ୍ୟାଳୟ,
ବଡ଼ବିଲ
ଜିଲ୍ଲା- କେନ୍ଦୁଝର
ମୋ: ୮୨୪୯୧୩୭୦୯୧


# ଆତ୍ମହତ୍ୟା, ସମାଜ ଓ ଗଣମାଧ୍ୟମ

ଗୋବିନ୍ଦ ପଟ୍ଟନାୟକ



ଦୁନିଆରେ ଏପରି କୌଣସି ସମ୍ପତ୍ତି ନାହିଁ ଯାହା ମାନସିକ ଶାନ୍ତି ସହ ତୁଳନୀୟ । ମାନସିକ ଶାନ୍ତି ହଜିଗଲେ ମଣିଷ ମାନସିକ ଅବସାଦର ଶିକାର ହୁଏ । ଜୀବନ କଣ ବୁଝିବା ପୂର୍ବରୁ ଜୀବନ ଶେଷ ହୋଇଯାଏ । ଦୁର୍ଲ୍ଲଭ ମଣିଷ ଜନମ, ଯାହା ଦେହରେ ଦିବ୍ୟଜ୍ଞାନ ଦେଖି ସ୍ୱୟଂ ଭଗବାନ ସନ୍ତୋଷ ଲାଭ କରିଛନ୍ତି । ସେହି ବିବେକୀ ମାନବ ଜୀବନ ପ୍ରତି ଲୋଭ, ମୋହ କାହିଁକି ଅଧାବାଟରେ ତୁଟିଯାଏ, ସେମାନେ କଣ ପରିବାର, ବନ୍ଧୁ, ସମାଜ ଉପରେ ଆସ୍ଥା ହରାଇ ବସନ୍ତି ? ଏମିତି ଅନେକ ପ୍ରଶ୍ନକୁ ନେଇ ସମାଜ ବିଜ୍ଞାନୀ, ମନସ୍ତତ୍ତ୍ୱବିତ୍, ସାମାଜିକ କର୍ମୀମାନେ ଏହାର କାରଣ ଖୋଜନ୍ତି ।

ଅସୁମାରୀ ଆଶା ପଛରେ ଧାଇଁ ଧାଇଁ ଯେତେବେଳେ ସେ ନିରାଶ ହୋଇଯାଉଛି, ଆତ୍ମବିଶ୍ୱାସ ହରାଇ ବସୁଛି । ସନ୍ଦେହ ଓ ଆତ୍ମବିଶ୍ୱାସ ଜାଲରେ ଛନ୍ଦି ହୋଇ ପଡୁଛି, ନିଜକୁ ଅତୀବ ଅସହାୟ ବୋଲି ଭାବୁଛି । ମାନସିକ ଶାନ୍ତି ମନରୁ ଦୂରେଇଯାଇ ଅଶାନ୍ତିର ଝଡ଼ ଜୀବନରେ ପ୍ରବାହିତ ହେଉଛି । ଏହି ଅଶାନ୍ତିର ଝଡ଼ ସମସ୍ତ ଆଶା, ଭରସା, ବଞ୍ଚିବାର ମୋହ ଭଳି ମହାଦ୍ରୁମକୁ ଉପାଡ଼ି ଦେଉଛି । ସେ ଚିନ୍ତା କରୁଛି ମୋ ଦ୍ୱାରା କୌଣସି କାମ ସମ୍ଭବ ନୁହେଁ । ବଞ୍ଚି ରହିବାର ମୂଲ୍ୟ କିଛି ନାହିଁ । ଜୀବନ ହା ହୁତାଶମୟ ହେବା ଫଳରେ ସେ ନିଜକୁ ଦାହ କରିଦେବାକୁ ଯାଇ ମାନସିକ ସ୍ଥିତି ହରାଇ ଆତ୍ମହତ୍ୟା ପରି କଠୋର ନିଷ୍ପତ୍ତି ଗ୍ରହଣ କରେ ।

ଅବସାଦ ଓ ଅଭାବ ଅନାଟନ ଏବେ କାଳ ସାଜିଛି । ବିଭିନ୍ନ ଘାତକ ରୋଗଠାରୁ ଏହା ଅଧିକ ମାରାତ୍ମକ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ୨୦୧୬ ମସିହାରେ ଯେଉଁ ସଂଖ୍ୟକ ମୃତ୍ୟୁ ଘଟଣା ଘଟିଥିଲା, ଆତ୍ମହତ୍ୟା ସେଥିରେ ଦ୍ୱିତୀୟ ମୁଖ୍ୟ କାରଣ ସାଜିଥିଲା । ଉପରୋକ୍ତ ଦୁଇଟି କାରଣରୁ ଅନେକ ଲୋକ ଅନନ୍ୟୋପାୟ ହୋଇ ଶେଷରେ ଆତ୍ମହତ୍ୟାର ବାଟ ବାଛୁଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟରୁ ଜଣାପଡ଼ିଛି ଯେ ପ୍ରତିବର୍ଷ ବିଶ୍ୱରେ ୮ ଲକ୍ଷ ଲୋକ ଆତ୍ମହତ୍ୟା କରୁଛନ୍ତି । ଏମାନଙ୍କ ମଧ୍ୟରେ ୧୭ ପ୍ରତିଶତ ଭାରତୀୟ ଅନ୍ତର୍ଭୁକ୍ତ । । ୧୫ରୁ ୨୯ ବର୍ଷ ମଧ୍ୟରେ ହିଁ ଅଧିକାଂଶ ଯୁବଗୋଷ୍ଠୀ ଆତ୍ମହତ୍ୟା କରୁଥିବା ଏଥିରେ ଦର୍ଶାଯାଇଛି । ଧନୀ ହେଉ ବା ଗରୀବ କେହି ଏହି ଘାତକ କାଳ କବଳରୁ ବର୍ତ୍ତି ପାରୁନାହାଁନ୍ତି । ମହିଳାମାନଙ୍କ ତୁଳନାରେ ଅଧିକ ପୁରୁଷ ଆତ୍ମହତ୍ୟା କରୁଛନ୍ତି କିନ୍ତୁ ଅଧିକ ମହିଳା ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି । କେତେକ କ୍ଷେତ୍ରରେ ଆତ୍ମହତ୍ୟାକୁ ଦୁର୍ଘଟଣାର ରୂପ ଦିଆଯାଇ ଚପାଇ ଦିଆଯାଉଛି । ଅଧିକ ଆୟ କରୁଥିବା ବର୍ଗର ଲୋକ ହିଁ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି । ଅଧିକ ଧନ ଉପାର୍ଜନ କଲେ ଶାନ୍ତି ମିଳିବ ଏହି ଆଶାରେ ଲୋକଟି ପ୍ରକୃତ ଶାନ୍ତିକୁ ହରାଇ ବସୁଛି, ପାରିବାରିକ ସ୍ନେହ ମମତା ଠାରୁ ଦୂରେଇ ଯାଉଛି ଯାହା ପ୍ରତି ମଣିଷ ପାଇଁ ଅମୃତତୁଲ୍ୟ । ହତ୍ୟାକାଣ୍ଡ ଓ ଯୁଦ୍ଧ ତୁଳନାରେ ଅଧିକ ସଂଖ୍ୟାରେ ମଣିଷଙ୍କ ପ୍ରାଣ ଆତ୍ମହତ୍ୟା ଯୋଗୁ ଯାଉଛି । ଇନ୍ଷ୍ଟିଚ୍ୟୁଟ ଅଫ ହେଲ୍ଥ ମେଟ୍ରିକ୍ସ ଆଣ୍ଡ ଇଭାଲ୍ୟୁଏସନ ଦ୍ୱାରା କରାଯାଇଥିବା ପୃଥିବୀବ୍ୟାପୀ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏବେ ବର୍ଷକୁ ହାରାହାରି ୬୦,୦୦୦ ଭାରତୀୟ ଆଦ୍ୟ ତାରୁଣ୍ୟରେ ଆତ୍ମହତ୍ୟା କରି ହେଉ ଅବା ନିଜକୁ ଆଘାତ ପହଞ୍ଚାଇ ହେଉ ମୃତ୍ୟୁବରଣ କରୁଛନ୍ତି ।

କରୋନା ମହାମାରୀ ସମୟରେ ମାନସିକ ଅବସାଦ ବହୁଗୁଣରେ ବୃଦ୍ଧି ପାଇଛି । ଛୋଟ ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଏଥିରେ ପ୍ରପୀଡ଼ିତ । ଏପ୍ରିଲ ମାସରେ ଆମ ଦେଶରେ ୨.୭ କୋଟି ଚାକିରୀ ହରାଇଛନ୍ତି । ଲୋକେ କପର୍ଦ୍ଦକ ଶୂନ୍ୟ, କଳକାରଖାନା ବନ୍ଦ, ଘରେ ମାସ ମାସ ରହି କୋଟି କୋଟି ଲୋକ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି । ପରିବାରର ରୋଜଗାର ହ୍ରାସ, ବିଦ୍ୟାଳୟ ବନ୍ଦ, ସଙ୍ଗରୋଧ ବ୍ୟବସ୍ଥା ଆଦି ପରିବର୍ତ୍ତିତ ପରିସର ଶିଶୁମାନଙ୍କୁ ଶାରୀରିକ ଦଣ୍ଡ ଓ ମାନସିକ ଆବେଗ ପ୍ରତି ତିରସ୍କାର ସଦୃଶ ହେଉଛି । ଏଥିପାଇଁ ୪୦ ପ୍ରତିଶତ ଶିଶୁ ଦୁର୍ଶ୍ଚିନ୍ତାରେ ରହୁଛନ୍ତି । ସେହିପରି ଉଚ୍ଚ ମାଧ୍ୟମିକ ଓ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଭବିଷ୍ୟତକୁ ନେଇ ଆଶଙ୍କାରେ ରହିଛନ୍ତି । ବେସରକାରୀ ସଂସ୍ଥାରେ ଚାକିରୀ ଯିବା ସହିତ ରାଜ୍ୟ ସରକାର ଦୁଇବର୍ଷ ପାଇଁ ନିଯୁକ୍ତି ବନ୍ଦ କରିବା, ଯୁବକ ଓ ଯୁବତୀଙ୍କ ପାଇଁ ବେଢ଼ି ଉପରେ କରୋଡ଼ା ମାଡ଼ ଭଳି ହୋଇଯାଇଛି । ଅଧିକାଂଶ ଏମାନେ ଗୁମ୍ସୁମ୍ ହୋଇ ରହୁଛନ୍ତି ।

ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରିବାକୁ ଚାହୁଁଥିବା ମଣିଷଟିଏ ଏଥିରୁ ନିବୃତ୍ତି ରହିବା ପାଇଁ ପରିବାର ଓ ସମାଜର ପ୍ରମୁଖ ଭୂମିକା ରହିଛି । ପ୍ରଥମେ ପରିବାରର ଲୋକେ ଜାଣିବା ଦରକାର ଯେଉଁ ସଦସ୍ୟଙ୍କ ଆଚରଣ ବ୍ୟବହାରରେ ହଠାତ୍ ପରିବର୍ତ୍ତନ, ନୀରବ ରହିବା, ଚିଡ଼ିଚିଡ଼ାପଣ ଦେଖାଦେବା, ନିରୋଳା ସ୍ଥାନ ଖୋଜିବା, କ୍ଷୁଧା କମିଯିବା, ରାତିରେ ନିଦ ନହେବା ଆଦି ଲକ୍ଷଣ ଦେଖାଦେଲେ ତୁରନ୍ତ ସେମାନଙ୍କ ଚିକିତ୍ସା କରାଇବା ଉଚିତ । ଘରେ ବେକାର ହୋଇ ବସିଯିବା, ପରୀକ୍ଷାରେ ବିଫଳ, ପ୍ରେମରେ ଅସଫଳ ବ୍ୟକ୍ତିଙ୍କୁ ସମାଜରେ କେତେକ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି । ତାହା ଠିକ୍ ନୁହେଁ । ବର୍ତ୍ତମାନ କରୋନାରୁ ମୁକ୍ତ ହୋଇ ଫେରୁଥିବା ବ୍ୟକ୍ତିଙ୍କୁ କେତେକ ସ୍ଥାନରେ ବିରୋଧ କରାଯାଉଛି । ଏପରିକି ପରିବାର ଲୋକ ଘରେ ସ୍ଥାନ ଦେଉନାହାଁନ୍ତି । ଏସବୁ ବ୍ୟବହାର ମାନସିକ ଅବସାଦ ବଢାଇଥାଏ । ପ୍ରେମ ବିବାହରେ ଉଚ୍ଚନୀଚ, ଧନୀ, ଗରିବ ଭେଦଭାବକୁ ନେଇ ପରିବାର ତଥା ସମାଜ ଏହାକୁ ଘୃଣ୍ୟ ଚକ୍ଷୁରେ ଦେଖେ, ଯାହା ଫଳରେ ସେମାନେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟାକୁ ଶେଷ ପନ୍ଥା ବୋଲି ବାଛିଥାନ୍ତି । ରିପୋର୍ଟ ଅନୁସାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଯେତିକି ଲୋକ ଶିକାର ହେଉଛନ୍ତି, ପ୍ରେମଜନିତ ଆତ୍ମହତ୍ୟା ତା'ଠାରୁ ଅଧିକ । ପରିବାର ଓ ବନ୍ଧୁବାନ୍ଧବଙ୍କ ଦୟା ଓ ସମବେଦନା ଜଣେ ବ୍ୟକ୍ତିଙ୍କୁ ଆତ୍ମହତ୍ୟାରୁ ନିବୃତ୍ତ କରାଇ ପାରିବ, କାରଣ ଆତ୍ମହତ୍ୟାପ୍ରବଣ ବ୍ୟକ୍ତିଙ୍କ ପାଇଁ ପରିବାର ଓ ବନ୍ଧୁବାନ୍ଧବଙ୍କ ସସ୍ନେହ ସମ୍ବୋଧନ ଓ ସମବେଦନା ଏକ ସୁରକ୍ଷା କବଚ ପରି କାମ କରେ । ଏକାନ୍ନବର୍ତ୍ତୀ ପରିବାରର ବିଲୋପ ଘଟିବା ଠାରୁ ଆତ୍ମହତ୍ୟା ଜନିତ ମୃତ୍ୟୁ ବଢ଼ିଚାଲିଛି । ଦାଦା, ଖୁଡ଼ି, ପୁତୁରା, ଝିଆରୀ, ନଣନ୍ଦ, ଭାଉଜ, ଭଉଣୀ ତଥା ବରିଷ୍ଠ ସଦସ୍ୟମାନେ ପରସ୍ପର ଦୁଃଖ ବୁଝିବା ଓ ତାର ସମାଧାନ କରିଦିଅନ୍ତି । ବର୍ତ୍ତମାନ ଛୋଟ ପରିବାର ଓ ବନ୍ଧୁବାନ୍ଧବ କାହାରି ପାଖରେ ସମୟ ନାହିଁ କାହା ମନକଥା ଜାଣି ଆହା ପଦେ କହିବାକୁ । କ୍ଷୁଦ୍ର ପରିବାରରେ ସ୍ନେହ, ପ୍ରେମ, ମମତାରେ ଭରିଗଲେ ଅଶାନ୍ତି ଦୂର ହୋଇଯାଏ । ସୁନ୍ଦର ପରିବାରଟିଏ ଗଢି ପରସ୍ପର ଦୁଃଖ ସୁଖରେ ଭାଗିଦାର ଓ ତାହାର ସମାଧାନ ଏକାନ୍ତ ଆବଶ୍ୟକ । ଦୂରେଇ ଯାଇଥିବା ବନ୍ଧୁଙ୍କୁ ପୁଣି କୋଳେଇ ଆଣିବା ଦରକାର । ପଡ଼ୋଶୀଙ୍କ ସହ ତିକ୍ତତା ଭୁଲି ସୁସମ୍ପର୍କ ରଖିବା ଉଚିତ । ସେମାନେ ଉଚିତ ପରାମର୍ଶ ଦେବା ସହିତ ବିପଦ ଆପଦରେ ପ୍ରଥମେ ପହଞ୍ଚନ୍ତି । ପରିବାର, ବନ୍ଧୁବାନ୍ଧବ, ପଡ଼ୋଶୀଙ୍କ ଦୟା ଓ ସମବେଦନା ଜଣେ ବ୍ୟକ୍ତିଙ୍କୁ ଆତ୍ମହତ୍ୟାରୁ ନିବୃତ୍ତ କରିପାରିବ । କାରଣ ଆତ୍ମହତ୍ୟାପ୍ରବଣ ବ୍ୟକ୍ତିଙ୍କ ପାଇଁ ପରିବାର, ପଡ଼ୋଶୀ, ବନ୍ଧୁବାନ୍ଧବଙ୍କ ସସ୍ନେହ ସମ୍ବୋଧନ ଓ ସମବେଦନା ଏକ ସୁରକ୍ଷାକବଚ ପରି କାମ କରେ । ଭଗବାନ ଆମକୁ ଗୋଟିଏ ପାଟି ଓ ଦୁଇଟି କାନ ଦେଇଛନ୍ତି ଏମିତିକି କହିବା ତାର ଶୁଣିବା ଦରକାର । ଅବସାଦଗ୍ରସ୍ତ ଲୋକଟିର କଥା ଶୁଣି ଓ ତାର ପ୍ରତିକାର କଲେ ଆତ୍ମହତ୍ୟାର ପ୍ରତିରୋଧ ହୋଇପାରିବ ।

କେତେକ ସୂଚନା ଅଧିକାର କର୍ମୀ ଜନଶୁଣାଣୀ ଜରିଆରେ ରାଜ୍ୟର କେତେକ ଦୁଷ୍କର୍ମ ପୀଡ଼ିତାଙ୍କ ପରିଚୟ ପ୍ରଘଟ କରିଥିଲେ । ଏହି ଜନଶୁଣାଣୀର ଅଳ୍ପଦିନ ପରେ କୁନ୍ଦୁଲି ଓ ବାଣପୁର ପୀଡ଼ିତା ଆତ୍ମହତ୍ୟା କରିଥିଲେ । ପୀଡ଼ିତାମାନଙ୍କ ପରିଚୟ ସର୍ବସାଧାରଣରେ ପ୍ରକାଶ କରିବା ବେଆଇନ୍ ହୋଇଥିବାରୁ ଏହା ପରୋକ୍ଷରେ ପୀଡ଼ିତାମାନଙ୍କୁ ଆତ୍ମହତ୍ୟା ପାଇଁ ପ୍ରୋତ୍ସାହିତ କରିଥିଲା । ଜଣେ ଦୁଷ୍କର୍ମ ପୀଡ଼ିତାଙ୍କୁ ଆମ ସମାଜ ନୀଚ ଦୃଷ୍ଟିରେ ଦେଖେ । ପୁରୁଷ ରାକ୍ଷସଙ୍କ ଦୋଷ ନଦେଇ ନିରୀହା ପୀଡ଼ିତାମାନଙ୍କ ମୁଣ୍ଡରେ କଳଙ୍କର ଟୀକା ଲଗାଇ ଦିଅନ୍ତି । ବରଂ ପୀଡ଼ିତାର ମନୋବଳ ଦୃଢ଼ କରାଇ ତାକୁ ବଞ୍ଚିବାର ରାହା ଦେବା ଆମ ସମାଜର କର୍ତ୍ତବ୍ୟ । ଏକ ସକରାତ୍ମକ ବିଚାରଧାରା ଜୀବନକୁ ସରସ ସୁନ୍ଦର କରିଥାଏ । ତେବେ ଏହି ବିଚାରଧାରାକୁ ଅନେକ ସମୟରେ ପ୍ରଭାବିତ କରିଥାଏ ସାମାଜିକ ବ୍ୟବସ୍ଥା । ଯେଉଁଥିରେ ଏକ ଅସୁରକ୍ଷିତ ଭାବନା ବ୍ୟକ୍ତି ଭିତରେ ଦାନା ବାନ୍ଧେ ଓ ତାର ମାନସିକତାକୁ ବାରମ୍ବାର ଆଘାତ ଦିଏ ଓ ପରିଶେଷରେ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥାଏ । ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ, ସମ୍ମାନ କ୍ଷେତ୍ରରେ ଦେଖାଯାଉଥିବା ସଙ୍କଟ ଓ ଉପଯୁକ୍ତ ପରାମର୍ଶର ଅଭାବ ବିପଦକୁ ଟାଣିଆଣେ । ବୈଦ୍ୟୁତିକ ଗଣମାଧ୍ୟମ ହେଉ ବା ପ୍ରିଣ୍ଟ ମିଡ଼ିଆ ହେଉ, ବାରମ୍ବାର ଏହି ଆତ୍ମହତ୍ୟା ପ୍ରସଙ୍ଗ ଓ ଦୃଶ୍ୟ ପ୍ରକାଶ କରିବା ସମାଜ ପାଇଁ କ୍ଷତିକାରକ । ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍.ଜି. ରାମଚନ୍ଦ୍ରନ୍, ଏନ୍.ଟି.ଆର. ଓ ଜୟଲଳିତାଙ୍କ ମୃତ୍ୟୁରେ ଶତାଧିକ ଲୋକ ଆତ୍ମହତ୍ୟା କରିଥିଲେ । ରାଜନୈତିକ ଫାଇଦା ପାଇଁ ଏସବୁର ଦୁରୁପଯୋଗ ଯୋଗୁଁ ଅତ୍ୟଧିକ ଭାବପ୍ରବଣ ଲୋକେ ଦୁଃଖରେ ମ୍ରିୟମାଣ ହୋଇ ଆତ୍ମହତ୍ୟା କଲେ । ନିକଟରେ ବଲିଉଡ଼ର ବିଶିଷ୍ଟ ଯୁବତାରକା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ଖବର ଏତେ ଜୋର୍‌ରେ ଗଣମାଧ୍ୟମଗୁଡ଼ିକରେ ଚର୍ଚ୍ଚା ହେଲା ଯେ, ସେଥିପାଇଁ ଅବସାଦରେ କେଇଜଣ ତରୁଣ, ତରୁଣୀ ଆତ୍ମହତ୍ୟା କଲେ । ସେହିପରି ଆମ ରାଜ୍ୟରେ ନିକଟରେ ଆଦିତ୍ୟ ଦାଶଙ୍କ ମୃତ୍ୟୁ ଘଟଣା, ପ୍ରଥମେ ଆତ୍ମହତ୍ୟା ଓ ପରେ ତାଙ୍କୁ ମାରି ଦିଆଯାଇଥିବା ତଦନ୍ତ ଚାଲିଛି । ଜଣେ ନିଜକୁ ପ୍ରଥମେ ଭଲ ପାଇଲେ ଅନ୍ୟମାନଙ୍କୁ ଭଲ ପାଏ, ସେଭଳି ବ୍ୟକ୍ତି କୌଣସି ସ୍ଥିତିରେ ଆତ୍ମହତ୍ୟା କରିବା ସମ୍ଭାବନା ପ୍ରାୟ ନାହିଁ । ତାଙ୍କ ହାପି ହୋମରେ ଥିବା ଅନ୍ତେବାସିନୀ ଇନ୍ଦୁମତି କହିଲେ 'ଆଦି ଭଳି ପୁଅ ସମସ୍ତଙ୍କୁ ମିଳନ୍ତୁ' ଜଣେ ଯଦି ଆତ୍ମହତ୍ୟା ପୂର୍ବରୁ ଚିନ୍ତା କଲେ ନାହିଁ ସେ ଏକ ସାମାଜିକ ଅନୁଷ୍ଠାନର ମୁଖ୍ୟ । ତାଙ୍କ କରୁଣାକୁ ପାଥେୟ କରି କେତେଜଣ ବଞ୍ଚୁଛନ୍ତି । ଘରେ ବାପା, ମା, ବିବାହର ମାସେ ପୂରିନଥିବା ପତ୍ନୀଙ୍କୁ ଭୁଲିଯାଇ କିପରି ଆତ୍ମହତ୍ୟା କରିପାରିଲେ ? ସ୍ରୋତସ୍ୱିନୀ ନଦୀରେ କାତ ପାଉନଥିବା ନାଆର ଆହୁଲାକୁ ଫିଙ୍ଗିଦେବା ଭଳି ଅବସ୍ଥା କୁହାଯାଇପାରେ । ଏଭଳି ଏକ ସମ୍ବେଦନଶୀଳ ଘଟଣା ବାରମ୍ବାର ପ୍ରଦର୍ଶିତ ହେବା ବିପଦ ।

ନିର୍ଭୟା ହତ୍ୟାକାଣ୍ଡର ଆସାମୀମାନଙ୍କୁ ଫାଶି ଦଣ୍ଡାଦେଶ ତାରିଖ ତିନିଥର ଘୁଞ୍ଚିଲା । ଏହି ଫାଶି ଦଣ୍ଡ କିପରି ଦିଆଯାଏ ତାର ଜଘନ୍ୟ ଦୃଶ୍ୟ ବାରମ୍ବାର ଦୂରଦର୍ଶନରେ ପ୍ରଦର୍ଶିତ ହେଲା । ଅପରାଧ ଘଟାଇଥିବା ଲୋକଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିଲା ନାହିଁ । କାରଣ ଦୁଷ୍କର୍ମ ଓ ହତ୍ୟା ଦିନକୁ ଦିନ ବଢି ଚାଲୁଛି । କିନ୍ତୁ ଏହି ହତ୍ୟା ଅଭିଯୁକ୍ତଙ୍କ ପରିବାର, ପଡ଼ୋଶୀ, ବନ୍ଧୁବର୍ଗଙ୍କୁ କିପରି ଲାଗିଥିବ । କିଭଳି ମାନସିକ ଯନ୍ତ୍ରଣାରେ ସେମାନେ ଛଟପଟ ହୋଇଥିବେ । ସେମାନେ ଦୋଷ କରିନଥିଲେ । ସେହିପରି କୋଟି କୋଟି ଲୋକ ଏ ଦୃଶ୍ୟ ଦେଖି ଯଦିଓ ଅପରାଧିଙ୍କ ପାଇଁ ସହାନୁଭୂତି ନୁହେଁ ତଥାପି ବିଚଳିତବୋଧ କଲେ । ବିଷାଦଗ୍ରସ୍ତ ଲୋକଟି ଭାବିଲା ଏହି ଫାଶି ବା ଦଉଡ଼ି ଦେଇ ଆତ୍ମହତ୍ୟା କରିବା ସହଜ ଉପାୟ । ନିଜ ଗାମୁଛା ହେଉ ବା ଶାଢୀକୁ ବେକରେ ଗୁଡ଼ାଇ ଝୁଲି ପଡ଼ିଲେ ଯନ୍ତ୍ରଣା ହେବ ନାହିଁ । ମାନସିକ ବିଷାଦଗ୍ରସ୍ତ ଓ ଆତ୍ମହତ୍ୟା ପ୍ରବଣତା ଲୋକଙ୍କୁ ଏହା ପ୍ରୋତ୍ସାହିତ କରିଥାଏ ।

ଆତ୍ମହତ୍ୟା କରିବାରେ ଆମ ଦେଶ ଆଗରେ ରହିଛି । ଏହି ଆତ୍ମହତ୍ୟା ରୋକିବା ପ୍ରଥମେ ପରିବାର ଓ ସମାଜର କର୍ତ୍ତବ୍ୟ ରହିଛି । ଗଣମାଧ୍ୟମରେ ଏହାକୁ ବାରମ୍ବାର ପ୍ରଦର୍ଶନ କରାଯିବା କ୍ଷତିକାରକ । ଆମ ଭାରତୀୟଙ୍କ ଦେହରେ ଭାବପ୍ରବଣତାର ରକ୍ତ ପ୍ରବାହିତ । କୌଣସି କଥାକୁ ନେଇ ଅତ୍ୟଧିକ ଭାବପ୍ରବଣ ହେବା କ୍ଷତିକାରକ । କାହା ଉପରେ ଅଧିକ ଚାପ ପ୍ରୟୋଗ କରିବା ଅନୁଚିତ । ବାପା ମା ପିଲାଙ୍କ ଉପରେ ଉଚ୍ଚ ଅଧିକାରୀମାନେ ଅଧସ୍ତନଙ୍କ ଉପରେ ବିଶେଷ କରି ଏହି ଆତ୍ମହତ୍ୟା ପ୍ରବଣତା କରୋନା ବଢାଇ ଦେବାର ଯଥେଷ୍ଟ ସମ୍ଭାବନା ରହିଛି । ସରକାର ଓ ସ୍ୱେଚ୍ଛାସେବୀ ସଂଗଠନମାନେ କାଉନସେଲିଂର ବ୍ୟବସ୍ଥା କଲେ ନିଶ୍ଚୟ ଏହି ହାର କମ୍ ରହିବ ।


+ ମିଶନ ଆଶ୍ରା ଓ ଆଶାଲୋକ,
ଭୁବନେଶ୍ୱର
ମୋ : ୮୨୮୦୩୩୬୩୦୦


# ବିଶ୍ୱ ଦେଖିବ ୭୦ଲକ୍ଷ ଅବାଞ୍ଛିତ ଗର୍ଭବାସ

ଡାକ୍ତର ଶୁଭଶ୍ରୀ ମିଶ୍ର



ଆଜି ଏହି ଲେଖାଟି ପ୍ରସ୍ତୁତ କଲାବେଳକୁ ସମଗ୍ର ବିଶ୍ୱରେ ୪୫,୮୫,୦୦୦ ଜଣ କରୋନା ସଂକ୍ରମଣ ହୋଇଥିବା ବେଳେ ୩ଲକ୍ଷ୫ହଜାର ଜଣଙ୍କ ମୃତ୍ୟୁ ହୋଇଛି । ସମଗ୍ର ଭାରତରେ ମଧ ସଂକ୍ରମଣ ସଂଖ୍ୟା ୮୫,୫୩୮ ଓ ମୃତ୍ୟୁ ସଂଖ୍ୟା ୨୬୭୯, ସେହିପରି ୩୦ହଜାର ସୁସ୍ଥ ହୋଇ ଫେରିଲେଣି । ସାରା ବିଶ୍ୱରେ ଭାରତ ଏକାଦଶ ସ୍ଥାନରେ ରହିଛି । ପୃଥିବୀରେ ୪୫ଲକ୍ଷ ଲୋକ ସଂକ୍ରମିତ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ୩ଲକ୍ଷ ଉପରେ ରହିଛି । ଓଡ଼ିଶାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୭୨ ଓ ୧୬୬ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି । ତେବେ ସମଗ୍ର ବିଶ୍ୱରେ ମହାମହାରୀ କୋଭିଡ଼-୧୯ର ମୁକାବିଲା ପାଇଁ ଯାବତୀୟ ସ୍ୱାସ୍ଥ୍ୟସେବାକୁ କେବଳ ସେ ଦିଗରେ ହିଁ କେନ୍ଦ୍ରିତ କରାଯାଇଥିବାବେଳେ ସେଥିରୁ ଏକ ଭିନ୍ନ ପରିଣାମ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଚିନ୍ତା ବଢ଼ାଇ ଦେଇଛି । କରୋନା ସଂକ୍ରମଣକୁ ପ୍ରତିହିତ କରିବା ଲାଗି ସାମାଜିକ ଦୂରତ୍ୱ ବଜାୟ ରଖିବା ଉଦ୍ଦେଶ୍ୟରେ ବିଭିନ୍ନ ରାଷ୍ଟ୍ରରେ ଲକ୍ଡାଉନ ସ୍ଥିତିକୁ ଗୁରୁତ୍ୱ ଦିଆଯାଇଛି । ଜାତିସଂଘର ଏକ ତଥ୍ୟ ଅନୁଯାୟୀ ସମଗ୍ର ବିଶ୍ୱର ୧୧୪ଟି ନିମ୍ନ ଓ ମଧ୍ୟମ ଆୟବର୍ଗ ରାଷ୍ଟ୍ରରେ ବସବାସ କରୁଥିବା ପାଖାପାଖି ୪୭କୋଟି ମହିଳା ଅନାହୂତ ଗର୍ଭବାସକୁ ରୋକିବା ପାଇଁ ସାଧାରଣତଃ ଗର୍ଭନିରୋଧକ ବ୍ୟବହାର କରିବାପାଇଁ ପସନ୍ଦ କରିଥାନ୍ତି । ଅତ୍ୟାଧୁନିକ ଗର୍ଭନିରୋଧକ ବ୍ୟବହାର ପାଇଁ ସେମାନଙ୍କ ପାଖରେ ସମୟ ନଥିବାବେଳେ ବର୍ତ୍ତମାନ ସ୍ଥିତିରେ ସେମାନଙ୍କ ପାଖରେ ଚାହିଦା ମୁତାବକ ତଥାକଥିତ ସହଜଲବ୍ଧ ଗର୍ଭନୀରୋଧକ ପହଞ୍ଚି ପାରୁନାହିଁ । ଲକ୍ଡାଉନ ସ୍ଥିତି ଯୋଗୁଁ ଏକ ରକମ ଗୃହବନ୍ଦୀ ଜୀବନ ଯାପନ କରୁଥିବା ଯୋଗୁଁ ପରିଣତି ସ୍ୱରୂପ ଆଗାମୀ ମାସ ଗୁଡ଼ିକରେ ବିଶ୍ୱବ୍ୟାପୀ ୭୦ଲକ୍ଷ ଅବାଞ୍ଛିତ ଗର୍ଭଧାରଣ ସଂଖ୍ୟା ଦେଖିବାକୁ ମିଳିବ । ଅନେକ ମହିଳା ପରିବାର ନିୟୋଜନ ଅସ୍ତ୍ରୋପଚାର କରିନପାରି ଏପରି ସମସ୍ୟା ଭୋଗିବାକୁ ବାଧ ହେଉଛନ୍ତି । ତେବେ କେତେକ କ୍ଷେତ୍ରରେ ସହଜରେ ଲିଙ୍ଗ ବୈଷମ୍ୟର ଶିକାର ହେବା ଆଶଙ୍କାରେ ସେମାନେ ଗର୍ଭପାତ ପାଇଁ ଅନେକ ବିପଦପୂର୍ଣ୍ଣ ପ୍ରକ୍ରିୟାକୁ ଆପଣାଇବା ଦ୍ୱାରା ଏହି ସଂଖ୍ୟା ଯଥେଷ୍ଟ ବଢ଼ିଯିବାର ମଧ ଆଶଙ୍କା ରହିଛି ।

ଅନେକ ଦମ୍ପତି ଏହି ସମସ୍ୟାକୁ ଏକ ବିପଜ୍ଜନକ ସମସ୍ୟା ବୋଲି ଭାବନ୍ତି କିନ୍ତୁ ବାସ୍ତବରେ ତାହା ନୁହେଁ ପ୍ରାଥମିକ ଅବସ୍ଥାରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ସଠିକ ପରାମର୍ଶ, ପରୀକ୍ଷା ନିରୀକ୍ଷା ଓ ଔଷଧ ସେବନ ସହ ଡାକ୍ତରୀ ପରାମର୍ଶରେ ବିଶ୍ରାମ ଓ ଖାଦ୍ୟପେୟ ଗ୍ରହଣ କଲେ ଏହା ସମସ୍ୟା ହୋଇ ରହିବନାହିଁ । ଗର୍ଭନିରୋଧକ ଔଷଧ ଖାଇବାରେ ଅନିୟମିତତା ହିଁ ଅବାଞ୍ଛିତ ଗର୍ଭଧାରଣର ମୁଖ୍ୟ କାରଣ । ଆପଣ ପ୍ରତିଦିନ ଗର୍ଭନିରୋଧକ ଔଷଧ ଖାଉଛନ୍ତି, ହେଲେ ମଝିରେ ଭୁଲି ଯାଇ ଦିନେ କି ଦୁଇଦିନ ଔଷଧ ଖାଇନାହାଁନ୍ତି, ତାପରେ ଖାଇଛନ୍ତି । ଏହାଦ୍ୱାରା ମଧ ଆପଣ ଗର୍ଭଧାରଣର ଶିକାର ହୋଇପାରନ୍ତି । ଅନ୍ୟ ଏକ ଭୁଲ ହେଉଛି ଅସୁରକ୍ଷିତ ସେକ୍ସ ଜୀବନ ବିତାଇଛନ୍ତି ହେଲେ ଦୁଇ ଦିନ ପର୍ଯ୍ୟନ୍ତ ଗର୍ଭନିରୋଧକ ଔଷଧ ଖାଇନାହାଁନ୍ତି, ତେବେ ଗର୍ଭଧାରଣର ଶିକାର ହୋଇପାରନ୍ତି । ଗର୍ଭନିରୋଧକ ଔଷଧ ଖାଇବାର କିଛି ଘଣ୍ଟା ମଧ୍ୟରେ ଯଦି ଆପଣଙ୍କର ବାନ୍ତି ହୋଇଯାଏ, ତେବେ ମଧ ଗର୍ଭଧାରଣର ଶିକାର ହୋଇପାରନ୍ତି । କାରଣ ବାନ୍ତି ହେବା ଦ୍ୱାରା ଆପଣଙ୍କ ଶରୀରରେ ଗର୍ଭନିରୋଧକ ଔଷଧ ଠିକ୍ ଭାବରେ କାମ କରିପାରେ ନାହିଁ । ଦୁଇଟି ଟାବଲେଟ ଖାଇବା ମଧ୍ୟରେ ୨୪ ଘଣ୍ଟାରୁ ଅଧିକ ବ୍ୟବଧାନ ରହିବା ଅନୁଚିତ । ମନେରଖନ୍ତୁ ଆପଣଙ୍କୁ ପ୍ରତିଦିନ ନିୟମିତ ସମୟରେ ହିଁ ଗର୍ଭନିରୋଧକ ଔଷଧ ଖାଇବା ଦରକାର । ଉଦାହରଣ ସ୍ୱରୂପ ଯଦି ଆପଣ ସକାଳେ ଟାବଲେଟ୍ ଖାଇବା ଆରମ୍ଭ କରିଛନ୍ତି, ତେବେ ପ୍ରତିଦିନ ସକାଳେ ହିଁ ଔଷଧ ଖାଆନ୍ତୁ । ନଚେତ୍ ଟାବଲେଟ୍‌ର ପ୍ରଭାବ କମ୍ ପଡ଼ିଥାଏ । ଗର୍ଭନିରୋଧକ ଔଷଧ ଋତୁଚକ୍ରର ତୃତୀୟ କିମ୍ବା ପଞ୍ଚମ ଦିନରୁ ଆରମ୍ଭ କରିବାକୁ ପଡ଼ିଥାଏ । ଯଦି ଆପଣ ଋତୁଚକ୍ର ସମୟରେ ଏପରି ଭାବରେ ଗର୍ଭନିରୋଧକ ଔଷଧ ବ୍ୟବହାର କରୁଥାନ୍ତି, ତାହାଲେ ଅତିକମ୍‌ରେ ସାତ ଦିନ ପର୍ଯ୍ୟନ୍ତ ଅସୁରକ୍ଷିତ ସେକ୍ସ ଜୀବନ ବିତାନ୍ତୁ ନାହିଁ । ନଚେତ୍ ଗର୍ଭଧାରଣର ଶିକାର ହୋଇପାରନ୍ତି ।

ଅଧିକ ତାପମାତ୍ରାରେ ଔଷଧ ରଖନ୍ତୁ ନାହିଁ । ଅଧିକ ତାପମାତ୍ରାରେ ଔଷଧ ରଖିଲେ, ତାର କ୍ଷମତା ହ୍ରାସ ହୋଇଥାଏ । ଫଳରେ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରେ ନାହିଁ । କୌଣସି ବାକ୍ସ କି କାର ଭିତରେ ରଖନ୍ତୁ ନାହିଁ । ସିଧା ଖରାପଡୁଥିବା ସ୍ଥାନରେ ମଧ ଔଷଧ ରଖନ୍ତୁ ନାହିଁ । ଏହା ସହିତ ୬ ମାସରୁ ଅଧିକ ସମୟ ଷ୍ଟୋର କରି ରଖନ୍ତୁ ନାହିଁ । ସବୁଠୁ ଭଲ ହେବ ଏକ ମାସ ପାଇଁ ଆବଶ୍ୟକ ଔଷଧ କିଣନ୍ତୁ । ଏହାପରେ ପୁନଃ କିଣନ୍ତୁ । ସଂପ୍ରତି ଭୟାବହ କରୋନାର ପ୍ରକୋପ ଘର ପରିବାର, ବୃତ୍ତିଗତ କ୍ଷେତ୍ର ସବୁକିଛିକୁ ପ୍ରଭାବିତ କରିଥିବାବେଳେ ପାରିବାରିକ ଜୀବନରେ ଏହା କିଛି ପତି-ପତ୍ନିଙ୍କ ଭିତରେ ସୁଖଦ ଆଉ କେତେକ କ୍ଷେତ୍ରରେ ଦୁଃଖଦ ଅନୁଭବ ଆଣି ଦେଉଛି । ଲକ୍ଡାଉନ ଜାରି ରହିବା ଦ୍ୱାରା ଘରେ ଏକ ପ୍ରକାର ବାଧ ଜୀବନ ବିତାଉଥିବାରୁ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ସମ୍ପର୍କ ରହିବା ଦ୍ୱାରା ଗର୍ଭଧାରଣ ସମସ୍ୟା ରହିବ ନିଶ୍ଚୟ । ଏ କ୍ଷେତ୍ରରେ ସଂଯମତା ଜରୁରୀ । ଧୈର୍ଯ୍ୟ ରଖନ୍ତୁ ଏବଂ ମନମାଳିନ୍ୟ ନକରି ପ୍ରକୃତିର ଏହି ଆହ୍ୱାନକୁ ଗ୍ରହଣ କରି ଜୀବନ ଆଗେଇ ନେବା ପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ ।


+ ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୮୬୧୪୬୩୪୦୬

# ଅଜବ ଚିଜର ସଂଗ୍ରହାଳୟ

**ଆମ ଦେଶରେ ବେଶ୍ କେତୋଟି ସଂଗ୍ରହାଳୟ ଅଛି ଯେଉଁଗୁଡ଼ିକରେ ସ୍ଥାନ ପାଉଛି ଝାଡ୍ଡୁ, ଗୁଡ଼ି, ଖପୁରି, ତନ୍ତସାଧନା ପାଇଁ ଆବଶ୍ୟକ ସାମଗ୍ରୀ, ଜୀବାଶ୍ମ ଆହୁରି ଅନେକ ଜିନିଷ । ସେସବୁ ମଧ୍ୟରୁ କେତେଟି ବିଷୟରେ ଆମେ ଉଲ୍ଲେଖ କରିଛୁ ।**

### ଜୀବାଶ୍ମ ସଂଗ୍ରହାଳୟ:

ହିମାଚଳ ପ୍ରଦେଶର ସିମାଉର ଜିଲ୍ଲା ଅଧୀନସ୍ଥ ସାକେତିଠାରେ ଅବସ୍ଥିତ ଏହି ସଂଗ୍ରହାଳୟ । ଏହା ଭାରତୀୟ ଜୀବାଶ୍ମ ସଂଗ୍ରହାଳୟ ବା ଶିବାଲିକ୍ ଫସିଲ୍ ପାର୍କ ନାଁରେ ପରିଚିତ । ଏହି ସଂଗ୍ରହାଳୟ ଅନ୍ୟ ସଂଗ୍ରହାଳୟଗୁଡ଼ିକ ତୁଳନାରେ ଯଥେଷ୍ଟ ଭିନ୍ନ । ସବୁଜିମାମୟ ପରିବେଶ ମଧ୍ୟରେ ଗଢ଼ି ଉଠିଥିବା ଏହି ସଂଗ୍ରହାଳୟ ମଧ୍ୟରେ ଶିବାଲିକ୍ ରେଞ୍ଜର ବିଲୁପ୍ତ ପ୍ରଜାତିର ସ୍ତନ୍ୟପ୍ରାଣୀଙ୍କର ଜୀବାଶ୍ମ ମୁଖ୍ୟତଃ ପ୍ରଦର୍ଶିତ ହୋଇଥାଏ ।



### ଝାଡ୍ଡୁ ସଂଗ୍ରହାଳୟ:

ଯୋଧପୁରର ଅନ୍ୟତମ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଅର୍ନା ସଂଗ୍ରହାଳୟ । ଗ୍ରାମୀଣ ପରିବେଶର ଚାଲିଚଳଣିକୁ ନେଇ ତିଆରି ହୋଇଛି ଏହି ସଂଗ୍ରହାଳୟ । ଖ୍ୟାତିସଂପନ୍ନ ଐତିହାସିକ କୋମଲ କୋଠାରି ସ୍ଥାପନ କରିଥିଲେ ଏହି ସଂଗ୍ରହାଳୟ । ଏହି ସଂଗ୍ରହାଳୟର ମୁଖ୍ୟ ଆକର୍ଷଣ ଝାଡ୍ଡୁ । ଏଠାରେ ୧୬୦ ପ୍ରକାରର ଭିନ୍ନ ଭିନ୍ନ ଝାଡ୍ଡୁ ପ୍ରଦର୍ଶିତ ହୋଇଥାଏ ।



### ଗୁଡ଼ି ସଂଗ୍ରହାଳୟ:

ଭାନୁ ଶାହ ନାମକ ଜଣେ ପ୍ରତିଷ୍ଠା କରଛନ୍ତି ଏହି ସଂଗ୍ରହାଳୟ । ଅହମ୍ମଦଦାବାଦରେ ଅବସ୍ଥିତ ଏହି ସଂଗ୍ରହାଳୟ ଆକର୍ଷଣ ହେଉଛି ରଙ୍ଗବେରଙ୍ଗୀ ବିଭିନ୍ନ ଗୁଡ଼ି । ଦୀର୍ଘ ୫୦ ବର୍ଷ ଧରି ଏହି ବ୍ୟକ୍ତି ଦେଶ ବିଦେଶର ବିଭିନ୍ନ ଗୁଡ଼ିକୁ ନିଜ ଘରେ ସାଇତି ରଖିଥିଲେ । ଶେଷରେ ସେ ଏହି ଗୁଡ଼ିକୁ ନେଇ ଏକ ସଂଗ୍ରହାଳୟ କରିବାର ଚିନ୍ତା କଲେ । ତାଙ୍କ ପରିକଳ୍ପନାରୁ ଗଢ଼ି ଉଠିଥିବା ଏହି ଗୁଡ଼ି ସଂଗ୍ରହାଳୟ ଅହମ୍ମଦାବାଦର ଅନ୍ୟତମ ଆକର୍ଷଣ ହୋଇପାରିଛି ।



### ବାସନ ସଂଗ୍ରହାଳୟ:



୧୯୮୧ ମସିହାରେ ସୁରେନ୍ଦ୍ର ସି ପଟେଲଙ୍କ ଦ୍ୱାରା ତିଆରି ହୋଇଥିଲା ଏହି ସଂଗ୍ରହାଳୟ । ଅହମ୍ମଦାବାଦରେ ଅବସ୍ଥିତ ଏହା ଏଭଳି ଏକ ସଂଗ୍ରହାଳୟ ଯେଉଁଠାରେ ପ୍ରାଚୀନ ଯୁଗର ବହୁ ମୂଲ୍ୟବାନ ବାସନକୁସନ ପ୍ରଦର୍ଶିତ ହୋଇଥାଏ । ଏଠାରେ ହସ୍ତଶିଳ୍ପୀମାନଙ୍କ ବିରଳ କାରୁକାର୍ଯ୍ୟଗୁଡ଼ିକୁ ସାମିଲ୍ କରାଯାଇଛି । ୪୦୦୦ ବାସନ, ୧୦୦୦ ବର୍ଷ ପୁରୁଣା ଜଗ୍‌ରୁ ନେଇ ଆଧୁନିକ କାଚ ବାସନ, ବ୍ରୋଞ୍ଜ ବାସନ ଠାରୁ ଜର୍ମାନ ସିଲଭର ବାସନ ଆଦି ଦେଖିବାକୁ ମିଳିଥାଏ ଏହି ସଂଗ୍ରହାଳୟରେ । ଏଠାରେ ଦୁଇଟି ମୁଖ୍ୟ ଗ୍ୟାଲେରି ରହିଛି । ଗୋଟିଏରେ ଧାତୁ ନିର୍ମିତ ପାତ୍ର ଏବଂ ଅନ୍ୟଟିରେ ଚିମୁଟା, ଗୁଆକାତି ଭଳି ସାମଗ୍ରୀ ସାମିଲ୍ କରାଯାଇଛି ।

# ଶରୀରକୁ ଦିଅନ୍ତୁ ପୋଷଣ

**ଆୟୁର୍ବେଦ ଅନୁସାରେ, ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାକୁ ଚାହୁଁଥିଲେ ପ୍ରଥମେ ଉତ୍ତମ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ । ଏହା ସହ ଭୋଜନର ନିର୍ଦ୍ଦିଷ୍ଟ ସମୟ ରଖିବା ମଧ୍ୟ ଜରୁରୀ ।**

♦ ମୁମ୍ବାଇର ଖାଦ୍ୟ ବିଶେଷଜ୍ଞ ପ୍ରତିମା ଜେସ୍ୱାଲ୍‌ଙ୍କ ମତରେ ସୂର୍ଯ୍ୟୋଦୟର ପରେ ଆମ ଶରୀରକୁ ମଧ ଶକ୍ତି ମିଳେ । ଏଇ ସମୟରେ ଆମେ ବିଭିନ୍ନ ପ୍ରକାର ଭୋଜନ କଲେ ମଧ ତାହା ହଜମ ଶୀଘ୍ର ହେଇଥାଏ । ସୂର୍ଯ୍ୟାସ୍ତ ପରେ ପରେ ଶରୀରର ପାଚନ ତନ୍ତ୍ରର ଶକ୍ତି ମଧ ହ୍ରାସ ପାଉଥିବାର ବିଶେଷଜ୍ଞଙ୍କ ମତ ।

♦ ସକାଳୁ ଉଠିବାର ମଧ ଘଣ୍ଟା ମଧ୍ୟରେ ଜଳଖିଆ ଖାଇନେବା ଉଚିତ । ଅଧିକ ସମସ୍ୟା ଭୋକିଲା ରହିଲେ ଅମ୍ଳ ସମସ୍ୟା ହୋଇଥାଏ । ଶଯ୍ୟା ତ୍ୟାଗର ୫.୭ ମିନିଟ୍ ପରେ ୧ ଗିଲାସ ନଖ ଉଷୁମ ପାଣି ପିଅନ୍ତୁ ।

♦ ଦ୍ୱିପହର ଭୋଜନ ଦିନ ୧୨ଟାରୁ ୨ଟା ମଧ୍ୟରେର କରିନେବା ଆବଶ୍ୟକ । ଜଳଖିଆ ଓ ଦ୍ୱିପହର ଭୋଜନ ମଧ୍ୟରେ ୪ ଘଣ୍ଟାରୁ ଅଧିକ ବ୍ୟବଧାନ ରଖିବା ଭଲ ନୁହେଁ । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା, ଶରୀରକୁ ଭୋକିଲା ରଖି କଷ୍ଟ ଦିଅନ୍ତୁ ନାହିଁ । ସମୟକ୍ରମେ ଏହା ଆପଣଙ୍କ ଶରୀରକୁ ଦୁର୍ବଳ କରିଥାଏ ।

♦ ରାତ୍ରିଭୋଜନ ମଧ ସେଇ ଅନୁରୂପ ଶୀଘ୍ର ହେବା ଉଚିତ । ଯେତେ ଶୀଘ୍ର ଖାଇବେ, ତାହା ଆପଣଙ୍କ ପାଇଁ ସେତେ ଭଲ । ଶୋଇବାର ୩ ଘଣ୍ଟା ପୂର୍ବରୁ ହିଁ ରାତ୍ରିଭୋଜନ କରିନେଲେ ସେସବୁ ଖାଦ୍ୟ ହଜମ ହେବା ପାଇଁ ସମୟ ପାଇଥାଏ ।



## ଡିଜିଟାଲ୍ ଡ୍ରେସ୍

ଅଧିକାଂଶ ସମୟରେ ସୋସିଆଲ୍ ମିଡିଆରେ ସେଲିବ୍ରିଟିମାନେ ନିଜ ଡ୍ରେସ୍‌କୁ ନେଇ ଚର୍ଚ୍ଚାରେ ଥାଆନ୍ତି । କିନ୍ତୁ ଏବେ ସୋସିଆଲ୍ ମିଡିଆରେ ଏପରି ଏକ ଡ୍ରେସ୍ ଭାଇରାଲ ହେବାରେ ଲାଗିଛି ଯାହା କୌଣସି ସେଲିବ୍ରିଟିଠାରୁ କମ୍ ନୁହେଁ । ଭାଇରାଲ୍ ହୋଇଥିବା ଯେଉଁ ଡ୍ରେସ୍ ବିଷୟରେ କୁହାଯାଉଛି ଏହାର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏହାକୁ ଚେଷ୍ଟା କଲେ ମଧ୍ୟ କେହି ଛୁଇଁପାରିବେ ନାହିଁ । ଡ୍ରେସ୍‌ର ଦାମ୍ ପାଖାପାଖି ୭ ଲକ୍ଷ ଟଙ୍କା । ଆମେରିକାର ସାନ୍ ଫ୍ରାନ୍‌ସିସ୍କୋସ୍ଥିତ ସୁରକ୍ଷା କମ୍ପାନୀ କ୍ୱାଣ୍ଟର୍‌ସ୍କେପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ରିଚାର୍ଡ ମ’ ନିଜ ସ୍ତ୍ରୀଙ୍କ ପାଇଁ ଏକ ଡ୍ରେସ୍ ୯୫୦୦ ଆମେରିକୀୟ ଡଲାର ଅର୍ଥାତ୍ ୭ ଲକ୍ଷ ଟଙ୍କା ଖର୍ଚ୍ଚ କରି ପ୍ରସ୍ତୁତ କରିଛନ୍ତି । ଏହି ଡିଜିଟାଲ୍ ଡ୍ରେସ୍‌କୁ ଫ୍ୟାସନ୍ ହାଉସ୍ ଦ ଫ୍ୟାବ୍ରିକେଟ୍ ଦ୍ୱାରା ପ୍ରସ୍ତୁତ କରାଯାଇଛି ।



# କାଚଚୁଡ଼ିର ସହର





ନୂଆଦୀଲ୍ଲୀଠାରୁ ପ୍ରାୟ ଦୁଇଶହ କିଲୋମିଟର ଦଳା ଫିରୋଜାବାଦ ଏକ କୁଟୀର ଶିଳ୍ପର ସହର । କାଚ ଶିଳ୍ପ ପାଇଁ ଜଣାଶୁଣା ଏହି ସହରର ଅଧିକାଂଶ ପରିବାର ମୁଖ୍ୟତଃ ମହିଳାଙ୍କ ହାତପିନ୍ଧା କାଚ ନିର୍ମାଣ କରିଥାନ୍ତି । ଏହି ସହରରୁ ଉଠୁଥିବା କଳାଧୂଆଁ ପଛରେ ରଙ୍ଗିନ କାଚ ନିର୍ମାଣ ହିଁ ଦାୟୀ । କାଚ ନିର୍ମାଣଣ ପାଇଁ ଶିଳ୍ପର ଆଧୁନିକୀକରଣ ସତ୍ତ୍ୱେ ଏଠାରେ ପାରମ୍ପରିକ ଭାବେ ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରହିଛି । ଏଠାରେ ବାଙ୍ଗ୍‌ଲା (ହାତପିନ୍ଧା କାଚ) ନିର୍ମାଣ ଏକ କୌଳିକ ବୃତ୍ତି ଭାବେ ପିଢ଼ି ପରେ ପିଢ଼ି ଗଡ଼ି ଆସିଛି । ଫିରୋଜାବାଦର କାଚ କେବଳ ଭାରତରେ ନୁହେଁ ସାରା ବିଶ୍ୱକୁ ଏହା ରପ୍ତାନି ହୋଇଥାଏ । କ୍ରିସ୍‌ମାସ ସମୟରେ ଏଠାରେ ନିର୍ମାଣ ହେଉଥିବା ବିଭିନ୍ନ ପ୍ରକାରର କାଚର ଆଇଟମ୍‌ର ବେଶ୍ ଚାହିଦା ସର୍ବଦା ରହିଆସିଛି । ଫିରୋଜାବାଦରେ ଦୁଇଶହ ବର୍ଷ ଧରି ପାଣିକାଚ ନିର୍ମାଣ ହେଉଥିବା ଜଣାଯାଏ । ବିଶ୍ୱର ସବୁଠାରୁ ଅଧିକ କାଚ ନିର୍ମାଣ ଏହି ସହରରେ ହୋଇଥାଏ । ଏହି ସହରରେ ଚୁନିର ବଜାର ସୁନ୍ଦର ରଙ୍ଗିନ କାଚରେ ଝଲମଲ କରୁଥାଏ । କାଚ ନିର୍ମାଣ କାର୍ଯ୍ୟରେ ଆବାଳବୃଦ୍ଧବନିତା କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥାଏ । ରଙ୍ଗିନ କାଚକୁ ତରଳାଇ ତାକୁ ଟାଣି ତାର ପରି କରାଯାଇଥାଏ । ପରେ ଏହାକୁ ସ୍ୱତନ୍ତ୍ର ଶୈଳୀରେ କାଚ ଚୁଡ଼ି କରାଯାଇଥାଏ ।

“ମୁଁ ଛୋଟ ବେଳୁ ଏହି କାଚ ଶିଳ୍ପରେ କାର୍ଯ୍ୟ କରି ଆସୁଛି । ଆମେ ଆମର ଝାଳ ରକ୍ତ ନିଗାଡ଼ି ଏହି କାଚ ବ୍ୟବସାୟ ଜାରି ରଖିଛୁ । ପ୍ରତ୍ୟେକଟି କାଚ ଗ୍ରାହକଙ୍କ ହାତରେ ପହଞ୍ଚିବା ବେଳକୁ ଅତିକମ୍‌ରେର ଅଶୀ ଜଣଙ୍କ ହାତ ଦେଇ ଯାଇଥାଏ ।” ଏକଥା କହନ୍ତି ଅଶୀ ବର୍ଷୀୟା ବାବୁରାମ ମିଶ୍ର । ବାବୁରାମ ଶ୍ରମିକ ସଂଘର ସଭାପତି ଅଛନ୍ତି । ସେ ଆହୁରି ମଧ୍ୟ କହନ୍ତି “କାଚ ନିର୍ମାଣ ଅଧା କାର୍ଯ୍ୟ ଫ୍ୟାକ୍ଟ୍ରିରେ ହୋଇଥାଏ, ବାକି ଅର୍ଦ୍ଧେକ କାର୍ଯ୍ୟ ଘରେ ହୋଇଥାଏ । ପରିବାରର ପ୍ରତ୍ୟେକ ସଦସ୍ୟ ଏହି କାର୍ଯ୍ୟରେ ଲାଗି ରହିଥାନ୍ତି । ସହରର ଅଧିକାଂଶ ଶିଶୁ ସେମାନଙ୍କ ଅଭିଭବକଙ୍କୁ ଏ କାର୍ଯ୍ୟରେ ସହଯୋଗ କରନ୍ତି ।”

ଏକ ରିପୋର୍ଟ ମୁତାବକ, ସହରର ଜନସଂଖ୍ୟାର ନବେ ପ୍ରତିଶତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଏହି ଶିଳ୍ପ ସହ ଜଡ଼ିତ । ୧୯୧ଟି ଗ୍ଲାସ୍-ବାଙ୍ଗଲା ଫ୍ୟାକ୍ଟ୍ରି ସରକାରୀ ଭାବେ ପଞ୍ଜିକୃତ ହୋଇଛି ଏବଂ ଏକକ ଶିଳ୍ପରେ ଦୁଇଶହରୁ ଉର୍ଦ୍ଧ୍ୱ ଲୋକ କାର୍ଯ୍ୟ କରୁଛନ୍ତି । କାଚ ପାଇଁ ବ୍ୟବହୃତ ସିଲିକା ସ୍ୟାଣ୍ଡର ପ୍ରାଚୁର୍ଯ୍ୟ ଏବଂ ଶସ୍ତା ସହଜରେ ମିଳିଯାଉଥିବା ଶ୍ରମିକଙ୍କ ପାଇଁ ଏହି ଶିଳ୍ପ ଏଠାରେ ଏଯାବତ୍ ବଞ୍ଚି ରହିଥିବା କୁହାଯାଏ । ଶ୍ରମିକଟିଏ ଏଠାରେ ଭୋର୍ ଚାରିଟାରୁ ତା’ର କାର୍ଯ୍ୟ ଆରମ୍ଭ କରରି ସନ୍ଧ୍ୟା ୭ଟା ଯାଏ ଜାରି ରଖିଥାଏ । ଦିନକର କଠିନ ପରିଶ୍ରମରୁ ତାକୁ ମାତ୍ର ଅଶୀ ନବେ ଟଙ୍କା ମିଳିଥାଏ । କାଚ ବ୍ୟବସାୟୀ ଅନୁଜ ଶର୍ମା କହନ୍ତି “ପିଲାମାନେ ଅଧିକ ରୋଜଗାର ପାଇଁ ଘରେ କାର୍ଯ୍ୟ କରିବା ଅପେକ୍ଷା କାଚ ଶିଳ୍ପରେ କାମ କରିବାକୁ ବେଶୀ ପସନ୍ଦ କରନ୍ତି ।” ଷୋଳହଜାର କାଚର କ୍ୱାଲିଟି ଚେକ୍ ପାଇଁ ୬୦ଟଙ୍କା ଶ୍ରମିକଙ୍କୁ ମିଳିଥାଏ । ଏକ ପଥରରେ ପ୍ରତ୍ୟେକ କାଚକୁ ଧୀରେ ଧୀରେ ବାଡ଼େଇ ଶବ୍ଦ ଶୁଣି ଏହା ଠିକ୍ ଅଛି କି ନା ଚେକ୍ କରାଯାଏ । ପ୍ୟାକିଂ ହେଉଥିବା କାଚ ଭିତରେ ଯେପରି ଚଡ଼କି ଯାଇଥିବା କିମ୍ବା ଦୁର୍ବଳ ଥିବା କାଚ ରହି ନଯାଏ ଏମାନେ ଦେଖିଥାନ୍ତ ।

କାଚ ଶିଳ୍ପରେର କାମ କରୁଥିବା ବ୍ୟକ୍ତିଙ୍କଠାରେ ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ଦେଖିବାକୁ ମିଳିଥାଏ । ଶିଳ୍ପରେ ବ୍ୟବହୃତ କାଚ, ଉତ୍ତାପ ଏବଂ କେମିକାଲ୍ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଡାକ୍ତର ସୁରିନ୍ଦରର ପାଲ ସିଂହ ଚୌହାନ କହନ୍ତି “ଏହି ସହରରେ ମୁଁ ତିରିଶ ବର୍ଷ ଧରି ଡାକ୍ତରୀସେବା ଦେଇ ଆସୁଛି । ଏଠାକାର ଲୋକମାନେ ଟ୍ୟୁବର୍‌କ୍ୟୁଲୋସିସ୍ ଏବଂ ବିଭିନ୍ନ ଚାତି ସମସ୍ୟାରେ ପୀଡ଼ିତ ହୋଇ ଚିକିତ୍ସା ପାଇଁ ଆସିଥାନ୍ତି । ତ୍ୱଚାରେ ନିଆଁ ଲାଗି ଫୋଟକା, ଆଲର୍ଜି ଏବଂ ଦୃଷ୍ଟିଶକ୍ତିରେ ସମସ୍ୟା ଏଠାରେ ତ ଏକ ସାଧାରଣ କଥା ।”

କେବେଠାରରୁ ଏଠାରେ କାଚ ଶିଳ୍ପ ଆରମ୍ଭ ହୋଇଛି ? ମାତ୍ର ଦୁଇଶହ ବର୍ଷ ଭିତରେ ଏହି ଶିଳ୍ପ ଏଠାରେ ଆରମ୍ଭ ହୋଇଥିବା କୁହାଯାଏ । ଆଗ୍ରା ଗେଜେଟିୟର୍ ୧୮୮୪ ମୁତାବକ ଫିରୋଜାବାଦରେ ସେତେବେଳେ ଲାକ୍ଷ ବ୍ୟବସାୟ ଲାଭ ଚାଲିଥିଲା । ସମୟକ୍ରମେ ଏହି ବ୍ୟବସାୟ ଏଠାରେ ଲୋପ ପାଇ ଯାଇଥିଲା । ପରେ ପରେ କାଚ ଚୁଡ଼ି, କାଚରେ ନିର୍ମିତ ବିଭିନ୍ନ ସାଜସଜ୍ଜା ସାମଗ୍ରୀ, ବୈଜ୍ଞାନିକ ଉପକରଣ, ବଲ୍‌ବ ଆଦି ଏଠାରେ ନିର୍ମାଣ କରାଯାଇଥିଲା । ଏବେ ଏ ସହରର ଖ୍ୟାତି ସାରା ବିଶ୍ୱରେ ରହିଛି ।



## ସ୍ୱାସ୍ଥ୍ୟ ମନ୍ତ୍ର

ସାଧାରଣ ରକ୍ତ ପରୀକ୍ଷା ପାଇଁ ଲୋଡ଼ା ଅଳ୍ପ ପରିମାଣର ରକ୍ତ । ରକ୍ତରେ ହିମୋଗ୍ଲୋବିନ୍, ରକ୍ତ କୋଷିକା ଗଣନ, ଇସୋନୋଫିଲ୍‌ସ ମାତ୍ରା ଆଦି ଜାଣିବା ପାଇଁ କରାଯାଉଥିବା ସାଧାରଣ ରକ୍ତ ପରୀକ୍ଷା ଲାଗି ଆଙ୍ଗୁଠି ଟିପରୁ ବୁନ୍ଦାଏ, ଦୁଇ ବୁନ୍ଦା ରକ୍ତ ସଂଗ୍ରହ କରାଯାଏ । ତେବେ, ଏହି ନମୁନା ପରୀକ୍ଷଣରୁ ଠିକ୍ ଫଳ ମିଳିବାର ସଂଭାବନା କମ୍ । ସମାନ ବ୍ୟକ୍ତିଙ୍କଠାରୁ ବାରମ୍ବାର ଏ ଭଳି ନମୁନା ସଂଗ୍ରହ କରି, ଗବେଷକମାନେ ଏ ବାବଦରେ ନିଶ୍ଚିତ ହୋଇଛନ୍ତି । ଯେତେ ଥର ଏ ଭଳି ନମୁନା ସଂଗ୍ରହ କରିବ, ପ୍ରତିଥର ଭିନ୍ନ ଭିନ୍ନ ଫଳ ଆସିବ । ଧମନିରୁ ଅଧିକ ରକ୍ତ ସଂଗ୍ରହ କରି, ପରୀକ୍ଷା କରିବା ଉଚିତ ବୋଲି ଗବେଷକମାନେ କହୁଛନ୍ତି । ଆନେମିଆ, ମାଲେରିଆ, ଏଚ୍‌ଆଇଭି, ସିକଲ୍-ସେଲ୍ ଆଦି ଚିହ୍ନଟ ପାଇଁ ସର୍ବଦା ଧମନିର ରକ୍ତ ନିଆଯିବା ଉଚିତ । ତେବେ ସାଧାରଣ ରକ୍ତ ପରୀକ୍ଷା ପାଇଁ ମଧ୍ୟ ଧମନିରୁ ରକ୍ତ ସଂଗ୍ରହ କରାଗଲେ ରୋଗ, ବା ଶରୀରରେ କୌଣସି ଉପାଦାନର ଅଭାବ ବା ଆଧିକ୍ୟ ବାବଦରେ ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼େ ।

## ଶରୀର ଭିତରୁ ଦେଖିବା ପାଇଁ କ୍ୟାମେରା

ବ୍ରିଟେନ୍‌ରେ ବୈଜ୍ଞାନିକମାନେ ଏକ ଏଭଳି କ୍ୟାମେରା ବିକଶିତ କରିଛନ୍ତି ଯାହା ମାଧ୍ୟମରେ ଶରୀରର ଭିତର ପର୍ଯ୍ୟନ୍ତ ଦେଖାଯାଇପାରିବ । ବାୟୋମେଡିକାଲ୍ ଅପ୍ଟିକ୍ସ ଏକ୍ସପ୍ରେସ୍ ଜର୍ଣ୍ଣାଲ୍‌ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ ଡାକ୍ତର ଚିକିତ୍ସା ଉପକରଣର ଟ୍ରାକ୍ କରିବାରେ ସାହାଯ୍ୟ କରିବା ପାଇଁ ତିଆର ହୋଇଥିବା ଏହି ଡିଭାଇସ୍‌କୁ ଏଣ୍ଡୋସ୍କୋପ୍ କୁହାଯାଉଛି । ଏହାର ଆନ୍ତରିକ ସ୍ଥିତିକୁ ଯାଞ୍ଚ କରିବା ପାଇଁ ଉପଯୋଗ କରାଯିବ । ସ୍କଟ୍‌ଲ୍ୟାଣ୍ଡ ଏଡିନବର୍ଗ ବିଶ୍ୱବିଦ୍ୟାଳୟର ପ୍ରଫେସର କେ. ଧାଲେୱାଲ କହିଛନ୍ତି, ଏହା ଏକ ଅତ୍ୟନ୍ତ ଉତ୍ତମ କୌଶଳ ଯାହା ମାନବ ଶରୀର ଭିତରକୁ ଦେଖିବାର ଅନୁମତି ଦେଇଥାଏ । ବିଭିନ୍ନ ଅନୁପ୍ରୟୋଗ କରିବା ପାଇଁ ଏହାର ବିଶାଳ କ୍ଷମତା ରହିଛି । ନୂଆ କ୍ୟାମେରା ଉନ୍ନତ କୌଶଳରେ ନିର୍ମିତ ହୋଇଥିବାରୁ ଏହା ଶରୀରର ବିଭିନ୍ନ କଣରୁ ଖୋଜିପାରିବ ଯାହାକୁ ଫୋଟନ୍ କୁହାଯାଏ । ଏହା ଆଲୋକର ଅତ୍ୟନ୍ତ କ୍ଷୁଦ୍ର ଦାଗକୁ ମଧ ଜାଣିପାରିବ ।

# ବୁର୍ଲା ଓ ବ୍ରହ୍ମପୁରରେ ୨ ଟି ପ୍ଲାଜମା ବ୍ୟାଙ୍କ୍ ଉଦ୍‌ଘାଟିତ: ରାଜ୍ୟରେ ପ୍ଲାଜମା ବ୍ୟାଙ୍କ୍ ସଂଖ୍ୟା ୫ କୁ ବୃଦ୍ଧି

## ଓଡିଶାର ସମସ୍ତ ଅଂଚଳରେ ପ୍ଲାଜମା ଦାନ ଓ ଚିକିତ୍ସା ସୁଲଭ୍ୟ ହେବ - ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୬।୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୁଧବାର ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜ ଓ ବୁର୍ଲାର ଭିମ୍‌ସାରରେ ରାଜ୍ୟର ଚତୁର୍ଥ ଓ ପଂଚମ ପ୍ଲାଜମା ବ୍ୟାଙ୍କ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାଦ୍ୱାରା ରାଜ୍ୟର ସମସ୍ତ ଅଂଚଳରେ ପ୍ଲାଜମା ଦାନ ଓ ଚିକିତ୍ସା ସୁବିଧାରେ ହୋଇପାରିବ । କୋଭିଡ ଯୁଦ୍ଧର ମୁଖ୍ୟ ମିଶନ ହେଉଛି ଲୋକଙ୍କ ଜୀବନର ସୁରକ୍ଷା। ଏ କ୍ଷେତ୍ରରେ ପ୍ଲାଜମା ଥେରାପି ବହୁତ ପରିମାଣରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ପ୍ଲାଜମା କେନ୍ଦ୍ରକୁ ସ୍ଥାପନ କରିବାରେ ଯେଉଁ ମେଡିକାଲ ଟିମ୍ ଗୁଡିକ କଠିନ ପରିଶ୍ରମ କରିଛନ୍ତି ସେମାନଙ୍କ ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ଉଚ୍ଚପ୍ରଶଂସା କରିଥିଲେ। ରାଜ୍ୟରେ ପ୍ଲାଜମା ଥେରାପି ଉତ୍ସାହଜନକ ଫଳାଫଳ ପ୍ରଦର୍ଶନ କରୁଛି ଏବଂ ବର୍ତ୍ତମାନ ସୁଦ୍ଧା ୬୦ ଜଣ କୋଭିଡ ରୋଗୀଙ୍କୁ ପ୍ଲାଜମା ଥେରାପିରେ ଚିକିତ୍ସା ସେବା ଦିଆଯାଇଛି ଏବଂ ୪୮ ଜଣ ରୋଗୀଙ୍କ ଅବସ୍ଥାରେ ଦ୍ରୁତ ଉନ୍ନତି ଆସିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ଯୋଗ୍ୟ କୋଭିଡମୁକ୍ତ ବ୍ୟକ୍ତିମାନଙ୍କୁ ପ୍ଲାଜମା ଦାନ କରିବାକୁ ଆଗେଇ ଆସିବା ପାଇଁ ପୁଣିଥରେ ନିବେଦନ କରିଥିଲେ। ବ୍ରହ୍ମପୁରର ଏମକେସିଜିରେ ଉପସ୍ଥିତ ଜଂଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ କହିଥିଲେ ଯେ ଏହି ପ୍ଲାଜମା ବ୍ୟାଙ୍କ ଦ୍ୱାରା ଗୁରୁତର କୋଭିଡ ରୋଗୀଙ୍କ ଚିକିତ୍ସା ଏଣିକି ଆହୁରି ସୁବିଧାଜନକ ହେବ। ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୪୦୦ ଜଣ ପ୍ଲାଜମା ଦାନ ପାଇଁ ଆଗେଇ ଆସିଛନ୍ତି ବୋଲି ସେ ସୂଚନା ଦେଇଥିଲେ। ବୁର୍ଲାର ଭିମସାର ଠାରେ ଉପସ୍ଥିତ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନବ ଦାସ କହିଥିଲେ ଯେ ପ୍ଲାଜମା ବ୍ୟାଙ୍କ ପାଇଁ ଆଜି ପଶ୍ଚିମ ଓଡିଶାର ଲୋକମାନଙ୍କ ମଧ୍ୟରେ ଆଶା ସୃଷ୍ଟି କରିଛି। କୋଭିଡ ରୋଗରେ ଲୋକଙ୍କ ଚିକିତ୍ସା ଓ ଅନ୍ୟାନ୍ୟ ସେବା ଯୋଗାଉଥିବା ଲୋକମାନଙ୍କୁ ଭଗବାନ ଆଶୀର୍ବାଦ କରିବେ ଏବଂ କରୋନା ଯୁଦ୍ଧରେ ଚାଲିଥିବା ଲଢେଇ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ନିଶ୍ଚୟ ସଫଳ ହେବ ବୋଲି ସେ କହିଥିଲେ। ଏହି ଅବସରରେ ବ୍ରହ୍ମପୁରର ଏମକେସିଜିର ପ୍ରଥମ ପ୍ଲାଜମାଦାତା ଡଃ ଶୁଭ୍ରାଂଶୁ ମୋହନ ସାହୁ ଏବଂ ବୁର୍ଲା ଭିମସାରର ପ୍ରଥମ ପ୍ଲାଜମାଦାତା ଶ୍ରୀ ରବୀନ୍ଦ୍ର ସାହୁ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରିବା ସହିତ ଅନ୍ୟ କୋଭିଡମୁକ୍ତ ବ୍ୟକ୍ତିମାନଙ୍କୁ ପ୍ଲାଜମା ଦାନ କରିବା ପାଇଁ ନିବେଦନ କରିଥିଲେ ।ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପି.କେ. ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ ଓ ଭିମସାର୍ ର ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା, ଉନ୍ନୟନ କମିଶନର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି), ଇଲେକ୍ଟ୍ରୋନିକ ଓ ଆଇଟି ବିଭାଗ ସଚିବ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ପୂର୍ବରୁ କଟକର ଏସସିବି, ଭୁବନେଶ୍ୱରର କ୍ୟାପିଟାଲ ହସ୍‌ପିଟାଲ ଓ ରାଉରକେଲାର ଆଇଜିଏଚ୍ ଠାରେ ତିନୋଟି ପ୍ଲାଜମା ବ୍ୟାଙ୍କ କାର୍ଯ୍ୟକ୍ଷମ ହୋଇପାରିଛି।

## ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତିର ଆର୍ଥୀକ ସହାୟତା ପ୍ରଦାନ

ନୂଆପଡା,୦୬।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ବିସ୍ଥାପିତ ସହାୟତା ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଆର୍ଥୀକ ସହାୟତା ପ୍ରଦାନ କରାଯାଇଛି। ନୂଆପଡା ଜିଲ୍ଲାପାଳ ଡ. ମଧୁସ୍ମିତା ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସହାୟତା ସମିତିର କର୍ମକର୍ତା ସାକ୍ଷାତ କରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୩୧ ହଜାର ଏବଂ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ୨୧ ହଜାର ଟଙ୍କାର ୨ ଗୋଟି ଚେକ ପ୍ରଦାନ କରିଛନ୍ତି । ଏଥିରେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ, ସମ୍ପାଦକ ଗୋପିନାଥ ଗୌଡ, କୋଷାଧ୍ୟକ୍ଷ ପର୍ଶୁରାମ ପଟେଲ, ଭାଗସିଂ ମାଝୀ ଏବଂ ତିକରାମ ମାଝୀ ପ୍ରମୁଖଙ୍କ ସହ ସହାୟତା ସିତିର ଅନ୍ୟାନ୍ୟ ସଦସ୍ୟ ସାମିଲ ଥିଲେ ।

# ପୂର୍ବତନ ଡିଜି ଏସ୍ ଏନ ତିୱାରୀଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,୦୬।୮ (ନି.ପ୍ର): ୧୯୬୩ ବ୍ୟାଚର ଆଇପିଏସ୍ ତଥା ପୂର୍ବତନ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଏସ୍ ଏନ୍ ତିୱାରୀଙ୍କ ବିୟୋଗରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଖରିଆରରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତଃ ତିୱାରୀ ପୋଲିସ୍ ପ୍ରଶାସନିକ ସେବାରେ ଯୋଗଦେଇ ରାଜ୍ୟରେ ବିଭିନ୍ନ ପଦପଦବୀରେ ରହି ବିଶେଷ କରି ଆଇନ ଶୃଙ୍ଖଳା ପାଇଁ ଉଚ୍ଚକୋଟୀର କାର୍ଯ୍ୟ କରିଛନ୍ତି । ସେ ପ୍ରଥମ ଓଡ଼ିଆ ଅଫିସର ଭାବେ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ଏସ୍‌ପିଜିର ନିର୍ଦ୍ଦେଶକ ଭାବେ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇଥିଲେ । ଆନ୍ତଃ ନିରାପତା ଓ ନକ୍ସଲ ଦମନ ପାଇଁ ଓଡ଼ିଶାରେ ବହୁ ପ୍ରଚେଷ୍ଟା କରି ସଫଳ ହୋଇଥିଲେ । ସେ କେନ୍ଦ୍ରସରକାରଙ୍କ ଗୁଇନ୍ଦା ବିଭାଗର ଯୁଗ୍ମ ସଚିବ ରହି ଦେଶପାଇଁ ଉଚ୍ଚକୋଟୀର କାର୍ଯ୍ୟ କରିଛନ୍ତି । ତାଙ୍କ ବିୟୋଗରେ ଦେଶ ଏବଂ ରାଜ୍ୟ ଏକ କର୍ତବ୍ୟନିଷ୍ଠ ପୋଲିସ୍ ଅଫିସରଙ୍କୁ ହରାଇଲା । ସ୍ୱର୍ଗତ ତିୱାରୀଙ୍କ ସ୍ୱର୍ଗତ ଆତ୍ମାର ସଦ୍ ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ପିସିସି ସଭାପତି ।

# ଉପାନ୍ତରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଉଦଘାଟିତ

ନୂଆପଡା,୦୬।୮ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଉପାନ୍ତ ମାଓପ୍ରବଣ ନଙ୍ଗଲବୋଡ ଠାରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ନିମନ୍ତେ ଆରୋଗ୍ୟ ପ୍ଲସ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସହାୟତାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟାର୍ ଖଡିଆଳର ଆୟୋଜନ କ୍ରମେ ଆୟୋଜିତ ଏହି ଉଦ୍‌ଘାଟନୀ ସଭାରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନଙ୍ଗଲବୋଡ ଓ ଘାଟମାଲ ଅ ଳର ପ୍ରାୟ ୨୨ ଗୋଟି ଗ୍ରାମର ଜନସାଧାରଣ ସହଜରେ ସ୍ୱାସ୍ଥ୍ୟସେବା ପାଇପାରିବେ । ଏଥିରେ ଏକ ମୋବାଇଲ ଭ୍ୟାନ୍ ସହ ଜଣେ ଆୟୁଷ ଡାକ୍ତର, ଦୁଇଜଣ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଏବଂ ଜଣେ ଆଟାଣ୍ଡା ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଅଛନ୍ତି । ଏହି ଦଳ ମାସିକ ୨୨ ଦିନ ଅଂଚଳର ବିଭିନ୍ନ ଗାଁ ମାନଙ୍କରେ ବୁଲିବୁଲି ଚିକିତ୍ସାସେବା ଓ ମାଗଣା ଔଷଧ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଉପାନ୍ତ ଅ ଳର ଲୋକଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ସରକାରଙ୍କ ଏଭଳି କାର୍ଯ୍ୟକ୍ରମକୁ ନେଇ ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ଅ ଳର କିଛି ଅସହାୟ ମାନଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ବ ନ କରାଯିବା ସହ ସ୍ଥାନୀୟ ଆଶ୍ରମ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା । କାର୍ଯ୍ୟକ୍ରମରେ ଏଡିଏମଓ ବିନୋଦ ବିହାରୀ ରଥ, ଡିପିଏମ୍ ବିଶମ୍ଭର ବେହେରା, ଡା.ସନୁଜ ମେହେର, ଡା.ଭୈରବ ପାଣିଗ୍ରାହୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟାର୍‌ର ସଭାପତି ସଞ୍ଜୟ ଯୋଶୀ, ସଂପାଦକ ହରିଦାସ ପଟେଲ, ସିନାପାଲି ବ୍ଲକ ଉପାଧ୍ୟକ୍ଷ କିଶୋର କୁମାର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଲିଙ୍ଗରାଜ ଘିଭେଲା, ଜିଲ୍ଲା ପରିଷଦ ସଦସ୍ୟ ଗିରିରାଜ ମାଝି ତଥା ସ୍ଥାନୀୟ ଲୋକ ପ୍ରତିନିଧି, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଓ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ ।

# ବିଦ୍ୟୁତ୍ କର୍ମଚାରୀମାନଙ୍କୁ କୋଭିଡ଼୍ ଯୋଦ୍ଧା ଘୋଷଣା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କଲା ପାୱାର ଏମ୍ପ୍ଲୋଇଜ ୟୁନିଅନ

ବାରିପଦା,୦୬।୮ (ନି.ପ୍ର): ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିଅନର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ୟୁନିଅନର ମୟୂରଭଞ୍ଜ ଜିଲ୍ଲା ସଭାପତି ସୁବ୍ରମଣ୍ୟମ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ବୈଠକ ବସି ବିଦ୍ୟୁତ୍ କର୍ମଚୀମାନଙ୍କୁ କୋଭିଡ଼୍-୧୯ ଯୋଦ୍ଧା ଘୋଷଣା ନିମନ୍ତେ ଦାବି କରାଯାଇଛି । ଏଥି ସହିତ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ନିୟମିତ ଭାବେ ସେବା ପ୍ରଦାନ ନିମନ୍ତେ ଖରା, ବର୍ଷା, ଶୀତ, କାକରରେ ଥାଇ ଦିନ ରାତି ଭୋକ ଉପବାସରେ ରହି କାର୍ଯ୍ୟ କରିଆସୁଥିବା ବିଭାଗୀୟ କର୍ମଚାରୀମାନ ପ୍ରତ୍ୟେକ ଦିନ କିପରି ବିପଦସଙ୍କୁଳ ଅବସ୍ଥା ମଧ୍ୟ ଦେଇ ଗତି କରୁଛନ୍ତି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରତ୍ୟେକ ବର୍ଷ ଫିଲଡ୍‌ରେ କାର୍ଯ୍ୟ ସମ୍ପାଦନ କରୁଥିବା ସମୟରେ ଏକାଧିକ ବିଦ୍ୟୁତ୍ କର୍ମଚାରୀ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଉଥିବାର ନଜିର ରହିଛି । କିଏ ପୋଲରେ ଚଢ଼ି କାର୍ଯ୍ୟ କରୁଥିବା ସମୟରେ ଜଳିଯାଉଛି, ପୁଣି କିଏ ଟ୍ରାନ୍ସଫର୍ମର ଉପରେ କାର୍ଯ୍ୟ କରୁଥିବା ବେଳେ ଜୀବନ ହରାଉଛି ଅଥବା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳକୁ ଖସିପଡ଼ି କୋମାକୁ ଯାଇଛି ବା ହାତଗୋଡ଼ ହରାଇ ଅକର୍ମଣ୍ୟ ହୋଇ ବିଛଣାରେ ପଡୁଛି । ଏ ବିଷୟରେ ଅନେକ ଥର ତଳୁ ଉପର ପର୍ଯ୍ୟନ୍ତ ବିଭାଗୀୟ ସମସ୍ତ ଅଧିକାରୀ ଓ ପଦାଧିକାରୀମାନଙ୍କ ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆସୁଥିଲେ ମଧ୍ୟ ମିଳିପାରୁ ନାହିଁ ମୃତ୍ୟୁକାଳୀନ ଉପଯୁକ୍ତ ଆର୍ଥିକ ସହାୟତା ବା ପରିବାରରୁ ଜଣକୁ ଚାକିରୀରେ ଥଇଥାନ। ଅନ୍ୟ ସମସ୍ତ ବିଭାଗରେ ପୁନଃଥଇଥାନ ବ୍ୟବସ୍ଥା ରହିଥିବା ବେଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହାକୁ ଅଣଦେଖା ପ୍ରଦର୍ଶନ କରାଯାଇ ଆସୁଛି । ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଏହି ପ୍ରକାରର ଅବହେଳାର ଶିକାର ପାଲଟି ଥିବା ସମୟରେ ବର୍ତମାନ ଅନ୍ୟ ଏକ ବିପଦ ମଧ୍ୟକୁ ଟାଣି ହୋଇ ଆସିଛନ୍ତି । ବିଶ୍ୱ ମହାମାରୀ କରୋନା ମୁକାବିଲା ସମୟରେ ଯୁଦ୍ଧାକାଳୀନ ଭିତିରେ କୋଭିଡ଼୍-୧୯ ସଙ୍ଗରୋଧ କେନ୍ଦ୍ରଗୁଡ଼ିକୁ ନୀରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ସେବା ଯୋଗାଇବା ସାଙ୍ଗକୁ ପ୍ରଶାସନ ଠାରୁ ଆରମ୍ଭ କରି ଉପଭୋକ୍ତା ପର୍ଯ୍ୟନ୍ତ ସମସ୍ତଙ୍କୁ ସେବା ଯୋଗାଇ ଆସୁଛନ୍ତି । ଏହି ସମୟରେ କର୍ମଚାରୀମାନଙ୍କୁ କୌଣସି ସୁରକ୍ଷା କିଟ୍ ଯୋଗାଇ ଦିଆଯାଉ ନାହିଁ। ଗତ କିଛି ଦିନ ଧରି ଓଡ଼ିଶା ସହିତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଂଚଳରେ ବିଦ୍ୟୁତ୍ କର୍ମଚାରୀମାନେ କରୋନା ସଂକ୍ରମିତ ହୋଇଥିବାର ସୂଚନା ମିଳିଛି । ସରକାର ବିଭିନ୍ନ ବିଭାଗରେ ସେବା କାର୍ଯ୍ୟ ସମ୍ପାଦନ କରୁଥିବା କର୍ମଚାରୀମାନଙ୍କୁ କୋଭିଡ଼୍-୧୯ ଯୋଦ୍ଧା ଭାବେ ଘୋଷଣା କରିଥିବା ସମୟରେ ବିଦ୍ୟୁତ୍ କର୍ମଚାରୀମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କାର୍ଯ୍ୟରତ କର୍ମଚାରୀମାନଙ୍କ ମନୋବଳକୁ ଭାଙ୍ଗି ଦେଇଥିବା ବିଷୟକୁ ନେଇ ବୈଠକରେ ଆଲୋଚନା କରାଯାଇଥିଲା । ଏଣୁ ସରକାର ପାୱାର ଏମ୍ପ୍ଲୋଇଜ ୟୁନିୟନର ଦାବିକୁ ଗୁରୁତ୍ୱ ଦେଇ କାର୍ଯ୍ୟରତ କର୍ମଚାରୀମାନଙ୍କୁ କୋଭିଡ଼୍-୧୯ ସୁରକ୍ଷା ଉପକରଣ ଯୋଗାଇ ଦେବା ସାଙ୍ଗକୁ ସେମାନଙ୍କୁ କୋଭିଡ଼୍ ଯୋଦ୍ଧା ଭାବେ ଘୋଷଣା କରାଯିବା ଓ ବୀମା ଅନ୍ତର୍ଭୂକ୍ତ କରାଯିବାର ଦାବି ହୋଇଛି ଏବଂ ଏହାକୁ ନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଏହି ବୈଠକରେ ସଂଘର ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା, ଯୁଗ୍ମ-ସମ୍ପାଦକ ମାନସ ରଞ୍ଜନ ଶୁକ୍ଳା, ଡ଼ିଭିଜନ ସମ୍ପାଦକ ଚନ୍ଦନ କୁମାର ମହାନ୍ତି ଓ ଦେବାଶିଷ ବେହେରା, ସଞ୍ଜୟ ଘୋଷ, ତାପସ ବେହେରା, ଶୈଳେନ୍ଦ୍ର ସାହୁ, ପ୍ରମୋଦ ପାତ୍ର, ମନୋଜ କଲିଆ, ସୁମନ ସଞ୍ଜିତ ମହାନ୍ତ, ପ୍ରଦୀପ ନାଥ ପ୍ରମୁଖ କର୍ମକର୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ ।

# ଭୁଗୁଡ଼ାକଟାରେ ରାମ ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜନ

ବାରିପଦା,୦୬।୮ (ନି.ପ୍ର): ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୨୬ ଭୁଗୁଡ଼ାକଟାସ୍ଥିତ ଆଖଣ୍ଡଳ ମନ୍ଦିର ସମ୍ମୁଖରେ ରାମ ମନ୍ଦିର ନିମନ୍ତେ ଆଜି ଭୂମି ପୂଜା ଶେଷ ହୋଇଛି । ଆଜି ଭୁଗୁଡ଼ାକଟା ଟେମ୍ପଲ୍ ଚେରୀଟେବୁଲ ଟ୍ରଷ୍ଟର ସମସ୍ତ ସଦସ୍ୟମାନଙ୍କ ନିଷ୍ପତି କ୍ରମେ ନିଜସ୍ୱ ଜମି ଉପରେ ଏକ ଭବ୍ୟ ରାମ ମନ୍ଦିର ନିର୍ମାଣ ନିମନ୍ତେ ଜମି ଚିହ୍ନଟ କରାଯିବା ସାଙ୍ଗକୁ ମହାପ୍ରଭୂ ଶ୍ରୀରାମଙ୍କ ପତାକା ଉଡ଼ାଯାଇ ଆନୁଷ୍ଠାନିକ ଭାବେ ଭୂମି ପୂଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଲୋକସଭା ସାଂସଦ ଙ୍ଗ ବିଶ୍ୱେଶର ଟୁଡୁ, ସାରସକଣା ବିଧାୟକ ଡ଼ା. ବୁଢ଼ାନ ମୁର୍ମୁ, ଜିଲ୍ଲା ପରିଷଦ ସଭାପତି ସୁଜାତା ମୁର୍ମୁ, ବିଜେପି ମୟୂରଭଞ୍ଜ ପୂର୍ବ ଜିଲ୍ଲା ସଙ୍ଗଠନ ସଭାପତି କାନ୍ଦ୍ରା ସୋରେନ, ପୂର୍ବତନ ଜିଲ୍ଲା ସଭାପତି ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର, ଟ୍ରଷ୍ଟର ସଭାପତି ସୁରେଶ ଚନ୍ଦ୍ର ଭୁଜବଳ, ସମ୍ପାଦକ ଲକ୍ଷ୍ମୀଧର ହାବଡ଼ା, ଟ୍ରଷ୍ଟ ପରାମର୍ଶଦାତା ବଟକୃଷ୍ଣ ସାମଲ, ଭୂପେନ୍ଦ୍ର ପ୍ରଧାନ, ସରୋଜ କୁମାର ପାତ୍ର, ମମତା ମଣ୍ଡଳ, ତ୍ରିଲୋଚନ ବେହେରା, ଚିତରଞ୍ଜନ ଭୁଜବଳ, ଶତ୍ରୁଘ୍ନ ଜେନା, ହରେନ୍ଦ୍ର ନାୟକ, ଦିଲ୍ଲୀପ ଜେନା, ସୀତାକାନ୍ତ ନାୟକ, ପ୍ରଦୀପ ସାହୁ, ଗୋପାଳ ଚନ୍ଦ୍ର ସାହୁ, ଇନ୍ଦୁଭୂଷଣ ଜେନା, ଶୋଭାବତୀ ଓତା, ରସିକାନନ୍ଦ ମିଶ୍ର, ମନୋଜ ମହାନ୍ତି, ପଙ୍କଜ ମହାନ୍ତି, ଜଗଦୀଶ ପାଣି, ଅଜୟ ମହାନ୍ତି, ସୁନୀଲ ସେଠୀ, ରବୀନ୍ଦ୍ର ବେହେରା, ଶିବ ଶଙ୍କର ଘୋଷ, ବିଶ୍ୱ ହିନ୍ଦୁ ପରିଷଦର ଯୁଗେଶ୍ୱର ଦଣ୍ଡପାଟ, ହରିହର ତ୍ରିପାଠୀ, ସୋମନାଥ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ମନ୍ଦିର ନିର୍ମାଣ ଉପରେ ଆଲୋଚନା କରିଥିଲେ ।

## ସିନାପାଲିରେ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ନୂଆପଡା,୦୬।୮ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ସ୍ଥିତ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସ୍ଥାନୀୟ ନୋଡାଲ ହାଇସ୍କୁଲ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମଜୟନ୍ତୀ ନିରାଡମ୍ବର ଭାବରେ ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବୈଷମ୍ପାୟନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ କେବଳ ସମିତିର ଉପଦେଷ୍ଟା ଏବଂ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ।ସମିତିର ଉପଦେଷ୍ଟା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣୀ ମେହେର, ନାଗରିକ କମିଟି ଅଧ୍ୟକ୍ଷ ଡମ୍ବରୁଧର ମେହେର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁବ୍ରତ କୁମାର ଠାକୁର, ସ୍ଥାନୀୟ ପ୍ରଧାନ ଶିକ୍ଷକ ସତ୍ୟବାନ ମେହେର, ସମିତି ସଭାପତି ବୈଷ୍ଣବ ମେହେର, ସମ୍ପାଦକ ତରୁଣ କୁମାର ମେହେର ପ୍ରମୁଖ ମଂଚାସୀନ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମିତିର ବରିଷ୍ଠ ସଦସ୍ୟ ରବୀନ୍ଦ୍ରନାଥ ଯୋଶୀ ସ୍ୱାଗତ ତଥା ଆଭିମୁଖ୍ୟ ପ୍ରଦାନ କରିଥିଲେ । ପ୍ରଥମେ ସ୍ୱଭାବ କବିଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ ଓ ମାଲ୍ୟାର୍ପଣ କରାଯାଇ ଥିଲା । ମଂଚାସୀନ ଅତିଥି ସ୍ୱଭାବ କବିଙ୍କ ମହନୀୟ ଆଦର୍ଶତାରେ ସମସ୍ତେ ପରିଚାଳିତ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ନିଜନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ସମିତିର ସମ୍ପାଦକ ଲଳିତ କୁମାର ସୁନାରୀଙ୍କ ସଂଯୋଜନାରେ ସଦସ୍ୟ ମାନେ ପ୍ରସ୍ତୁତ କରିଥିବା ନିବନ୍ଧ ଉପସ୍ଥାପନା କରିଥିଲେ । ନିକଟରେ ନିଜ ଚାକିରୀରୁ ଅବସର ଗ୍ରହଣ କରିଥିବା ସମିତିର ଉପଦେଷ୍ଟା ତୁଳସୀରାମ ମେହେର ଏବଂ ବରିଷ୍ଠ ସଦସ୍ୟ ମହେନ୍ଦ୍ର ସୁନାନୀଙ୍କୁ ସମିତି ତରଫରୁ ଶୁଭେଚ୍ଛା ସମ୍ବର୍ଦ୍ଧନା ଦିଆଯାଇଥିଲା । ମହାମାରୀ କରୋନାର କଟକଣାକୁ ଅନୁପାଳନ ପୂର୍ବକ ସମିତି ସଦସ୍ୟଙ୍କ ମଧ୍ୟରେ ପାଳିତ ଏହି ଜୟନ୍ତୀ ସଭାରେ ସମସ୍ତେ ମୁହଁରେ ମାସ୍କ ଲଗାଇଥିଲେ । ଶେଷରେ ତରୁଣ କୁମାର ମେହେର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ନିଖିଳ ଭାରତ ମାଲାୟାଲୀ ସଂଘ ଓଡ଼ିଶା ଶାଖା ତରଫରୁ କୋଭିଡ଼୍ ଲଢ଼େଇରେ ସହଯୋଗ

ଭୁବନେଶ୍ୱର,୦୬।୮ (ନି.ପ୍ର): ନିଖିଳ ଭାରତ ମାଲାୟାଲୀ ସଂଘ ଓଡ଼ିଶା ଶାଖା ତରଫରୁ କୋଭିଡ଼୍ ଲଢ଼େଇରେ ସହଯୋଗ ଭାବେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ ଲକ୍ଷ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ଆଜି ରାଜ୍ୟ ଲୋକସେଭା ଭବନଠାର ସଂଘର ସମ୍ପାଦକ ଚନ୍ଦ୍ରମୋହନ ନାୟାର ଅନ୍ୟ ଦୁଇ ସଦସ୍ୟଙ୍କ ସହ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କୁ ଭେଟି ଏହି ରାଶିର ଡ୍ରାଫ୍ଟ ପ୍ରଦାନ କରିଥିଲେ । ଶ୍ରୀ ନାୟାର ଜଣାଇଥିଲେ ଯେ, ଉକ୍ତ ରାଶି ଓଡ଼ିଶା ଶାଖା ସଦସ୍ୟ ମାନଙ୍କର ବ୍ୟକ୍ତିଗତ ସ୍ୱେଚ୍ଛାକୃତ ଦାନ ଭାବେ ସଂଗତ କରାଯାଇଛି । ଡ୍ରାଫ୍ଟ ଗ୍ରହଣ କରି ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ସଂଘର ସଦସ୍ୟ ମାନଙ୍କୁ ସାଧୁବାଦ ଜଣାଇବା ସହ ନିଜ ନିଜ ସ୍ତରରେ ସାମାଜିକ ଦୂରତା, ମାସ୍କ ପରିଧାନ ଏବଂ ସ୍ୱଚ୍ଛତା ଆଦି ନିୟମ ବିଷୟରେ ଜନ ସଚେତନତା ଜାରି ରଖିଥିବା ଅନୁରୋଧ କରିଥିଲେ ।

## ଧାମରା ଥାନାରେ କରୋନା ଯୋଦ୍ଧାଙ୍କ ପାଇଁ ନୀରବ ପ୍ରାର୍ଥନା

ଭଦ୍ରକ,୬/୮ (ହି.ସ.)-ଧାମରା ଥାନାରେ କରୋନା ଯୋଦ୍ଧାଙ୍କ ପାଇଁ ନୀରବ ପ୍ରାର୍ଥନା ସହ ଏକ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଧାମରା ଥାନାଧିକାରୀ ଶ୍ରୀକାନ୍ତ ପତିଙ୍କ ନେତୃତ୍ୱରେ ଏକ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଆମ ରାଜ୍ୟରେ ଆଜି ପର୍ଯ୍ୟନ୍ତ ୨୫ହଜାର କୋବିଦ ଯୋଦ୍ଧା କୋବିଦ -୧୯ କବଳରୁ ମୁକ୍ତ ହୋଇ ସାଧାରଣ ଜୀବନ ଯାପନ କରୁଥିବା ବେଳେ ଲୋକଙ୍କ ସୁରକ୍ଷା ପାଇଁ ନିଜର ବହୁମୂଲ୍ୟ ଜୀବନ ଉର୍ସଗ କରିଥିବାକୋବିଦ ଯୋଦ୍ଧାଙ୍କ ସମ୍ମାନାର୍ଥେ ୨ ମିନଟ ନୀରବ ପ୍ରାର୍ଥନା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଆହ୍ୱାନରେ ଏହି ନୀରବ ପ୍ରାର୍ଥନା ଏବଂ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଏହି ପରିପ୍ରେକ୍ଷୀରେ ଏହାର ଶ୍ରେୟ ସମସ୍ତ କରୋନା ଯୋଦ୍ଧା ମାନଙ୍କ ପାଇଁ ଉଦିଷ୍ଟ ବୋଲି ଧାମରା ଥାନାଧିକାରୀ ନିଜର ମତ ରଖିଥିଲେ। ଆଗାମୀ ଦିନରେ ନିଜର ମନୋବଳ ସୁଦୃଢ କରିବା ସହ ସାଧାରଣ ଜନତାଙ୍କ ମନୋବଳ ସୁଦୃଢ କରିବା ଦରକାର ବୋଲି ଶପଥ ନେଇଥିଲେ ଏହାଫଳରେ ଆମେ କରୋନା ର ମୁକାବିଲା କରିପାରିବା ବୋଲି ମଧ୍ୟ ମତପ୍ରକାଶ ପାଇଥିଲା। ଏଥି ସହ କରୋନା ଯୋଦ୍ଧାଙ୍କ ପାଇଁ ୨ମିନିଟ ନୀରବପ୍ରାଥନା ଅନୁଷ୍ଠିତ ହୋଇଥିଲା। ଆଜିର ଏହି ନୀରବପ୍ରାର୍ଥନା ଏବଂ ଶପଥ ଗ୍ରହଣ ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ଥାନାଧିକାରୀ ଶ୍ରୀକାନ୍ତ ପତି ସେକେଣ୍ଡ ଅଂସର ପ୍ରିୟଦର୍ଶନୀ ସେଠୀ, ବିଦ୍ୟାଧର ସୂତାର,ଦିନବନ୍ଧୁ ଜେନା, ସୁଶାନ୍ତ କୁମାର ମହାପାତ୍ର, ବିନୋଦ କର, ରମଣୀ ଜେନା, ଯମୁନାରାଣୀ ବାନରା, ଫିରୋଜା ବେଗମ ପ୍ରଭୃତି ଯୋଗ ଦେଇଥିଲେ।

# ଦାଉସାଜୁଛି କରୋନା : ମୁଣ୍ଡରେ ହାତଦେଇ ବସିଛନ୍ତି ଭଦ୍ରକର ଫୁଲ ବ୍ୟବସାୟୀ

ଭଦ୍ରକ, ୬/୮ (ହି.ସ.) - ଏଲଖା ଗ୍ରାମର ଦ୍ୱାରିକା ମିଶ୍ର, ଦୀର୍ଘବର୍ଷ ହେଲା ଭଦ୍ରକ ସହରରେ ଏକ ଫୁଲ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। କଲିକତାରୁ ଫୁଲଆଣି ଭଦ୍ରକରେ ବ୍ୟବସାୟ କରୁଥିଲେ। ସେଥିରୁ ଯାହା ଲାଭ ବାହାରେ ୩ ପ୍ରାଣୀ କୁଟୁମ୍ବ ଚଳନ୍ତି। କିନ୍ତୁ ମହାମାରୀ କରୋନା ପାଇଁ ୪ ମାସ ହେଲା ତାଙ୍କର ଫୁଲ ବ୍ୟବସାୟ ବନ୍ଦ ରହିଛି। କାରଣ କଲିକତାରୁ ଆଉ ସଠିକ୍ ଭାବେ ଫୁଲ ଆଣିପାରୁନାହାଁନ୍ତି। ତେଣୁ ଏବେ ଫୁଲ ବ୍ୟବସାୟ ବନ୍ଦ ଅଛି। ପରିବାର ଚଳାଇବା ଏବେ ତାଙ୍କ ପାଇଁ କଷ୍ଟକର ହୋଇପଡିଛି। କଳ୍ପତରୁ ପୃଷ୍ଟି ଜଣେ ବହୁ ପୁରୁଣା ଫୁଲ ବ୍ୟବସାୟୀ। ହେଲେ ମହାମାରୀ କରୋନା ବଦଳାଇ ଦେଇଛି ଏଙ୍କ ବ୍ୟବସାୟ। ଫୁଲ ବଦଳରେ ବିକ୍ରି କରୁଛନ୍ତି ପୁଟୁଳି ବଣିଆ ସାମଗ୍ରୀ। କଳ୍ପତରୁ କୁହନ୍ତି ଦିନ ଥିଲା ଭଦ୍ରକ ଫୁଲ ବଜାରରେ ଲୋକଙ୍କ ଗହଳି ଲାଗୁଥିଲା। ବାହାଘର ସମୟରେ ବରଗାଡି ସଜ୍ଜାହେବା ପାଇଁ ଲମ୍ବାଲାଇନ୍ ଲାଗୁଥିଲା। କିନ୍ତୁ ଏବେ ତାହା ସ୍ୱପ୍ନ ପାଲଟିଛି। କରୋନା ପାଇଁ ଫୁଲ ବ୍ୟବସାୟରେ ଆଉ ଲାଭ ତ ଦୂରର କଥାହ ମୂଳ ଉଠାଇବା କଷ୍ଟସାଧ ହେଉଛି। ଗରାଖ ନଆସିବାରୁ ଫୁଲ ପଚିଯାଉଛି। ତେଣୁ ମୁଁ ଫୁଲ ବଦଳରେ ପୁଟୁଳିବଣିଆ ସାହମଗ୍ରୀ ବିକ୍ରି କରୁଛି। ଭଦ୍ରକର ଫୁଲ ମାର୍କେଟରେ ବହୁ ପୁରୁଣା ଫୁଲ ବ୍ୟବସାୟ ହେଉଛନ୍ତି ରବିନ୍ଦ୍ର ବେହେରା। ସେ କୁହନ୍ତି ଏହି ମହାମାରୀ କରୋନା ପାଇଁ ଭଦ୍ରକ କଲିକତାକୁ ଯାତାୟତରେ ଅସୁବିଧା ହେଉଛି। ସଠିକ୍ ଭାବେ ସେଠାରୁ ଫୁଲ ଆସିପାରୁନାହିଁ। ନନା ଫୁଲ ମିଳୁଛି ନା ଗରାଖ ଆସୁଛନ୍ତି। କରୋନାର ପ୍ରଭାବ ଫୁଲ ବ୍ୟବସାୟ ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇଛି ବୋଲି କହିଛନ୍ତି। ମହାମାରୀ କରୋନା ପାଇଁ ଏବେ ଅନେକ ବ୍ୟବସାୟ ପ୍ରତିଷ୍ଠା ଉପରେ ପ୍ରଭାବ ପଡିଛି। ଏଥିରୁ ବାଦ୍ ପଡିନାହାଁନ୍ତି ଭଦ୍ରକର ଫୁଲ ବ୍ୟବସାୟୀ। ଅନେକ ଦୁର୍ଦ୍ଦିନରେ ଗତି କରୁଛନ୍ତି ଏମାନେ। ନା ସେମାନଙ୍କ ପାଖରେ ସଠିକ୍ ଭାବେ ଫୁଲ ପହ୍ୱପାରୁଛି ନା ଆସୁଛନ୍ତି ଗ୍ରାହକ। ବ୍ୟବସାୟ ଠିକ୍ ସେ ନହେଉଥିବାରୁ ସେମାନଙ୍କ ପରିବାର ଚଳାଇବା ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କରୋନା ପାଇଁ ଏବେ ବ୍ରତଘର, ବାହାଘର, ସଭା ସମିତି ସମେତ ସମସ୍ତ ଯାନିଯାତ୍ରା ମଧ୍ୟ ବନ୍ଦ ରହିଛି। ତେଣୁ ଏହାର ସିଦ୍ଧାସଳଖ ପ୍ରଭାବ ଫୁଲ ବ୍ୟବସାୟଙ୍କ ଉପରେ ପଡିଛି। ତେବେ କହିବାକୁ ଗଲେ ଭଦ୍ରକର ଫୁଲ ବ୍ୟବସାୟୀ କଲିକତା ଉପରେ ନିର୍ଭରଶୀଳ। ପାଖାପାଖି ୯୦ ଭାଗ ଫୁଲ କଲିକତା ବଜାରରୁ ହିଁ ଆସିଥାଏ। କଲିକତାର କୋଲାଘାଟ ବଜାରରୁ ଭଦ୍ରକ ସହରର ୪୦ ରୁ ଉର୍ଦ୍ଧ୍ୱ ଫୁଲ ବ୍ୟବସାୟୀ ବର୍ଷ ସାରା ଗୋଲାପ, ରଜନିଗନ୍ଧା, ଗେଣ୍ଡୁ ପରି ଅନେକ ଫୁଲ ଆଣି ବିକ୍ରି କରିଥାନ୍ତି। ଫୁଲ ସାଙ୍ଗକୁ ବିଭିନ୍ନ କିସମର ସାଜସଜ୍ଜା ପାଇଁ ପତ୍ର ମଧ୍ୟ ଆଣିଥାନ୍ତି। ବିଶେଷକରି ଏହି ପତ୍ର ଫୁଲ ତୋଡା ସହ ସମସ୍ତ ସାଜସଜ୍ଜାରେ ଲାଗିଥାଏ। ଏହିସବୁ ପତ୍ରର ନାମ ଭଦ୍ରକ ବାସୀଙ୍କୁ ସଠିକ୍ ଭାବେ ଜଣାନଥିଲେ ମଧ୍ୟ ଏଠାରେ ବେଶ୍ ଚାହିଦା ଦେଖିବାକୁ ମିଳେ। ଏରିଗା, ଘୋଡା, ବଟର, ପାରାଗାଷ୍ଟ ପରି ପତ୍ର କଲିକତା ବଜାରରୁ ଏଠାକୁ ଆସିଥାଏ। କିନ୍ତୁଃ ଦୁଃଖର କଥା ଏହି କରୋନା ମହାମାରୀ ପାଇଁ କଲିକତା ସହ ଭଦ୍ରକର ଫୁଲ ବ୍ୟବସାୟ ମାନଙ୍କର ଯୋଗାଯୋଗ ରହିପାରୁନାହିଁ। ତେଣୁ ଫୁଲ ଆଉ ଆଗପରି ଆସିପାରୁନାହିଁ। ଯାହାବି ଆସୁଛି ଦାମ୍ ଅଧିକ ରହୁଛି। ଏପଟେ ଗ୍ରାହକ ମଧ୍ୟ ଆଗପରି କିଣୁନାହାଁନ୍ତି। ଫୁଲ ଅଧିକ ଦିନ ରହି ପ ଚି ଯା ଉ ଥି ବା ରୁ ବ୍ୟବସାୟୀମାନଙ୍କ ବହୁ କ୍ଷତି ସହିବାକୁ ପଡୁଛି। ସେଥିପାଇଁ କିଛି ଫୁଲ ବ୍ୟବସାୟୀମାନେ ଆଳୁପିଆଜ ବିକୁଥିବା ମଧ୍ୟ ଦେଖିବାକୁ ମିଳୁଛି। ସେଥିରୁ ଯାହା ମିଳୁଛି ସେମାନଙ୍କ ପରିବାର ପ୍ରତିପୋଷଣ କରୁଛନ୍ତି। କହିବାକୁ ଗଲେ ଭଦ୍ରକର ଫୁଲ ବ୍ୟବସାୟୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଲଗାଣ ବର୍ଷା ସାଙ୍ଗକୁ ରେଙ୍ଗାଳି କେନାଲ ପାଣି ଝରାଇ ଘର ଭୁଷୁଡିଲା

ଭୁବନ,୦୬।୮ (ନି.ପ୍ର): ଗତକାଲି ମଧ୍ୟାହ୍ନରୁ ଆଜି ସଂଧ୍ୟା ଯାଏ ଭୁବନ ଅଂଚଳରେ ଲଘୁଚାପ ପ୍ରଭାବରେ ତୁହାକୁ ତୁହା ଲଗାଣବର୍ଷା ଲାଗିରହିଛି । ଚାରିଆଡେ ଖାଲି ପାଣି ଆଉ ପାଣି । ଏଭଳି ଲଗାଣ ବର୍ଷା ସାଙ୍ଗକୁ ରେଙ୍ଗାଳି ବାମ କେନାଲ ଗତ ସପ୍ତାହେ ହେଲା ପାଣି ଛାଡିଥିବାରୁ କେନାଲ କଡରେ ରହୁଥିବା ଭୁବନ ବ୍ଲକ ଅନ୍ତର୍ଗତ ଓଡିଶ ପଂଚାୟତର ବଡକାଠିଆ ଗ୍ରାମର ନବିନା ମହାନ୍ତ ଙ୍କ ଘର ଭିତରେ ଆଣ୍ଠୁଏ ପାଣି ପଶିଥିଲା ଓ ପାଣି ଝରାଇ ତାଙ୍କର ଦୁଇ ବଖରା ଟାଇଲ ଛପର ଘର ଭୁଷୁଡି ପଡିଥିବା ଅଭିଯୋଗ ହୋଇଛି । ରେଙ୍ଗାଳି ମେନ୍ କେନାଲ ହୁଡାକୁ ଲାଗି ଥିବା ଘର ଚତୁଃପାର୍ଶ୍ୱ ବାଡ ଦେବା ନିମନ୍ତେ ଶ୍ରୀ ମହାନ୍ତ ବହୁବାର ରେଙ୍ଗାଳି ପ୍ରୋଜେକ୍ଟ ର ଅଫିସରଙ୍କୁ ଭେଟି ଗୁହାରି କରିଥିଲେ ମଧ୍ୟ କେହି ଶୁଣିନଥିଲେ ବୋଲି ସେ ଅଭିଯୋଗ କରିବା ସହ ବର୍ତମାନ ଗୃହ ନିର୍ମାଣ ପାଇଁ ତାଙ୍କୁ ଆବଶ୍ୟକ ଅର୍ଥ ପ୍ରଦାନ କରିବାକୁ ଦାବି କରିଛନ୍ତି ।

# ମୋବାଇଲ ନଥିବା ଚାଷୀ ସାମାଜିକ ଗଣମାଧ୍ୟମରେ ସୂଚନା ପାଉଛନ୍ତି କେମିତି ?: ବିଜେପି

ଭୁବନେଶ୍ୱର,୦୬।୮ (ନି.ପ୍ର): ଚାଷୀମାନେ ସାମାଜିକ ଗଣମାଧ୍ୟମରେ ସକ୍ରିୟ ହେଲେଣି । ଟୁଇଟର ଓ ହ୍ୱାଟସଆପରେ ସମସ୍ତ ସୂଚନା ସରକାରଙ୍କ ଠାରୁ ଚାଷୀମାନଙ୍କ ପାଖକୁ ପହଂଚା ଯାଇଛି ବୋଲି କୃଷିମନ୍ତ୍ରୀ ଏକ ଭର୍ଚୁଆଲ ମିଟିଂରେ କହିଛନ୍ତି। ଏହା ସହ ଚାଷୀଙ୍କ ଆୟ ଦ୍ୱିଗୁଣିତ ନୁହେଁ ବରଂ ବହୁଗୁଣିତ କରିବା ନେଇ କୃଷିମନ୍ତ୍ରୀ ଅରୁଣ ସାହୁଙ୍କ ବୟାନ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ଶ୍ରୀ ସୁରଥ ବିଶ୍ୱାଳ ଅଭିଯୋଗ କରିଛନ୍ତି । ଏତେ ଦିନପରେ ରାଜ୍ୟସରକାର ସାମାଜିକ ଗଣମାଧ୍ୟମରେ ଚାଷୀଙ୍କୁ ଯୋଡିବା କଥା କିପରି ମନେ ପଡିଲା ? କିଛି ବର୍ଷ ପୂର୍ବେ ଚାଷୀମାନଙ୍କୁ ସରକାର ମୋବାଇଲ ଦେବା କଥା କହିଥିଲେ। ସେ ମୋବାଇଲ କେତେ ଜଣ ଚାଷୀ ପାଇଲେ ଏବଂ ତାର କ'ଣ ବ୍ୟବହାର ହୋଇଛି ? ଏବେ ବି ରାଜ୍ୟରେ ଲକ୍ଷ ଲକ୍ଷ ଚାଷୀଙ୍କ ପାଖରେ ମୋବାଇଲ ନାହିଁ । ମୋବାଇଲ ନଥିବା ଚାଷୀ କିପରି ସାମାଜିକ ଗଣମାଧ୍ୟମରେ ସୂଚନା ପାଉଛି ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି । ରାଜ୍ୟସରକାର ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଖୋଲିବା ପାଇଁ ଘୋଷଣା କରିଥିଲେ । କୁଆଡେ ଗଲା ଶୀତଳଭଣ୍ଡାର ?କାଳିଆ ଓ ପିଠା ଯୋଜନା କୁଆଡେ ଗଲା ? ଦୀର୍ଘଦିନ ହେଲା ପଡିରହିଥିବା ଜଳସେଚନ ପ୍ରକଳ୍ପ ଗୁଡିକ ୨୧ ବର୍ଷ ଭିତରେ ହୋଇପାରିଲା ନାହିଁ କାହିଁକି ? ଏହାର ଉତର ଚାଷୀମାନଙ୍କୁ ପ୍ରଥମେ କୃଷିମନ୍ତ୍ରୀ ଦିଅନ୍ତୁ ବୋଲି ଶ୍ରୀ ବିଶ୍ୱାଳ ଦାବି କରିଛନ୍ତି ।

### ଜଳେଶ୍ୱର ହାଇସ୍କୁଲ ଖେଳପଡିଆ ସମସ୍ୟା

# ୫ଟି ସଚିବଙ୍କ ନିର୍ଦ୍ଦେଶରେ ଡି.ଇ.ଓ କାର୍ଯ୍ୟାଳୟ କଲା ତଦନ୍ତ : ଜଳେଶ୍ୱରରେ ହଇଚଇ

ଜଳେଶ୍ୱର,୬।୮ (ନି.ପ୍ର): ଜଳେଶ୍ୱରର ଅନ୍ୟତମ ପୁରାତନ ସରକାରୀ ହାଇସ୍କୁଲ ଭାବେ ନୂଆବଜାରସ୍ଥିତ ସରକାରୀ ନୋଡାଲ ହାଇସ୍କୁଲ ବେସ୍ ପରିଚିତ । କିନ୍ତୁ ଏହାର ଖେଳ ପଡିଆକୁ ନେଇ ଉପୁଜିଥିବା ସମସ୍ୟାପାଇଁ ରାଜ୍ୟ ୫ଟି ସଚିବଙ୍କ ଠାରେ ହୋଇଥିବା ଅଭିଯୋଗର ତଦନ୍ତ ଆଜି ବାଲେଶ୍ୱରର ଡିଇଓ ଅଫିସ୍ ଦ୍ୱାରା କରାଯାଇଛି । ଘଟଣାରୁ ପ୍ରକାଶ, ଜଳେଶ୍ୱର ହାଇସ୍କୁଲ ପଡିଆ ଓ ତାର ସନ୍ନକଟସ୍ଥ କେତେକ ଘରୋଇ ଜମିରେ ଜଳେଶ୍ୱରର ପ୍ରଗତିଶୀଳ ସଂଗଠନ 'ଦି ସ୍ପୋର୍ଟସ୍ ଏଣ୍ଡ କାଲଚୁରାଲ ଏସୋସିଏସନ୍' ପକ୍ଷରୁ ସୀମାନ୍ତ ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଥିଲା । କିନ୍ତୁ ଚଳିତବର୍ଷ ଆସୋସିଏସନ୍‌ର ଅନ୍ତଃଦ୍ୱନ୍ଦ ସୃଷ୍ଟି ହୋଇଥିଲା । ଫଳରେ ସୀମାନ୍ତ ମହୋତ୍ସବ ୨୦୧୯ ଡିସେମ୍ବର ମାସ ଶେଷ ସପ୍ତାହରେ ହେବାକୁ ଥିବା ବେଳେ ବିସ୍ଫୋରଣ ଘଟିଥିଲା । ପ୍ରତିବର୍ଷ ସରକାରୀ ସ୍ତରରେ ଆପାତତଃ ମହୋତ୍ସବ ହେବାଲାଗି ଅନୁମତି ମିଳୁଥିବା ବେଳେ ଚଳିତବର୍ଷ ମିଳିପାରିନଥିଲା । ଏଥିନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ସ୍ପଷ୍ଟ ବାରି ହୋଇ ପଡୁଥିଲା । ପଡିଆରେ ମହୋତ୍ସବ ଲାଗି ପ୍ରସ୍ତୁତୀ ଶେଷ ହେବାକୁ ଯାଉଥିବା ବେଳେ ମହୋତ୍ସବ ହୋଇପାରିନଥିଲା । ଏ ସବୁ ଘଟଣାକୁ ନେଇ କେତେକଙ୍କ କୁଶପୁତ୍ତଳିକା ଦାହ ହେବା ସହିତ ମାମଲା ଉପରକୁ କଥା ଯାଇଥିଲା । ଏହି ପଡିଆଟି ଶିକ୍ଷାବିଭାଗର ଅଧିନରେ ଥିବାରୁ ବିଭିନ୍ନ ପଦସ୍ଥ କର୍ମକର୍ତ୍ତାଙ୍କ ଠାରେ ଆରୋପ, ପ୍ରତ୍ୟାରୋପ ହୋଇଥିବା ବେଳେ ଅଶୋକ କୁମାର ଦାସ ୫ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରବର୍ତ୍ତୀ ସମୟରେ ୫ଟି ସଚିବ କାର୍ଯ୍ୟାଳୟ ପକ୍ଷରୁ ବାଲେଶ୍ୱର ଡିଇଓଙ୍କୁ ତଦନ୍ତ ରିପୋର୍ଟ ମଗାଯାଇଥିବା ପ୍ରକାଶ । ତେଣୁ ବାଲେଶ୍ୱର ଡିଇଓ ପ୍ରମୋଦ କୁମାର ଶଡଙ୍ଗୀଙ୍କ ନିର୍ଦ୍ଦେଶରେ ସ୍ପୋର୍ଟ ଅଫିସର ଅଶୋକ କୁମାର ନାୟକ ଆସି ଏଥି ସହିତ ସଂଲଗ୍ନ ବିଭିନ୍ନ ବ୍ୟକ୍ତିଙ୍କ ମତାମତ ସଂଗ୍ରହ କରିଥିଲେ । ଏହି ଘଟଣା ଜଣାଯିବାପରେ ସମଗ୍ର ଜଳେଶ୍ୱର ଅଂଚଳରେ ଏକ ହଇଚଇ ସୃଷ୍ଟି ହୋଇଛି ।

## ବିପଦ ସଙ୍କୁଳ ଅବସ୍ଥାରେ ଅଙ୍ଗନୱାଡି ଗୃହ

ନୂଆପଡା, ୬ ଅଗଷ୍ଟ (ହି.ସ.)- ନୂଆପଡା ଜିଲ୍ଲା ଖଡିଆଳ ସହରର ବିଗ୍ରାଉଣ୍ଡ ଠାରେ ୨ ଗୋଟି ଅଙ୍ଗନୱାଡି କେନ୍ଦ୍ର ପରିଚାଳିତ ହେଉଅଛି । ଏହି କେନ୍ଦ୍ର ବିପଦସଙ୍କୁଳ ଅବସ୍ଥାରେ ରହିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ଖଡିଆଳ ବିଜ୍ଞାପିତ ଅ ଳ ପରିଷଦର ୱାର୍ଡ ନଂ ୭ ଏବଂ ୮ ସକାଶେ ୨ ଗୋଟି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇ ଶିଶୁଙ୍କୁ ଶିକ୍ଷା ସହ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉଥିଲା । କିନ୍ତୁ ଏହି କେନ୍ଦ୍ରରେ ପାଚେରୀ ନଥିବାରୁ ସବୁ ବେଳେ ମଦୁଆ ଏବଂ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଅଛି । ଏପରିକି କେନ୍ଦ୍ରର ଚାରିପଟେ ଅଳିଆ ଆବର୍ଜନା ପଡି ରହିଥିବା ବେଳେ ବିଶାକ୍ତ ସାପ ଚଳପ୍ରଚଳ କରୁଥିବା ନେଇ ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି ।

# ସତ୍ୟସାଇ ସୋସିଆଲ ଅର୍ଗାନାଇଜେସନ ପକ୍ଷରୁ ମ୍ୟାଟ୍ରିକ୍ ଟପ୍ପର ଜିତେନ୍‌ଙ୍କୁ ସମ୍ବର୍ଦ୍ଧନା

### ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ସାହାଯ୍ୟ ଘୋଷଣା

ବାଲେଶ୍ୱର,୬।୮ (ନି.ପ୍ର): ସମାଜର ଗରିବ ଓ ଅବହେଳିତଙ୍କୁ ସାହାଯ୍ୟ ସହଯୋଗ କରିଆସୁଥିବା ସତ୍ୟସାଇ ସୋସିଆଲ ଅର୍ଗାନାଇଜେସନ୍ ସମ୍ପ୍ରତି ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନର ହାତ ବଢ଼ାଇଛନ୍ତି । ଏହି ପରିପ୍ରେକ୍ଷୀରେ ଚଳିତ ମ୍ୟାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ୯୭.୧୬ ପ୍ରତିଶତ ଅର୍ଥାତ ୫୮୩ ନମ୍ବର ରଖି ବାଲେଶ୍ୱର ଜିଲ୍ଲାର ଟପ୍ପର ହୋଇଥିବା ରେମୁଣା ହାଇସ୍କୁଲର ଛାତ୍ର ଜିତେନ୍ ମହାଲିକଙ୍କୁ ଆଜି ସମ୍ବର୍ଦ୍ଧିତ କରାଯାଇଛି । ସତ୍ୟସାଇ ସୋସିଆଲ ଅର୍ଗାନାଇଜେସନର ମୁଖ୍ୟ ଡକ୍ଟର ବେଣୁମାଧବ ପଣ୍ଡା କୃତୀଛାତ୍ର ଜିତେନ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବାଲେଶ୍ୱର ପାଇଁ ଗୌରବ ଆଣିଥିବା ଏହି ଛାତ୍ର ଜିଲ୍ଲାର ନାମକୁ ଆହୁରି ଉଚ୍ଚକୁ ନେବ ବୋଲି ସେ କହିଥିଲେ । ଭବିଷ୍ୟତରେ ଜିତେନର ଉଚ୍ଚଶିକ୍ଷା ପାଇଁ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଡକ୍ଟର ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ । କେବଳ ଜିତେନ୍ ନୁହେଁ ଜିଲ୍ଲାର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ବି ଅନୁରୂପ ଭାବେ ସାହାଯ୍ୟ କରିବେ ବୋଲି ସେ କହିଥିଲେ । ପୁଷ୍ପଗୁଚ୍ଛ ଓ ୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ ପୂର୍ବକ ସେ ଜିତେନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥି ସହିତ ଦୀର୍ଘଦିନ ଧରି ପାଖରେ ରଖି ମାଗଣାରେ ଶିକ୍ଷା ଦେଉଥିବା ରେମୁଣା ଅଞ୍ଚଳର ଖ୍ୟାତନାମା ଶିକ୍ଷକ ନିଆମତ୍ ଖାଁ ଓରଫ୍ ବାବୁ ସାର ଓ ଜିତେନ୍‌ର ମାଆଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନାକୁ ନେଇ ଛାତ୍ର ଜିତେନ୍ ବେଶ ସନ୍ତୋଷ ପ୍ରକାଶ ସହ ଡକ୍ଟର ପଣ୍ଡାଙ୍କ ବଦାନ୍ୟତା ପ୍ରତି କୃତଜ୍ଞତା ଜଣାଇଥିଲେ । ପିତାମାତା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ବିଶେଷ କରି ବାବୁ ସାରଙ୍କୁ ନିଜ ସଫଳତାର ଶ୍ରେୟ ଦେଇଛନ୍ତି ଜିତେନ୍ । ଭବିଷ୍ୟତରେ ଜଣେ ବୈଜ୍ଞାନିକ ହୋଇ ଦେଶ ପାଇଁ କିଛି ନୂଆ କରିବାର ଆଶ ରଖିଛନ୍ତି ସେ । ବାବୁ ସାର ମଧ୍ୟ ଜତେନ୍‌ର ସଫଳତାକୁ ନେଇ ଆତ୍ମସନ୍ତୋଷ ପ୍ରକାଶ କରିଛନ୍ତି । ତାଙ୍କର ପ୍ରଚେଷ୍ଟା ଥିଲେ ବି ଜିତେନ୍‌ର କଠୋର ସାଧନା ଯୋଗୁଁ ଏହି ସଫଳତା ସମ୍ଭବ ହୋଇ ପାରିଛି ବୋଲି ସେ କହିଥିଲେ । ସତ୍ୟସାଇ ସୋସଆଲ ଅର୍ଗାନାଇଜେସନର କର୍ମକର୍ତ୍ତାଙ୍କୁ ସେ ସାଧୁବାଦ ଜଣାଇଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ ଭାଗ୍ୟ ଉଦିତ୍ ଦାସପଟ୍ଟନାୟକ, ବିଭୂଦତ୍ତ ପରିଡ଼ା, ରାହୁଲ କର, ସମରଜିତ୍ ପାତ୍ର, ଜ୍ୟୋତିରଂଜନ ମହାନ୍ତିଙ୍କ ସମେତ ସତ୍ୟସାଇ ସୋସିଆଲ ଅର୍ଗାନାଇଜେସନର ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ।

# ଡେଲାଙ୍ଗ ଥାନା ପୋଲିସ୍‌ର ବଡ ସଫଳତା

### ୪ ଅନ୍ତରାଜ୍ୟ ବାଇକ୍ ଲୁଟେରା ଗିରଫ, ୨୫ ବାଇକ୍ ଜବତ




ଡେଲାଙ୍ଗ,୬।୮ (ନି.ପ୍ର): ଡେଲାଙ୍ଗ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡେଲାଙ୍ଗ ଥାନା ପୋଲିସ୍ ଦ୍ୱାରା ଏକ ବଡଧରଣର ଅନ୍ତରାଜ୍ୟ ବାଇକ୍ ଲୁଟାର ଗ୍ୟାଙ୍ଗକୁ ସଫଳତାର ସହିତ ଗିରଫ କରାଯାଇଥିବା ସୂଚନା ଦେଇଛନ୍ତି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଡେଲାଙ୍ଗ ଥାନା ପୋଲିସ ଏକ ବାଇକ୍ ଲୁଟରା ଟୁକୁନା ବେହେରା ଘରୁ ୫ଟି ଚୋରା ମୋଟର ସାଇକେଲ ଜବତ କରିବା ସହ ଏହା ପଛରେ ଅନ୍ୟ ମାନଙ୍କ ହାତଥିବା ଏକ ବଡଧରଣର ବାଇକ୍ ଲୁଟେରା ଗ୍ୟାଙ୍ଗ ବିଷୟରେ ଥାନା ଅଧିକାରୀ ରଶ୍ମିରଜଂନ ପଟ୍ଟନାୟକ ଜାଣିକୁ ପାଇଥିଲେ । ଏ ସମ୍ପର୍କରେ ସେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ । ଏହି ବାଇକ୍ ଚୋରୀ କରୁଥିବା ପେଷାଦାର ଗ୍ୟାଙ୍ଗ ର ପର୍ଦ୍ଦାଫାଶ କରିବା ପାଇଁ ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଖିଳେଶ୍ୱର ସିଂ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧନରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା । ଏହି ଘଟଣାକୁ ତଦନ୍ତ ତ୍ୱରାନ୍ୱିତ୍ୱ କରିବାକୁ ଶ୍ରୀ ସିଂ ନିର୍ଦ୍ଦେଶଦେବା ସହ ପିପିଲ ଏସଡିପିଓ ଦେବଦତ ବରାଳ ,ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଜଂନ ପଟ୍ଟନାୟକ, ମହିଳା ଏସ ଆଇ ଲାଇକା ମହାରଣା ,ସିପାହୀ ପ୍ରଶାନ୍ତ ପ୍ରଧାନ ଓ ଜିତେନ୍ଦ୍ର ସ୍ୱାଇଁ ,ଗଙ୍ଗାଧର ସାହୁ .ଉପେନ୍ଦ୍ର ନାଥ ଦାସ, ଅଶୋକ କୁମାର ମହାପାତ୍ର ,ହୋମଗାର୍ଡ କମାଣ୍ଡ ପ୍ରମୋଦ ସେଠୀ , ଙ୍କ ନେତୃତ୍ୱରେ ଏହି ପେଷାଦାର ବାଇକ୍ ଲୁଟୁରା ମାନଙ୍କ ଉପରେ ଚଢାଉ କରି ସେମାନଙ୍କ ଠାରୁ ୨୫ଟି ବାଇକ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛନ୍ତି । ଅନ୍ୟ ୪ ଜଣ ଆପରାଧି ଫେରାର ହୋଇଯାଇଛନ୍ତି । ସେମାନଙ୍କ ଠାରୁ ବୁଲେଟ-୩ଟା,ବାଜାଜ ପଲସର -୭ ଟା,ଟିଭିଏସ ଆପାଚୀ -୨ଟା,ହୋଣ୍ଡା ହନେଟ -୧ଟା ,ୟାମା-୧ଟା ,ହୀରୋ ସ୍ପେଣ୍ଡର -୪ଟା ,ହୀରୋ ଗ୍ଲାମର -୧ଟା,କାୱାସିକି ବକ୍ସର -୧ଟା ,ହିରୋ ପ୍ୟାସନ ପ୍ରୋ -୩ଟା ,ସିଡି ଡିକକ୍ସ -୨ଟା , ସର୍ବମୋଟ ୨୫ ଟା ବାଇକ୍ ଜବତ କରାଯାାଇଛି । ଗିରଫ ହୋଇଥିବା ବାଇକ ଲୁଟୁରା ଗ୍ୟାଙ୍ଗର ଅଭିଯୁକ୍ତ ମାନେ ହେଲେ ଡେଲାଙ୍ଗ ଥାନା ଅଧିନ ଘନିପୁର ପଚଂାୟତ ଗଡବେଗୁନିଆପଡା ଗ୍ରାମର ଟୁକୁନା ବେହେରା,ପବିତ୍ର କୁମାର ମଲ୍ଲିକ ଏବଂ ସାଉରିଆ ପଚଂାୟତର ନଟବର ଜେନା ,କୃଷ୍ଣ ଚନ୍ଦ୍ର ପାହାଡାସିଂ । ଅଭିଯୁକ୍ତ ମାନେ ପୁରୀ ,ଖୋର୍ଦ୍ଧା, ଭୁବନେଶ୍ୱର ,ନୟାଗଡ ଓ କଟକ ଜିଲ୍ଲା ର ବିଭିନ୍ନ ସ୍ଥାନରୁ ମୋଟର ସାଇକେଲ ଚୋରୀ କରିଥିବା ସ୍ୱୀକାର କରିଥିଲେ । ଏ ସଂକ୍ରାନ୍ତରେ ଡେଲାଙ୍ଗ ଥାନାରେ ଏକ ମସଦ୍ଦମା-୧୧୧/୨୦୨୦ ରୁଜ କରାଯାଇ ତଦନ୍ତ ଜାରି ସହ ଫେରାରଥିବା ଅନ୍ୟ ଚାରୀଜଣ ଅଭିଯୁକ୍ତ ଙ୍କୁ ଖୁବଶିଘ୍ର ଗିରଫ କରାଯିବ ବୋଲି ଆଇଆଇସି ରଶ୍ମିରଜଂନ ପଟ୍ଟନାୟକ ସୂଚନା ଦେଇଛନ୍ତି ।


ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER
MAYURBHANJ LIFT IRRIGATION DIVISION ,BARIPADA.
Telephone No: 06792-252734 (E-mail- olicbpd@ymail.com)

*e - Procurement Notice*

**BID ID NO. 1315 OLIC/2020-21) DATED 05.08.2020**

The Executive Engineer, Mayurbhanj Lift Irrigation Division, Baripada, invites tender through e-procurement in shape of percentage rate bids in online mode for the works: **Installation , Energisation,& drilling of TW including power supply work of 35 Nos. New L.I. Projects from Baripada,Bagriposi,Suliapada, Kuliana,Saraskana, Morada ,Betnoti Rasgobindpur G.B.Nagar ,Badasahi Block under BKVY RIDF- 2020-21 on Turnkey basis in Mayurbhanj District.** The work is to be completed within 90 days as described in the DTCN, from the "D, C & above" class license holding Contractors having valid H.T. Electrical License issued by E.L.B.O. & Valid Civil License registered within the State issued by PWD / PHED / RWSS / Irrigation / M.I. Deptt. / Rural works. In case of the drilling works the Contractor has produced Regd. no of drilling Rig and agreement with Rig owner . (As per instructions of Dept. Authorities) The scanned copy of the relevant documents should be uploaded along with the bid, any deviations found will be summarily rejected. The bids should be submitted only online in the website: www.tendersodisha.gov.in

| Procurement Officer | Bid Identification No/ Date | Availability of Tender on online for bidding | | Date & Time of Opening of Tender |
|---|---|---|---|---|
| | | Date & time of Publishing | Date & time of Closing | |
| Executive Engi-neer M.L.I. Division, Baripada | 1315/05.08.2020 | 17.08.2020 10.00 AM | 28.08.2020 5.00 PM | 29.08.2020 At 11 AM. |

The details are available in the Government Tender Web site i.e. www.tendersodisha.gov.in any other related documents are available in the DTCN for bidding.

OIPR: 32215/11/003/2021

Executive Engineer,
M.L.I.Division, Baripada.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପ୍ରବାସୀ ଶ୍ରମିକଙ୍କୁ ଚାକିରୀ...

ମାନଙ୍କୁ ଚାକିରୀ ଯୋଗାଇ ଦେବା ପାଇଁ ଚାହୁଁଛନ୍ତି ତେବେ ପ୍ରବାସୀ ଶ୍ରମିକମାନଙ୍କର ଚାକିରୀ କରୁଥିବା ସ୍ଥାନ, କେଉଁ ବିଭାଗ, କେଉଁ ପଦବୀ, କେତେ ଦରମା ଏବଂ କେତେ ବର୍ଷର ଅଭିଜ୍ଞତା ଆଦିର ଏକ ତାଲିକା ପ୍ରସ୍ତୁତ କରି ଦକ୍ଷତା ଅନୁଯାୟୀ ନିଜ ରାଜ୍ୟରେ ସରକାର ସେମାନଙ୍କୁ ନିଯୁକ୍ତି ଦିଅନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବୀ କରିଛନ୍ତି । ଚଳିତ ବର୍ଷ ଜାନୁଆରୀ ୧୫ ତାରିଖରେ ପ୍ରବାସୀ ଶ୍ରମିକମାନଙ୍କୁ ସୁରକ୍ଷା ଓ ସହାୟତା ପାଇଁ ରାଜ୍ୟ ସରକାର ୫୦୦ ଶହ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରିଥିଲେ । ଏହା କେତେ ଦୂର କାର୍ଯ୍ୟକାରୀ ହେଲାଣି ? ଏଥିରେ ରାଜ୍ୟ ସରକାର ୧୧ଟି ଜିଲ୍ଲାକୁ ସାମିଲ କରିଥିଲେ ବି ଅନେକ ଜିଲ୍ଲାରେ ଏପର୍ଯ୍ୟନ୍ତ ଏହାକୁ ଲାଗୁ କରାଯାଇ ନାହିଁ । ପ୍ରବାସୀ ଶ୍ରମିକଙ୍କ ପାଇଁ ରାଜ୍ୟ ବାହାରେ ହେଲ୍ପ ଡେକ୍ସ ଖୋଲିବା ନେଇ ମଧ ନିଷ୍ପତି ହୋଇଥିଲା । କିନ୍ତୁ ଏହା ସବୁ ଫାଇଲ ଭିତରେ ସୀମିତ ରହିଛି । ସେହିପରି ପ୍ରବାସୀ ଶ୍ରମିକଙ୍କ ସହାୟତା ପାଇଁ ପ୍ରତି ପଂଚାୟତରେ ଶ୍ରମିକ ମିତ୍ର ନିଯୁକ୍ତ କରାଯିବା ଏବଂ ଶ୍ରମିକ ମାନଙ୍କୁ ପକ୍କା ଘର ଦେବା ପାଇଁ କୁହାଯାଇଥିଲା କିନ୍ତୁ ତାହା ହୋଇନାହିଁ । ଯେଉଁ ରାଜ୍ୟସରକାର ୨୦ ବର୍ଷ ଧରି ଚାକିରୀ ଓ ରୋଜଗାର ସୃଷ୍ଟି କରିପାରିଲେ ନାହିଁ, ଏବେ କରୋନା ମହାମାରୀ ସମୟରେ ରାଜ୍ୟ ସରକାର ଏବଂ ତାଙ୍କ ଅଧିକାରୀ ମାନେ ଚାକିରୀ ଦେବା କହି ପ୍ରବାସୀ ଶ୍ରମିକମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେବା ଅତ୍ୟନ୍ତ ନିନ୍ଦନୀୟ । ରାଜ୍ୟସରକାର କେତେ ଜଣ ପ୍ରବାସୀ ଶ୍ରମିକ ମାନଙ୍କର ନାଁ ତାଲିକାଭୂକ୍ତ କରିଛନ୍ତି ଏବଂ ସେମାନଙ୍କୁ କେତେ ଦିନ ଭିତରେ ନିଯୁକ୍ତି ଦେବେ ତାହା ରାଜ୍ୟବାସୀଙ୍କୁ ଜଣାନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବୀ କରିଛନ୍ତି ।

### ଦେଶର ଶ୍ରେଷ୍ଠ...

ଲକ୍ଷ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଗ୍ରେଡିଂ ସଂପନ୍ନ ହୋଇଛି । ଶିଳ୍ପ ତାଲିମ ପ୍ରତିଷ୍ଠାନ, ରାଜ୍ୟ ନିର୍ଦ୍ଦେଶାଳୟ, ସହ ଯୋଗୀ ଶଳ୍ପାନୁଷ୍ଠାନ ଏବଂ କୋର କମିଟି ସଭ୍ୟମାନଙ୍କ ପ୍ରଦତ ମୂଲ୍ୟାୟନ ଆଧାରରେ ଏହି ଗ୍ରେଡିଂ କରାଯାଇଛି । ୫ଟି ଶ୍ରେଣୀରେ ସନ୍ନିବିଷ୍ଟ ୨୭ଟି ମାନକ ଭିତିରେ ଦେଶର ୧୦୭୬୫ଟି ଶିଳ୍ପ ତାଲିମ ପ୍ରତିଷ୍ଠାନ ଏହି ଗ୍ରେଡିଂ ପାଇଥିବାବେଳେ ଓଡ଼ିଶାର ୩୮ଟି ସରକାରୀ ଓ ୩୯୬ଟି ବେସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ବିଭିନ୍ନ ଗ୍ରେଡ୍ ପାଇଛନ୍ତି ।

### କରୋନା ମୁକାବିଲା ...

ମୁକାବିଲା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ଆଣିବା ସହ କରୋନା ମହାମାରୀ ବିରୋଧରେ ଚାଲିଥିବା ସଂଗ୍ରାମକୁ ସୁଦୃଢ କରିବ ।ଏହା ଚିକିତ୍ସା ଭିତିଭୂମି ବିକାଶ, ଭେଂଟିଲଟର କ୍ରୟ, ପରୀକ୍ଷଣ ସୁବିଧା, କୋଭିଡ୍ ଶଯ୍ୟା , ଔଷଧ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଉପକରଣର କ୍ରୟ ତଥା ବିକାଶରେ ସାହାଯ୍ୟ କରିବ । ମୋଦି ସରକାର ଦେଶବାସୀଙ୍କୁ ଉତମ ତଥା ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବାର ଯେଉଁ ପ୍ରତିବଦ୍ଧତା ଆପଣେଇଛନ୍ତି ଏହା ତାହାର ଏକ ଜ୍ୱଳନ୍ତ ଉଦାହରଣ । ଏଭଳି ଜନ ମଙ୍ଗଳକାରି ସହାୟତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଓଡିଶାବାସୀଙ୍କ ତରଫରୁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

### ଅଯୋଧ୍ୟାରେ ଶ୍ରୀରାମ...

୩୦ କୋଟି ଟଙ୍କା ଥିଲା । ମୋରାରୀ ବାପୁ ଏଥିରେ ୧୧ କୋଟି ଟଙ୍କା ପ୍ରଦାନ କରିବାରୁ ଏହା ୪୧ କୋଟି ଟଙ୍କାରେ ପହଂଚିଛି । ବୁଧବାର ଦିନ କରା ଯାଇଥିବା ଦାନ ଏଥିରେ ସାମିଲ ନାହିଁ ବୋଲି ସେ କହିଛନ୍ତି ।

### ପ୍ରଶାସନର ଦୀର୍ଘବର୍ଷର...

ଆରମ୍ଭ କରିଥିଲା । ପ୍ରାରମ୍ଭରେ କିଛି ଦୋକାନୀ ଯଦିଚଃ ଏହି ଉଚ୍ଛେଦକୁ ବିରୋଧ କରିଥିଲେ, ତେବେ ଜନସାଧାରଣଙ୍କ ସହଯୋଗ, ପୁଲିସ ଓ ପ୍ରଶାସନର ଉଦ୍ୟମରୁ ସବୁକିଛି ସୁରୁଖୁରରେ ଚାଲିଥିବା ଲକ୍ଷ୍ୟ କରାଯାଇଥିଲା । ମାଜଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ସଦର ଅତିରିକ୍ତ ତହସିଲଦାର ଶତ୍ରୁଘ୍ନ ସେଠୀ ଓ ନୀଳଗିରି ଏସଡିପିଓଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟ ସହଜରେ ଚାଲିଥିଲା । ଉତ୍ତେଜନା ମୂଳକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରେମୁଣା, ବହରମପୁର, ସଦର ଓ ଟାଉନ ଥାନାର ଅଧିକାରୀ ଏବଂ ୪ ପ୍ଲାଟୁନ୍ ପୁଲିସ ଫୋର୍ସ ଏହି ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଜବର ଦଖଲ ଉଚ୍ଛେଦ ପରେ ରାସ୍ତାର ଉଭୟ ପାର୍ଶ୍ୱରେ ୭ରୁ ୧୦ ଫୁଟ୍ ଫାଙ୍କା ହେଉଥିବା ବେଳେ ଏହା ସମ୍ପ୍ରସାରଣ ପରେ ଆଉ ଟ୍ରାଫିକ୍ ଜାମ ହେବାର ଆଶଙ୍କା ରହିବ ନାହିଁ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି । ଉଚ୍ଛେଦ ପରେ ପରେ ଡ୍ରେନ୍ ନିର୍ମାଣ ଓ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

### ଜରାଗ୍ରସ୍ତ ବାପା...

ବକ୍ତ ଖାଇବାକୁ ଦେଉ ନଥିବା ସେମାନେ ଅଭିଯୋଗ କରିଛନ୍ତି । ଏମିତିକି ବହୁବାର ସେ ଓ ତା'ର ପତ୍ନୀ ସେମାନଙ୍କୁ ମାଡ଼ ମାରିଥିବା ଉଭୟ ପିତାମାତା କହିଛନ୍ତି । ଯଦିଚଃ ସେମାନେ ଉଭୟ ବାର୍ଦ୍ଧକ୍ୟ ଭାତ୍ତା ପାଉଛନ୍ତି, ତେବେ ରୋଗାଗ୍ରସ୍ତ ପତ୍ନୀ ଲୋପାଙ୍କର ଔଷଧ ଖର୍ଚ୍ଚକୁ ତାହା ନିଅଣ୍ଟ ହେଉଥିବା ବାଉଲି ମୁଦୁଲି ପ୍ରକାଶ କରିଛନ୍ତି । ସେମାନଙ୍କ ସମସ୍ୟା ବାବଦରେ ଉଚିତ ପଦକ୍ଷେପ ନେବା ସହ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଉଭୟ ବୃଦ୍ଧ ଦମ୍ପତି ଉପ-ଜିଲ୍ଲାପାଳଙ୍କଠାରେ ଗୁହାରୀ କରିଛନ୍ତି । ତେବେ ସମୋନଙ୍କୁ ବୃଦ୍ଧାଶ୍ରମରେ ଥଇଥାନ କରିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିବା ଜଣାପଡ଼ିଛି ।

# ଅଯୋଧ୍ୟାରେ ଭୂମିପୂଜନ : ଉଦଳାରେ ଆନନ୍ଦୋତ୍ସବ



ଉଦଳା ,୬।୮ (ନି.ପ୍ର): ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଭୂମି-ପୂଜନ ଅନୁଷ୍ଠିତ ହେଉଥିବା ବେଳେ ଏହାକୁ ସମର୍ଥନ ଜଣାଇ ଉଦଳା ସହର ଉତ୍ସବମୁଖର ହୋଇଉଠିଥିବାର ଦେଖାଯାଇଛି । ଏଥିପାଇଁ ସହର ମଧ୍ୟରେ ଥିବା ସମସ୍ତ ମନ୍ଦିରରେ ଦିବସବ୍ୟାପୀ ସ୍ୱତନ୍ତ୍ର ପୂଜାର୍ଚ୍ଚନାର ପର୍ବ ଅନୁଷ୍ଠିତ ହେବା ସହିତ ବିଜୟ ମହାମନ୍ତ୍ର ଓ ହନୁମାନ ଚାଳିଷା ପାଠ କରାଯାଇଥିଲା । ସେହିପରି ସାଧାରଣ ଜନତା ସମସ୍ତଙ୍କ ଘର ସମ୍ମୁଖରେ କଳସ ବସା ଯାଇଥିଲା ଓ ସନ୍ଧ୍ୟାରେ ପାଂଚଟି ଲେଖାଁଏ ଦୀପ ଜାଳିବା ସହିତ ଶଙ୍ଖ ଓ ଘଂଟା ନାଦ ମଧ୍ୟରେ ହରିବୋଲ ଧ୍ୱନି ଶୁଣିବାକୁ ମିଳିଥିଲା । ସେହିପରି ବିଶ୍ୱହିନ୍ଦୁ ପରିଷଦ, ଏକଲ ବିଦ୍ୟାଳୟ, ରାଷ୍ଟ୍ରିୟ ସ୍ୱଂୟ ସେବକ ସଂଘ, ବଜରଙ୍ଗ ଦଳର କର୍ମୀମାନେ ଘରକୁ ଘର ବୁଲି ମିଷ୍ଟାନ୍ନ ବଂଟନ କରିଥିଲେ । ପରେ ସନ୍ଧ୍ୟାରେ ସମସ୍ତେ ସ୍ଥାନୀୟ ହନୁମାନ ମନ୍ଦିରରେ ଏକତ୍ରିତ ହୋଇ ଆଜିର ଏହି ଖୁସୀ ଦିନଟିକୁ ଆଣିବା ପାଇଁ ଯେଉଁମାନେ ସଂଗ୍ରାମ ଚଳାଇ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ସେମାନଙ୍କ କଥା ମନେ ପକାଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ହରିହର ତ୍ରୀପାଠୀ, ରାମଚନ୍ଦ୍ର ସାହା, ପ୍ରମିଳା ପଣ୍ଡା, ପ୍ରଭାସ ଚନ୍ଦ୍ର ନାୟକ, ତାନାକାନ୍ତ ରାୟ, ନିର୍ମଳା ରାୟ ଅନୀତା ବିଶ୍ୱାଳ, ମନୋରଂଜନ ମଲ୍ଲିକ, ବସନ୍ତ କୁମାର ପରିଡ଼ା, ଡ. ଶ୍ୟାମସୁନ୍ଦର ପଣ୍ଡା, ସୁବ୍ରତ କୁମାର ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ପ୍ରଭୂ ଶ୍ରୀରାମ ରାମ ରାଜ୍ୟ ଗଠନ ଅଭିଳାଷକୁ ପୂରଣ କରନ୍ତୁ : ପୁରୀ ଗଜପତି

ଭୁବନେଶ୍ୱର ,୬।୮ (ନି.ପ୍ର): ଅଯୋଧାରେ ପବିତ୍ର ଶ୍ରୀ ରାମ ମନ୍ଦିର ନିର୍ମାଣ ଦ୍ୱାରା ପ୍ରଭୂ ଶ୍ରୀରାମ ରାମ ରାଜ୍ୟ ଗଠନ ଅଭିଳାଷକୁ ପୂରଣ କରନ୍ତୁ ।

# ଅମିତାଭ ମିଶ୍ରଙ୍କ ଦୁଇଟି କବିତା ସଂକଳନ କବିତା କଳ୍ପଲତା ଓ କବିତା କସ୍ତୁରୀ ଉନ୍ମୋଚିତ

ବାରିପଦା ,୬।୮ (ନି.ପ୍ର): କବି ଅମିତାଭ ମିଶ୍ରଙ୍କ ଦୁଇଟି କବିତା ସଂକଳନ କବିତା କଳ୍ପଲତା ଓ କବିତା କସ୍ତୁରୀ ପ୍ରକାଶିତ ହୋଇଯାଇଛି । ମୟୂରଭ ସାହିତ୍ୟ ଏକାଡେମୀ ଆନୁକୁଲ୍ୟରେ ଏହି ଦୁଇଟି କବିତା ସଂକଳନ ପ୍ରକାଶିତ ହୋଇଥିବା ବେଳେ, କବିତା କଳ୍ପଲତାରେ ୨୪ ଟି କବିତା ସ୍ଥାନୀତ ହୋଇଥିବା ବେଳେ କବିତା କସ୍ତୁରୀରେ ୪୪ ଗୋଟି କବିତା ସ୍ଥାନୀତ ହୋଇଛି । ଏଥିପୂର୍ବରୁ କବି ଶ୍ରୀ ମିଶ୍ରଙ୍କ ସ୍ମୃତି ମୁଳା, ସୃଷ୍ଟି ସମଗ୍ର, ରୂପାନ୍ତର, ମଣିମାଣିକ୍ୟ, କବିତା କବରୀ, ପ୍ରେମ, କବିତା କଳାପ ଆଦି ବହୁ କବିତା ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତୀ ଲାଭ କରିଛି । କବି ଶ୍ରୀ ମିଶ୍ର ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଥିବା ବେଳେ ମହାରାଜା କୃଷ୍ଣ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବରେ କାର୍ଯ୍ୟରତ ଅଛନ୍ତି । ମୟୂରଭ ସାହିତ୍ୟ ଏକାଡେମୀ ପୁସ୍ତକ ଦୁଇଟିର ପ୍ରକାଶନ ଦାୟୀତ୍ୱ ଗ୍ରହଣ କରିଥିବାରୁ ଏକାଡେମୀର ସଭାପତି ଡଃ ସରୋଜ ନାୟକ ଏବଂ ଅନ୍ୟ କର୍ମକର୍ତା ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି କବି ଶ୍ରୀ ମିଶ୍ର ।



ଶୁକ୍ରବାର,୦୭ ଅଗଷ୍ଟ ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮


## ଗୋଟିଏ ଦିନରେ ଆଉ ୧୬୯୯ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୪୦୭୧୭ କୁ ବୃଦ୍ଧି

ଭୁବନେଶ୍ୱର, ୦୬ ଅଗଷ୍ଟ - ରାଜ୍ୟରେ ଆଉ ୧୬୯୯ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୪୦୭୧୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୧୬୯୯ ଜଣଙ୍କ ମଧ୍ୟରୁ ୧୦୭୩ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୬୨୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ସବୁଠାରୁ ଅଧିକ ୨୬୮ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୧୭, ବାଲେଶ୍ୱର ଜିଲ୍ଲାରେ ୧୭ ଜଣ, ବରଗଡ ଜିଲ୍ଲାରେ ୮୧, ଭଦ୍ରକ ଜିଲ୍ଲାରେ ୬୬, ବଲାଙ୍ଗିର ଜିଲ୍ଲାରେ ୨୧.ବୌଦ୍ଧ ଜିଲ୍ଲାରେ ୮,କଟକ ଜିଲ୍ଲାରେ ୧୦୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।ସେହିପରି ଢେଙ୍କାନାଳ ଜିଲ୍ଲାରେ ୨୭, ଗଜପତି ଜିଲ୍ଲାରେ ୫୯, ଜଗତସିଂହପୁର ଜିଲ୍ଲାରେ ୧୬, ଯାଜପୁର ଜିଲ୍ଲାରେ ୪୧. ଝାରସୁଗୁଡା ଜିଲ୍ଲାରେ ୧୦, କଳାହାଣ୍ଡି ଜିଲ୍ଲାରେ ୩୦. କନ୍ଧମାଳ ଜିଲ୍ଲାରେ ୭୪, କେନ୍ଦ୍ରାପଡା ଜିଲ୍ଲାରେ ୨୭,କେନ୍ଦୁଝର ଜିଲ୍ଲାରେ ୫୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ୨୨୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୪୧ ଜଣ, ମାଲକାନଗିରି ଜିଲ୍ଲାରେ ୭୨ , ମୟୁରଭଂଜ ଜିଲ୍ଲାରେ ୨୪, ନବରଙ୍ଗପୁରରେ ୧୬, ନୟାଗଡ ଜିଲ୍ଲାରେ ୨୫, ପୁରୀ ଜିଲ୍ଲାରେ ୬୭ , ରାୟଗଡା ଜିଲ୍ଲାରେ ୧୯, ସମ୍ବଲପୁର ଜିଲ୍ଲାରେ ୧୦୧, ସୋନପୁର ଜିଲ୍ଲାରେ ୧୦ ତଥା ସୁନ୍ଦରଗଡ ଜିଲ୍ଲାରେ ୧୭୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୬।୮ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୨୬୮ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୨୦୮୦ ରେ ପହଂଚିଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୪୦୨, ବାଲେଶ୍ୱର ଜିଲ୍ଲାରେ ୧୧୭୬, ବରଗଡ ଜିଲ୍ଲାରେ ୫୬୮ , ଭଦ୍ରକ ଜିଲ୍ଲାରେ ୮୦୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୫୫୧ . ବୌ ଦ୍ଧ ଜିଲ୍ଲାରେ ୧୬୨, କଟକ ଜିଲ୍ଲାରେ ୨୭୭୧, ଦେବଗଡ ଜିଲ୍ଲାରେ ୯୬, ଢେଙ୍କାନାଳ ଜିଲ୍ଲାରେ ୪୫୨. ଗଜପତି ଜିଲ୍ଲାରେ ୧୮୩୪, ଜଗତସିଂହପୁର ଜିଲ୍ଲାରେ ୮୨୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୪୬୭, ଝାରସୁଗୁଡା ଜିଲ୍ଲାରେ ୩୫୩, କଳାହାଣ୍ଡି ଜିଲ୍ଲାରେ ୩୪୯, କନ୍ଧମାଳ ୭୭୨, କେନ୍ଦ୍ରାପଡା ଜିଲ୍ଲାରେ ୬୦୧, କେନ୍ଦୁଝର ଜିଲ୍ଲାରେ ୯୯୨, ଖୋର୍ଦ୍ଧା ଜିଲ୍ଲାରେ ୫୫୩୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୧୦୪୭ , ମାଲକାନଗିରି ଜିଲ୍ଲାରେ ୭୭୩, ମୟୁରଭଂଜ ଜିଲ୍ଲାରେ ୭୮୮. ନବରଙ୍ଗପୁର ଜିଲ୍ଲାରେ ୩୩୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୮୦୨, ନୂଆପଡା ଜିଲ୍ଲାରେ ୧୬୧ , ପୁରୀ ଜିଲ୍ଲାରେ ୧୦୫୯, ରାୟଗଡା ଜିଲ୍ଲାରେ ୧୧୭୩. ସମ୍ବଲପୁର ଜିଲ୍ଲାରେ ୮୩୬. ସୁବର୍ଣ୍ଣପୁର ଜିଲ୍ଲାରେ ୧୨୩ ଓ ସୁନ୍ଦରଗଡ ଜିଲ୍ଲାରେ ୧୮୮୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ୧୧୭୬ରେ ପହଞ୍ଚିଲା ବାଲେଶ୍ୱର ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୬।୮ (ନି.ପ୍ର): ଆଜି ସୁଦ୍ଧା ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୯ ଲକ୍ଷ ୬୫ ହଜାରରେ ପହଞ୍ଚିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୪୦ ହଜାର ଟପିଛି। ଅନୁରୂପ ଭାବେ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ୧୬୯୯ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ସହ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୦ହଜାର ୭୧୭ଛୁଇଁଚି । ତେବେ ଅଦ୍ୟାବଧି ୨୫,୭୩୮ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୪,୬୯୯ଜଣ ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ଚିକିତ୍ସା କରାଯାଉଛି । ଅନ୍ୟପକ୍ଷରେ ଆଜି ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ଏବେ ୨୩୫ରେ ପହଞ୍ଚିଛି। ସେହିଭଳି ବାଲେଶ୍ୱରରେ ଗତ କିଛିଦିନ ଧରି କ୍ରମାଗତ ଭାବେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଇଛି । ଚଳିତ ଅଗଷ୍ଟ ମାସରେ ସଂକ୍ରମଣ ଶୀର୍ଷରେ ପହଞ୍ଚିବା ନେଇ ବିଶେଷଜ୍ଞମାନେ ମତ ଦେଇଥିବା ବେଳେ ବାଲେଶ୍ୱରର ସ୍ଥିତି କ୍ରମଶଃ ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେବାକୁ ଯାଉଛି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୭୬ରେ ପହଞ୍ଚିଛି । ଅଦ୍ୟାବଧି ୮୫୬ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୩୧୪ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଚିହ୍ନଟ ହୋଇଥିବା ପିଜିଟିଭ୍‌ଙ୍କ ମଧ୍ୟରୁ ୩ ଟି କ୍ୱାରେଣ୍ଟାଇନ୍ କେସ୍ ଥିବା ବେଳେ ଅନ୍ୟ ୧୪ଟି ସ୍ଥାନୀୟ ସଂକ୍ରମଣ ବୋଲି ସରକାରୀ ସୂତ୍ରରୁ ଜଣାଯାଇଛି । ଅନ୍ୟରୋଗରେ ଚିକିତ୍ସା ପାଇଁ ଭୁବନେଶ୍ୱର ସୋମ ହସପିଟାଲ ଯାଇଥିବା ବାଲେଶ୍ୱର ପୌରାଞ୍ଚଳର ୬୫ ଓ ୫୪ ବର୍ଷର ପୁରୁଷ ଏବଂ ଆପୋଲୋ ହସପିଟାଲ ଯାଇଥିବା ଭୋଗରାଇ ବ୍ଲକ ପାଣିଷଣ୍ଢା ଅଞ୍ଚଳର ୩୦ ବର୍ଷର ଯୁବକଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି । ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ପୌରାଞ୍ଚଳ ମାଣିଖମ୍ବର ୬୫ ବର୍ଷର ପୁରୁଷ ଥିବା ବେଳେ ଅନ୍ୟ ସମସ୍ତ ୧୩ ଜଣ ଯାକ ଭୋଗରାଇ ଅଞ୍ଚଳର ବୋଲି ଜଣାପଡ଼ିଛି । ସେମାନଙ୍କ ମଧ୍ୟରୁ ସୁଲତାନପୁର ଅଞ୍ଚଳର ୩୯ ବର୍ଷର ପୁରୁଷ, ଉତପଡ଼ା ଅଞ୍ଚଳର ୪୧ ବର୍ଷ ଓ ୪୮ ବର୍ଷର ପୁରୁଷ, ଦେହୁର୍ଦ୍ଦା ଅଞ୍ଚଳର ୩୪ ଓ ୩୫ ବର୍ଷର ଯୁବକ, ଶ୍ରୀବତ୍ସପୁର ଅଞ୍ଚଳର ୪୨ ବର୍ଷର ଜଣେ ପୁରୁଷ, ପାଣିଷଣ୍ଢା ଅଞ୍ଚଳର ୩୬ ବର୍ଷର ଜଣେ ପୁରୁଷ, ଜଳେଶ୍ୱରପୁର ଅଞ୍ଚଳର ୨୭ ଓ ୨୮ ବର୍ଷର ଦୁଇଜଣ ଯୁବକ ଏବଂ ୬୦ ବର୍ଷର ଜଣେ ବୟସ୍କ, ନିଧିବଣି ଅଞ୍ଚଳର ୩୫ ବର୍ଷର ଯୁବକ ଏବଂ ତେଘରୀ ଅଞ୍ଚଳର ୫୦ ବର୍ଷର ପୁରୁଷ ଓ ୩୬ ବର୍ଷର ଯୁବକ ସ୍ଥାନୀୟ ସଂକ୍ରମଣ ଭାବେ ଚିହ୍ନଟ ହୋଇଛନ୍ତି। ସମସ୍ତେ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶ ଆସିଥିବା ଯୋଗୁଁ ସେମାନେ କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ତେବେ ଗତ କିଛିଦିନ ଧରି ଜିଲ୍ଲାରେ କ୍ରମାଗତ ଭାବେ ସ୍ଥାନୀୟ ସଂକ୍ରମଣ ବଢ଼ି ଚାଲିଥିବା ବେଳେ ଅଗଷ୍ଟ ମାସ ଶେଷ ସୁଦ୍ଧା ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା କେଉଁଠି ପହଞ୍ଚିବ ତାହାକୁ ନେଇ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

## ମୋ ବସ୍ ପାସ୍ ବୈଧତା ବୃଦ୍ଧି

ଭୁବନେଶ୍ୱର,୬।୮ (ନି.ପ୍ର): ସମସ୍ତ ଅନଲାଇନ୍ ମୋବସ୍ ବସ୍ ଭୁବନେଶ୍ୱର ପାସ୍ ଏବଂ ମ୍ୟାଜିକ୍ ପାସ୍ ର ବୈଧତା ବୃଦ୍ଧି କରାଯାଇଛି । କ୍ୟାପିଟାଲ ରିଜନ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି ।

ଫିଜିକାଲ୍ ପାସ୍ ଧାରକମାନେ ମାଷ୍ଟର କ୍ୟାଂଟିନ ଟର୍ମିନାଲ୍ କିମ୍ବା କ୍ରୁଟ୍ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସର ସକାଳ ୧୦ଟା ସଂଧ୍ୟା ୬ ଟା ମଧ୍ୟରେ ପାସ୍ ର ଅବଧି ବୃଦ୍ଧି କରାଇପାରିବେ ।

ଫିଜିକାଲ୍ ପାସ୍ ର ସମ୍ପ୍ରସାରଣ ପାଇଁ ଅଗଷ୍ଟ ୧୪ ତାରିଖ ଶେଷ ତାରିଖ ରଖାଯାଇଛି ।

## କରୋନାରେ ଦେଶରେ ୨୪ ଘଂଟାରେ ୯୦୪ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୬।୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୫୬୨୮୨ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୯୦୨ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ସଂଖ୍ୟା ୧୯୬୪୫୩୬ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତ୍ତମାନ ୫,୯୫୫୦୧ ସକ୍ରିୟ ରୋଗୀ ଅଛନ୍ତି । ଦେଶରେ ମୋଟ ୧୩୨୮୩୩୬ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୪୦୬୯୯ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ପ୍ରଶାସନର ଦୀର୍ଘବର୍ଷର ଉଦ୍ୟମ ହେଲା ସଫଳ: ରେମୁଣା ବଜାର ରାସ୍ତାପାର୍ଶ୍ୱ ଉଚ୍ଛେଦ ଜାରି

ବାଲେଶ୍ୱର,୬।୮ (ନି.ପ୍ର): ବାଲେଶ୍ୱର ପ୍ରଶାସନର ଦୀର୍ଘଦିନର ପ୍ରଚେଷ୍ଟା ଆଜି ସଫଳ ହେବା ସହ ରେମୁଣା ବଜାର ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇପାରିଛି । ଜନସାଧାରଣଙ୍କ ସହଯୋଗ ସହ ଏକ୍ସନ ମୁଡ୍‌ରେ ଥିବା ପ୍ରଶାସନିକ ଟିମ୍ ଏହି ରାସ୍ତାର ଉଭୟ ପାର୍ଶ୍ୱ ମାଡ଼ିବସିଥିବା ଦୋକାନକୁ ଉଚ୍ଛେଦ କରିଥିବା ଦେଖିବାକୁ ମିଳିଛି । ଆସନ୍ତା ଦୁଇଦିନ ମଧ୍ୟରେ ୨ଶହରୁ ଅଧିକ ଦୋକାନ ଗୃହ ଉଚ୍ଛେଦ ପାଇଁ ଲକ୍ଷ୍ୟ ଥିବା ରେମୁଣା ତହସିଲଦାର ଚାନ୍ଦ୍ୱ ନାୟକ ସୂଚନା ଦେଇଛନ୍ତି । ପଡ଼ୋଶୀ ମୟୂରଭଂଜ ଜିଲ୍ଲାକୁ ସଂଯୋଗ କରୁଥିବା ଏହି ରାସ୍ତା ଦେଇ ରେମୁଣା ଥାନା, ଇମାମୀ ପେପର ମିଲ୍ସ ଓ ବାଲେଶ୍ୱର ଆଲୋଏଜ ଶ୍ରୀଜଗନ୍ନାଥ ମନ୍ଦିର,




ଫକୀର ମୋହନ ବିଶ୍ୱବିଦ୍ୟାଳୟ ସମେତ ବହୁ ଶିକ୍ଷାନୁଷ୍ଠାନ ଏବଂ ଶିକ୍ଷାନୁଷ୍ଠାନକୁ ଦୈନିକ ହଜାର ହଜାର ଲୋକେ ଯା'ଆସ କରିଥା'ନ୍ତି । ମାତ୍ର ରେମୁଣାର ଦୋକାନୀମାନେ ଏହି ରାସ୍ତାପାର୍ଶ୍ୱକୁ ଜବରଦଖଲରେ ରଖିବା ଫଳରେ ପ୍ରତି କ୍ଷଣରେ ଏଠାରେ ଟ୍ରାଫିକ୍ ଜାମ୍ ହେଉଥିଲା । ଗୋଟିଏ ମିନିଟରେ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ଯାଉଥିବା ଶହ ଶହ ଯାନବାହାନକୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା । ଭିଡ଼ କମାଇବାକୁ ରେମୁଣା ପୁଲିସକୁ ନାକେଦମ ହେବାକୁ ପଡୁଥିଲା । ସବୁଠାରୁ ବଡ଼କଥା ହେଲା ଦୀର୍ଘ ସମୟ ଧରି ଟ୍ରାଫିକ୍ ଜାମ ହେବା ଫଳରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ଗାଡ଼ି ମଧ୍ୟ ଲୋକଙ୍କ ସେବାରେ ଆସିପାରୁ ନଥିଲା । ଏହି ରାସ୍ତାର ସମ୍ପ୍ରସାରଣ ପାଇଁ ବହୁବାର ଅର୍ଥ ମଞ୍ଜୁର ହୋଇଛି, ମାତ୍ର ଜବର ଦଖଲ ଉଚ୍ଛେଦ ନହେବା କାରଣରୁ ତାହା ଫେରିଯାଇଛି । ପ୍ରଶାସନ ପକ୍ଷରୁ ବାରମ୍ବାର ଉଦ୍ୟମ ହୋଇ ମଧ୍ୟ ଜବରଦଖଲ ଉଚ୍ଛେଦ କରାଯାଇ ପାରିନଥିଲା । ଶେଷରେ ଏହି ସଙ୍ଗୀନ ସ୍ଥିତିରେ ପ୍ରଭାବିତ ସ୍ଥାନୀୟ ବାସିନ୍ଦା ମୁହଁ ଖୋଲିବା ସହ ପ୍ରଶାସନକୁ ସମର୍ଥନ ଜଣାଇଥିଲେ । ରେମୁଣା ଅଞ୍ଚଳର ବୁଦ୍ଧିଜୀବୀଙ୍କ ସହଯୋଗ ପାଇ ପ୍ରଶାସନ ଆଜି ଉଚ୍ଛେଦ କରିବାରେ ସଫଳ ହୋଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରେମୁଣା ତହସିଲଦାର ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଟିମ୍ ଏହି ଉଚ୍ଛେଦ କାର୍ଯ୍ୟ ▶▶ପୃଷ୍ଠା ୭

## କଟକରୁ ୬୪ ପଜିଟିଭ୍

ଭୁବନେଶ୍ୱର,୬।୮ (ନି.ପ୍ର): କଟକ ସହରର ବିଭିନ୍ନ ଅଂଚଳରୁ ଗୁରୁବାର ମୋଟ ୬୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ୩୦ ଜଣ ସଂଗରୋଧରୁ ଥିବା ବେଳେ ୧୦ ଜଣ ହେଉଛନ୍ତି ସ୍ଥାନୀୟ ସଂକ୍ରମଣ । ସ୍ଥାନୀୟ ମାଲଗୋଦାମ ବେହେରା ସାହି କଂଟେନମେଂଟ ଜୋନ୍ ରୁ ୨୪ ଜଣ ଠାବ ହୋଇଛନ୍ତି ।ସେମାନଙ୍କ ମଧ୍ୟରୁ ୧୭ ଜଣ ପୁରୁଷ ହୋଇଥିବା ବେଳେ ୭ ଜଣ ମହିଳା । କଟକ ମହାନଗର ନିଗମ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସିଏମ୍‌ସି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ସାମନ୍ତସାହିରୁ ୯ ଜଣ ମହିଳାଙ୍କ ସମେତ ୧୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ପୂର୍ବରୁ ଚିହ୍ନଟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ । ସେହିପରି ତୁଳସୀପୁର ମଠସାହିରୁ ଜଣେ, ମାଛୁଆ ବଜାରରୁ ଜରେ, ସିଡିଏ ସେକ୍ଟର-୧୧ରୁ ଜଣେ କରୋନା ଆକ୍ରାନ୍ତ ହୋଇଛନ୍ତି । ଥୋରିଆ ସାହିରୁ ଜଣେ କୋଭିଡ ଯୋଦ୍ଧାଙ୍କୁ ମଧ କରୋନା ସଂକ୍ରମଣ ହୋଇଛି । ଆଜି ମୋଟ ୧୧ ଜଣ ସରକାରୀ କ୍ୱାରେଂଟାଇନରୁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧରୁ ୭ ଜଣ ପୁରୁଷ ଓ ଜଣେ ମହିଳା ଏସ୍‌ସିବି ମେଡିକାଲ ଆଇସୋଲେସନରୁ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ୩ ଜଣଙ୍କ ମଧରୁ ୨ ଜଣ ପୁରୁଷ ଓ ଜଣେ ମହିଳା ଅଛନ୍ତି ।

## ଜରାଗ୍ରସ୍ତ ବାପା ମାଆଙ୍କୁ ଚାହିଁଲେନି ୩ ପାରିଲା ପୁଅ

### ନ୍ୟାୟ ପାଇଁ ପ୍ରଶାସନଠାରେ ବୃଦ୍ଧ ପିତାମାତାଙ୍କ ଗୁହାରୀ



ବାଲେଶ୍ୱର,୬।୮(): ଜନ୍ମ ଦେଇଥିବା ୩ ପାରିଲା ପୁଅଙ୍କଠାରୁ ଉଚିତ ସେବା ନ ପାଇ ବୃଦ୍ଧ ପିତାମାତା ଶେଷରେ ପ୍ରଶାସନ ନିକଟରେ ଗୁହାରୀ କରିବା ଭଳି ଘଟଣାକୁ ନେଇ ବିଭିନ୍ନ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି । ବୃଦ୍ଧ ପିତାମାତା ହେଲେ ଖନ୍ତାପଡ଼ା ଥାନା ଅନ୍ତର୍ଗତ ଆରୁହାବାଡ଼ ଗ୍ରାମର ବାଉଲି ମୁଦୁଲି ଓ ଲୋପା ମୁଦୁଲି । ନ୍ୟାୟ ପାଇଁ ସେମାନେ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଦୀର୍ଘ ସମୟଧରି ବସି ରହିଥିବା ଦେଖିବାକୁ ମିଳିଥିଲା । କରିଥିବା ଆପତ୍ତି ଅନୁସାରେ ସେମାନଙ୍କର ତିନିପୁତ୍ର କମଳାକାନ୍ତ ମୁଦୁଲି, ମନୋରଂଜନ ମୁଦୁଲି ଓ କେଦାର ମୁଦୁଲି ନିଜ ନିଜର ପରିବାର ସହ ସୁଖ ସ୍ୱାଚ୍ଛନ୍ଦରେ ରହୁଥିଲେ ବି ବୃଦ୍ଧ ପିତାମାତାଙ୍କ ପ୍ରତି ସର୍ବଦା କଠୋର ମନୋଭାବ ପୋଷଣ କରୁଛନ୍ତି । ବଡ଼ପୁଅ କମଳାକାନ୍ତ ନିଜର ପରିବାର ସହ ବାହାର ରାଜ୍ୟରେ ରହୁଥିବା ବେଳେ ମଧ୍ୟମ ପୁତ୍ର ମନୋରଂଜନ ଓ କେଦାର ଆରୁହାବାଡ଼ସ୍ଥିତ ପୈତୃକ ଗୃହରେ ଭିନ୍ନେ ହୋଇ ରହୁଛନ୍ତି । ସାନପୁଅ କେଦାର ନିକଟରେ ଏବେ ଉଭୟ ପିତାମାତା ରହୁଥିଲେ ବି ସେମାନଙ୍କୁ କେଦାରଙ୍କ ପତ୍ନୀ ଭଲ ଦୃଷ୍ଟିରେ ଦେଖ ନଥିବା ସେ କହିଛନ୍ତି । ଅନ୍ୟପକ୍ଷରେ ମଝିଆଁ ପୁଅ ମନୋରଂଜନ କେବେ ବି ତାଙ୍କୁ ଗୋଟିଏ ▶▶ପୃଷ୍ଠା ୭

## କୋଭିଡ୍ କେୟାର ସେଣ୍ଟର ଲୋକାର୍ପିତ ଖୁବ୍ ଶୀଘ୍ର : ପର୍ଯ୍ୟବେକ୍ଷଣ କଲେ ରାଜ୍ୟସରକାରଙ୍କ ଅତିରିକ୍ତ ସଚିବ



ଜଳେଶ୍ୱର,୬।୮ (ନି.ପ୍ର): ଜଳେଶ୍ୱର ଓ ଭୋଗରାଇ ଅଂଚଳରେ ଖୋଲାଯାଉଥିବା କୋବିଦ୍ ହେମ ସେଣ୍ଟରରୁ ଲକ୍ଷଣଯୁକ୍ତ ରୋଗୀଙ୍କୁ ଚିକିତ୍ସାପାଇଁ ଜଳେଶ୍ୱର ଠାରେ ଏକ କୋବିଦ୍ କେୟାର ସେଣ୍ଟର ଖୁବ୍‌ଶୀଘା ଲୋକାର୍ପିତ ହେବାକୁ ଯାଉଛି । ଆଜି ଘଟଣା ସଂପର୍କରେ ରାଜ୍ୟରେ କୋଭିଦ୍ ଦାୟିତ୍‌ରେ ଥିବା ତଥା ଅତିରିକ୍ତ ଶାସନ ସଚିବ ମଧୁସୂଦନ ପାଢୀ ଜିଲାପାଳଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରି ଗ୍ରୀନ ସିଗ୍ନାଲ ଦେଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଜଳେଶ୍ୱର ବ୍ଲକରେ ଥିବା ୩୫ଟି ଓ ଭୋଗରାଇ ବ୍ଲକରେ ଥିବା ୫୦ଟି ପଂଚାୟତ ଗୁଡିକରେ ଖୋଲାଯାଇଥିବା କୋବିଦ୍ ହୋମ୍ ସେଣ୍ଟରରେ କୌଣସି ବ୍ୟକ୍ତିଙ୍କର କରୋନା ସଂପର୍କରେ ଲକ୍ଷଣ ପ୍ରକାଶ ପାଇଲେ ସେମାନଙ୍କୁ ଜଳେଶ୍ୱର ନିକଟ ଦୀନକୃଷ୍ଣ କଲେଜ ପରିସରରେ ଥିବା ନବନିର୍ମିତ ହଷ୍ଟେଲକୁ ସ୍ଥାନାନ୍ତର କରାଯିବ । ଏହି ହଷ୍ଟେଲକୁ କୋଭିଦ୍ କେୟାର୍ ସେଣ୍ଟର ଲାଗି ସମସ୍ତ ଅନୁକୂଳ ବାତାବରଣ ସୃଷ୍ଟି କରାଯାଇଛି । ୫୦ଜଣ କୋଭେିଦ୍ ରୋଗୀଙ୍କର ଚିକିତ୍ସା କରାଯିବା ସଂପର୍କରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ସୂଚନା ଦେଇଥିଲେ । ଅତିରିକ୍ତ ସଚିବ ମଧୁସୂଦନ ପାଢି ହଷ୍ଟେଲର ବିଭିନ୍ନ ସ୍ଥାନ ବୁଲି କେୟାର ସେଣ୍ଟା ଲାଗି କେତେଦୂର ଯୁକ୍ତିଯୁକ୍ତ ସେ ସଂପର୍କରେ ପର୍ଯ୍ୟ;ବକ୍ଷଣ ଓ ସମୀକ୍ଷା କରିଥିଲେ । ତାଙ୍କ ସହିତ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ବିଡିଓ ଦିପ୍ତିରଂଜନ ସେଠୀ, ଏସ୍‌ଡିପିଓ ଅଂକିତା କୁମ୍ଭାର, କଲେଜ ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ରାଉତ, ବ୍ଲକର ସେକ୍‌ସନ ଅଫିସର ଅଧିର ପ୍ରମାଣିକ ଘଟଣାସ୍ଥଳ ବୁଲି ଦେଖିଥିଲେ । ଅତିଶୀଘ୍ର ଏଠାରେ ରୋଗୀ ଚିକିତ୍ସା ଚାଲିବ ବୋଲି ଶ୍ରୀ ପାଢୀ ସୂଚନା ଦେଇଥିବା ପ୍ରକାଶ ।

## ଭୁବନେଶ୍ୱରରୁ ଆଉ ୧୧୮ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୬ ଅଗଷ୍ଟ - ଭୁବନେଶ୍ୱର ସହରରୁ ଗୁରୁବାର ୧୧୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମେସାନଙ୍କ ମଧ୍ୟରୁ ୭୧ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୪୭ ଜଣ ସ୍ଥାନୀୟ ଅକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ୯୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହାକୁ ମିଶାଇ ଭୁବନେଶ୍ୱରରୁ ମୋଟ ୩୪୭୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୧୫୧ ଜଣ ସୁସ୍ଥ ହୋଇଥିବା ବେଳେ ୧୮ ଜଣଙ୍କର ମୃତ୍ୟୁ ହୋଇଛି । ବର୍ତ୍ତମାନ ଆଉ ୧୩୦୧ ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଏହି ସୂଚନା ଦିଆଯାଇଛି ।

# ନୂଆ ୬୬ ଆକ୍ରାନ୍ତ ଚିହ୍ନଟ ପରେ ସଂଖ୍ୟା ଡେଇଁଲା ୮ଶହକୁ

ଭଦ୍ରକ,୬।୮ (ନି.ପ୍ର): ଭଦ୍ରକ ଜିଲ୍ଲାରେ ନୂତନ ଆକ୍ରାନ୍ତ ୬୬ଜଣ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮ଶହ ଟପିଛି । ଜିଲ୍ଲାରୁ ମୋଟ ୨୦ହଜାର ୮୩୦ଜଣଙ୍କ ନମୁନା ପରୀକ୍ଷା ହେବା ପରେ ମୋଟ ୮୦୫ଜଣ ପଜିଟିଭ୍ ବୋଲି ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୬୧୧ଜଣ ସୁସ୍ଥ ହୋଇ ସାରିଥିବାରୁ ମୋଟ ଆକ୍ଟିଭ କେଶ ଏବେ ୧୯୨ ରହିଛି । ନୂତନ ୬୬ ଆକ୍ରାନ୍ତ ମଧ୍ୟରୁ କ୍ୱାରେଣ୍ଟାଇନ ସେଣ୍ଟରରୁ ୨୧ ଓ ଲୋକାଲ କଣ୍ଟାକ୍ଟ ୪୫ଜଣ ବାହାରିଛନ୍ତି । ଭଦ୍ରକ ବ୍ଲକ ରାନ୍ଧିଆ ହାଇସ୍କୁଲ ଟିଏମ୍‌ସିରୁ ଜଣେ, ବନ୍ତ ବ୍ଲକ ଆଗରପଡା ବାଳିକା ଉଚ୍ଚ ବିଦ୍ୟାଳୟରୁ ଜଣେ, ତିହିଡି ବ୍ଲକ କୁବେରା ଜଇପୁର ଟିଏମ୍‌ସିରୁ ୨ଜଣ, ତିହିଡି ବାଳିକା ଉଚ୍ଚ ବିଦ୍ୟାଳୟରୁ ୫ଜଣ, ଭଣ୍ଡାରିପୋଖରୀ ବ୍ଲକ ସରସଦା ହାଇସ୍କୁଲ ଟିଏମ୍‌ସିରୁ ୬ଜଣ, ନାଆମି କଲେଜ ଟିଏମ୍‌ସିରୁ ୪ଜଣ, ଧାମନଗର ବ୍ଲକ ବମକୁରା ହାଇସ୍କୁଲ ଟିଏମ୍‌ସିରୁ ଜଣେ, ଭଦ୍ରକ ପୌରପାଳିକା ୨୫ ନଂ ୱାର୍ଡ ଗରଦପୁର ସଙ୍ଗତ ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଅନୁରୂପ ଭାବେ ବନ୍ତ ବ୍ଲକ ଅଡାଳପଙ୍କ ଗ୍ରାମର ଜଣେ ବ୍ୟକ୍ତି ଭୁବନେଶ୍ୱରର ଏମ୍‌ସ୍ ଚିକିତ୍ସାଧିନ ଥିବା ବେଳେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ରାମପୁର ଗ୍ରାମରୁ ୫ଜଣ, ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଣିଗଡିଆ ଗ୍ରାମରୁ ୭ଜଣ ଏବଂ ଧାମନଗର ବ୍ଲକ ବୟାଙ୍ଗଡିହି ପଞ୍ଚୟତ କମାରବନ୍ଧ ଗ୍ରାମରୁ ୮ଜଣ ଗୋଷ୍ଠୀ ସଂକ୍ରମଣରେ ସଂକ୍ରମିତ ହୋଇ ଆକ୍ରାନ୍ତ ଭାବେ ଚିହ୍ନଟ ହୋଇଛନ୍ତି । ଅନ୍ୟ ଲୋକାଲ କଣ୍ଟାକ୍ଟ ଭାବେ ଯେଉଁମାନେ ଚିହ୍ନଟ ହୋଇଛନ୍ତି ସେମାନେ ହେଲେ ଧାମନଗର ବ୍ଲକ ଆନନ୍ଦପୁର ଗ୍ରାମରୁ ଜଣେ, ଧୁଷୁରୀ ଥାନା ପୁଲିସ କ୍ୱାର୍ଟରରୁ ଜଣେ, ଅସୁରାଳି ଗଣେଶନଗର ଗ୍ରାମରୁ ଜଣେ,ଭଦ୍ରକ ବ୍ଲକ ଗୋପାଳବିନ୍ଧା ଗ୍ରାମରୁ ଜଣେ, ଚାନ୍ଦବାଲି ବ୍ଲକ ବିଜୟନଗର ବେଗୁନାଇ ଗ୍ରାମରୁ ଜଣେ, ବାସୁଦେବପୁର ବ୍ଲକ କିସ୍ମତକୃଷ୍ଣପୁର ଗ୍ରାମରୁ ଜଣେ, ବନ୍ତ ବ୍ଲକ କାଣ୍ଡବା ଗ୍ରାମରୁ ଜଣେ, ଭଦ୍ରକ ପୌରପାଳିକା ୭ ନଂ ୱାର୍ଡ ଗବେସାହି ଗ୍ରାମରୁ ୨ଜଣ, ୯ ନଂ ୱାର୍ଡ ଚାରିଘରିଆ ଗ୍ରାମରୁ ଜଣେ, ୧୩ ନଂ ୱାର୍ଡ ନୂଆବଜାର ଅଞ୍ଚଳରୁ ଜଣେ, ୨୭ ନଂ ୱାର୍ଡ ପୁରୁଣାବଜାର ଅଞ୍ଚଳରୁ ୨ଜଣ, ୧୫ ନଂ ୱାର୍ଡ କୁଆଁସ ଗ୍ରାମରୁ ଜଣେ, ୨୦ ନଂ ୱାର୍ଡ ଶଙ୍କରପୁର ଗ୍ରାମରୁ ଜଣେ, ୧୨ ନଂ ୱାର୍ଡ ସାବନବଜାର ପୁଲିସ କଲୋନୀରୁ ଜଣେ, ୨ ନଂ ୱାର୍ଡ ବରାଳପୋଖରୀ ଗ୍ରାମରୁ ଜଣେ, ଜଣେ କେନ୍ଦୁଝର ଜିଲ୍ଲା ଓରାଳି ଗ୍ରାମର ଏବଂ ୨ଜଣ ବ୍ରାହ୍ମଣୀପାଳ ଅଞ୍ଚଳର, କଟକ ଜିଲ୍ଲା ଆଠଗଡ ତିଗିରିଆ ଅଞ୍ଚଳର ଜଣେ, ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ଗ୍ରାମରୁ ୨ଜଣ, ଆଦମପୁର ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଭଦ୍ରକ ଜିଲ୍ଲାର ଏହି ସବୁ ଆକ୍ରାନ୍ତ ରହୁଥିବା ଅଞ୍ଚଳ ଗୁଡିକ ମଧ୍ୟରୁ ଯେଉଁସବୁ ଅଞ୍ଚଳ ପୂର୍ବରୁ କଣ୍ଟେନମେଣ୍ଟଜୋନ ରହିଥିଲା, ସେ ସବୁ କଣ୍ଟେନମେଣ୍ଟଜୋନ୍‌ର ସମୟସୀମାରେ ବୃଦ୍ଧି କରାଯାଇଥିବା ବେଳେ ନୂଆ ଅଞ୍ଚଳକୁ କଣ୍ଟେନମେଣ୍ଟଜୋନ ଭାବେ ଘୋଷଣା କରାଯାଇଛି ।

## ସୁସ୍ଥ ହେଲେ ଆଉ ୧୧୫୦ ଆକ୍ରାନ୍ତ

ଭୁବନେଶ୍ୱର,୬।୮ (ନି.ପ୍ର): ରାଜ୍ୟର ୨୯ଟି ଜିଲ୍ଲାରୁ ଗୁରୁବାର ଦିନ ୧୧୫୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥିଲାଗି ରାଜ୍ୟ ସରକାର କରୋନା ଯୋଦ୍ଧାଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି । ଏଥିସହ ରାଜ୍ୟରେ ସୁସ୍ଥ ହୋଇଥିବା ଲୋକଙ୍କର ସଂଖ୍ୟା ୨୬ ହଜାର ୮୮୭କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଗଂଜାମ ଜିଲ୍ଲାରୁ ସର୍ବାଧିକ ୨୯୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଖୋର୍ଦ୍ଧା ଜିଲ୍ଲାରୁ ୧୯୭ ଜଣ, ରାୟଗଡ଼ା ଜିଲ୍ଲାରୁ ୧୨୧ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୭୬ ଜଣ, ଯାଜପୁର ଜିଲ୍ଲାରୁ ୪୭ ଜଣ, କୋରାପୁଟ ଜିଲ୍ଲାରୁ ୪୫ ଜଣ, କଟକ ଜିଲ୍ଲାରୁ ୪୪ ଜଣ, ପୁରୀ ଜିଲ୍ଲାରୁ ୪୦ ଜଣ, ନୟାଗଡ଼ ଜିଲ୍ଲାରୁ ୩୫ ଜଣ, କେନ୍ଦୁଝର ଜିଲ୍ଲାରୁ ୩୩ ଜଣ ଓ ବାଲେଶ୍ୱର ଜିଲ୍ଲାରୁ ୨୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କଳାହାଣ୍ଡି ଜିଲ୍ଲାରୁ ୨୫ ଜଣ, ମୟୂରଭଂଜ ଜିଲ୍ଲାରୁ ୨୪ ଜଣ, ସମ୍ବଲପୁର ଜିଲ୍ଲାରୁ ୨୩ ଜଣ, ବଲାଙ୍ଗୀର ଜିଲ୍ଲାରୁ ୨୨ ଜଣ, ଭଦ୍ରକ ଜିଲ୍ଲାରୁ ୧୫ ଜଣ, କନ୍ଧମାଳ ଜିଲ୍ଲାରୁ ୧୪ ଜଣ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୧ ଜଣ, ମାଲକାନଗିରି ଜିଲ୍ଲାରୁ ୧୦ ଜଣ, ନୂଆପଡ଼ା ଜିଲ୍ଲାରୁ ୮ ଜଣ, ବରଗଡ଼ ଜିଲ୍ଲାରୁ ୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୬ ଜଣ, ଅନୁଗୁଳ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ୫ ଜଣ ଲେଖାଏଁ, ଗଜପତି ଓ ଜଗତସିଂହପୁର ଜିଲ୍ଲାରୁ ୪-୪ ଜଣ, ବୌଦ୍ଧ ଜିଲ୍ଲାରୁ ୨ ଜଣ ଓ ନବରଙ୍ଗପୁର ଜିଲ୍ଲାରୁ ଜଣେ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo